ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୭/୨୦୨୩ (୧୪ ପୃଷ୍ଠା) | Bhubaneswar, Tuesday, February 7/2023 | Page 14 | ₹ 7.00 | SAMBALPUR
୪୯ଶ ଭାଗ ୭୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 75 | ମୂଲ୍ୟ ₹୭/-



**ନିମନ୍ତ୍ରଣ ରଖିଲେ ସୋନୁ**

ଜୟପୁରରେ ଜଣେ ବ୍ୟକ୍ତି ବଲିଉଡ୍ ଅଭିନେତା ସୋନୁ ସୁଦ୍‌ଙ୍କ ନାମରେ ଏକ ଦୋକାନ କରିଥିବାବେଳେ ସେ ତାଙ୍କ ନିମନ୍ତ୍ରଣ ରଖି ସେଠାରେ ପାଓଭାଜି ଖାଇଛନ୍ତି।

୧୦

୧୪

**ଭାରୋତ୍ତୋଳନରେ ଭିନତାଇଙ୍କ ଜାତୀୟ ରେକର୍ଡ**

ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଭାରୋତ୍ତୋଳନରେ ଜାତୀୟ ରେକର୍ଡ ସ୍ଥାପନ କରିଛନ୍ତି ନାଶିକର ୧୭ ବର୍ଷୀୟା ଭିନତାଇ ଆହେର୍।





ଭୂକମ୍ପରେ ତୁର୍କୀର ଦିୟାର୍ବାକିର୍ ସହରରେ ଭୁଶୁଡ଼ି ପଡ଼ିଥିବା କୋଠା।

# ତୁର୍କୀ, ସିରିଆରେ ଭୂକମ୍ପ ୨୩୦୦ ମୃତ

- ବହୁ କୋଠା ମାଟିରେ ମିଶିଲା
- ଉଦ୍ଧାର କାର୍ଯ୍ୟ ଜାରି
- ସହାୟତା ପଠାଇବ ଭାରତ

ଇସ୍ତାନବୁଲ୍/ଦମାସ୍କସ୍,୬।୨

ତୁର୍କୀ ଓ ସିରିଆରେ ରବିବାର ବିଳମ୍ବିତ ରାତିରେ ବଡ଼ ଧରଣର ଭୂକମ୍ପ ହୋଇଛି। ଲୋକେ ଶୋଇଥିବାବେଳେ ଭୂମିକମ୍ପ ହେବାରୁ ୨,୩୦୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇବା ସହ ବହୁ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାବେଳେ ଭଗ୍ନାବଶେଷ ତଳେ ଅନେକ ହଜାର ଲୋକ ଚାପିହୋଇ ରହିଛନ୍ତି। ତେଣୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଭୂକମ୍ପରେ ଘରଗୁଡ଼ିକ ମାଟିରେ ମିଶିଯାଇଛି। ଭଗ୍ନାବଶେଷ ତଳୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ରାତିରେ ହୋଇଥିବା ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୭.୮ ରହିଥିଲା, ଯାହାର କମ୍ପନ ଗ୍ରୀନ୍‌ଲାଣ୍ଡ ଏବଂ ସାଇପ୍ରସ୍ ଦ୍ୱୀପ ପର୍ଯ୍ୟନ୍ତ ଅନୁଭୂତ ହୋଇଥିଲା। ଏହାର କିଛି ଘଣ୍ଟା ପରେ ୭.୭ ତୀବ୍ରତା ବିଶିଷ୍ଟ ଆଉ ଏକ ଭୂକମ୍ପ ହେବାରୁ ତୁର୍କୀର କେତେକ ଜନବସତି ବହୁଳ ବୃହତ୍ ସହର ଧ୍ୱଂସ ହୋଇଯାଇଛି। ସିରିଆ ଗୃହଯୁଦ୍ଧ ସମୟରେ ଲକ୍ଷାଧିକ ଲୋକ ପଳାଇଆସି ଉକ୍ତ ଅଞ୍ଚଳରେ ବସବାସ କରୁଥିଲେ।

ତୁର୍କୀର ଦକ୍ଷିଣ ଭାଗ ଏବଂ ସିରିଆର ଉତ୍ତର ପାର୍ଶ୍ୱରେ ଭୂକମ୍ପ ଅନୁଭୂତ ହୋଇଥିଲା। ସିରିଆର ଜାତୀୟ ଭୂକମ୍ପ କେନ୍ଦ୍ରର ମୁଖ୍ୟ ରାଏଦ୍ ଅହମଦଙ୍କ କହିବା ଅନୁଯାୟୀ ଉକ୍ତ କେନ୍ଦ୍ର ଇତିହାସରେ ଏହା ହେଉଛି ସବୁଠୁ ବଡ଼ ଭୂମିକମ୍ପ। ସିରିଆର ବିଦ୍ରୋହୀ ଏବଂ ସରକାରଙ୍କ ନିୟନ୍ତ୍ରଣରେ ଥିବା ଅଞ୍ଚଳରେ ଅନ୍ୟୂନ ୫୬୦ ଜଣଙ୍କ ମୃତ୍ୟୁ ଘଟିଛି। ତୁର୍କୀରେ ଭୂକମ୍ପଜନିତ ମୃତ୍ୟୁସଂଖ୍ୟା ୧୫୦୦ ଟପିଥିବାବେଳେ ୫ ହଜାରରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ରାଷ୍ଟ୍ରପତି ରେସିପ୍ ତାୟିପ ଏର୍ଡୋଗାନ୍ ସୂଚନା ଦେଇଛନ୍ତି। ଦୁଇ ଦଶନ୍ଧି ମଧ୍ୟରେ ଏହା ସବୁଠୁ ଶକ୍ତିଶାଳୀ ଭୂକମ୍ପ ବୋଲି ସେ କହିଛନ୍ତି। ରାତିର ଭୂକମ୍ପ ପରେ ୫୦ରୁ ଊର୍ଦ୍ଧ୍ୱ ଥର ପଶ୍ଚାତ୍ କମ୍ପନ ଅନୁଭୂତ ହୋଇଥିଲା। ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରହିଥିବାବେଳେ ସୋମବାର ଅପରାହ୍ନରେ ହୋଇଥିବା ଦ୍ୱିତୀୟ ଭୂକମ୍ପ ଉକ୍ତ ଅଞ୍ଚଳକୁ ସମ୍ପୂର୍ଣ୍ଣ ଦୋହଲାଇଦେଇଛି। ଏହା ତୁର୍କୀ ରାଜଧାନୀ ଆଙ୍କାରା ଏବଂ ଇରାକର କୁର୍ଦ୍ଦିସ୍ତାନ ସହର ଇର୍ବିଲ ପର୍ଯ୍ୟନ୍ତ ଅନୁଭୂତ ହୋଇଛି। ବିଭିନ୍ନ ସହରରେ ରେସ୍କ୍ୟୁ ଟିମ୍ ଏବଂ ବାସିନ୍ଦାମାନେ ଉଦ୍ଧାର କାର୍ଯ୍ୟରେ ☞ପୃଷ୍ଠା-୪

# ଇତିହାସ ରଚିଲେ ବେୟୋନ୍ସେ

## ଜିତିଛନ୍ତି ସର୍ବାଧିକ 'ଗ୍ରାମୀ ଆୱାର୍ଡ'



ଲସ୍‌ଏଞ୍ଜେଲ୍ସ ୬।୨

ଆମେରିକୀୟ କଣ୍ଠଶିଳ୍ପୀ, ସଙ୍ଗୀତ ସଂଳାପିକା ଏବଂ ଡ୍ୟାନ୍ସର ବେୟୋନ୍ସେ ସର୍ବାଧିକ 'ଗ୍ରାମୀ ଆୱାର୍ଡ' ଜିତି ମ୍ୟୁଜିକ୍ ଇଣ୍ଡଷ୍ଟ୍ରିରେ ଇତିହାସ ସୃଷ୍ଟି କରିଛନ୍ତି। ଆମେରିକାର ଲସ୍‌ଏଞ୍ଜେଲ୍ସଠାରେ ରବିବାର ଅନୁଷ୍ଠିତ ୬୫ତମ ଗ୍ରାମୀ ଆୱାର୍ଡ ସମାରୋହରେ ବେୟୋନ୍ସେଙ୍କୁ ତାଙ୍କ ଆଲବମ୍ 'ରିନେସାନ୍ସ' ପାଇଁ ସମ୍ମାନିତ କରାଯାଇଛି। ବେଷ୍ଟ ଡ୍ୟାନ୍ସ ଏବଂ ଇଲେକ୍ଟ୍ରୋନିକ ମ୍ୟୁଜିକ୍ କାଟାଗୋରିରେ ବେୟୋନ୍ସେଙ୍କ ଆଲ୍‌ବମ୍‌କୁ ଚୟନ କରାଯାଇଥିଲା। ଚଳିତ ବର୍ଷ ସେ ଏକକାଳୀନ ୩ଟି ଆୱାର୍ଡ ନିଜ ନାମରେ କରିଛନ୍ତି। ବେୟୋନ୍ସେ ସର୍ବାଧିକ ୩୨ଟି ଗ୍ରାମୀ ଆୱାର୍ଡ ଜିତି ଏବେ ଅଧିକ ଚର୍ଚ୍ଚା ଓ ପ୍ରଶଂସା ସାଉଁଟିବାରେ ଲାଗିଛନ୍ତି। ଏହି ଅବସରରେ ବେୟୋନ୍ସେ ନିଜ ଅଭିଭାବକ ଏବଂ ଏଲ୍‌ଜିବିଟିକ୍ୟୁ କମ୍ୟୁନିଟିକୁ ଧନ୍ୟବାଦ ଜଣାଇଛନ୍ତି। ସେମାନଙ୍କ ଭଲ ପାଇବା ଏବଂ ସହଯୋଗ ପାଇଁ ବେୟୋନ୍ସ ଅନେକଙ୍କ ପ୍ରିୟଭାଜନ ହୋଇପାରିଥିବା କହିଛନ୍ତି। ଅନ୍ୟପକ୍ଷେ ନିଜର ଏହି ବିରାଟ ସଫଳତା ପାଇଁ ସେ ସମସ୍ତ ଶ୍ରେୟ ତାଙ୍କ ମାମୁଙ୍କୁ ଦେଇଛନ୍ତି। ତାଙ୍କ ମାମୁ ଜଣେ ସମଲିଙ୍ଗୀ ହୋଇଥିବାବେଳେ ନିଜ ମ୍ୟୁଜିକାଲ କ୍ୟାରିୟର୍ ଆରମ୍ଭ କରିବା ସମୟରେ ତାଙ୍କୁ ବହୁ ସାହାଯ୍ୟ କରିଥିବା ବେୟୋନ୍ସେ ଗ୍ରାମୀ ପୁରସ୍କାର ଗ୍ରହଣ କରିବାବେଳେ କହିଛନ୍ତି। ହଙ୍ଗେରୀ-ବ୍ରିଟିଶ ଗୀତିକାର ସୋଲ୍ଟି ୧୯୯୭ ମସିହାରେ ୩୧ଟି ଗ୍ରାମୀ ଆୱାର୍ଡ ଜିତି ରେକର୍ଡ କରିଥିଲେ। ବେୟୋନ୍ସେ ବର୍ତ୍ତମାନ ସୋଲ୍ଟିଙ୍କ ଏହି ରେକର୍ଡକୁ ନିଜ ନାମରେ କରିଛନ୍ତି।

**ଭାରତୀୟ ସଙ୍ଗୀତ ସଂଳାପକ ରିକି ସମ୍ମାନିତ**

ଚଳିତବର୍ଷ ଭାରତୀୟ ମ୍ୟୁଜିକ୍ କମ୍ପୋଜର ରିକି ରେଜ୍‌ଙ୍କୁ ମଧ୍ୟ ଗ୍ରାମୀ ପୁରସ୍କାରରେ ସମ୍ମାନିତ କରାଯାଇଛି। ତାଙ୍କ ମ୍ୟୁଜିକାଲ ଆଲବମ୍ 'ଡିଭାଇନ୍ ଟାଇଡ୍'କୁ ବେଷ୍ଟ ଇମେର୍ସିଭ୍ ଅଡିଓ ଆଲବମ୍ କାଟାଗୋରିରେ ଚୟନ କରାଯାଇଥିଲା। ରିକି ଏବଂ ବ୍ରିଟିଶ ରକ୍ ବ୍ୟାଣ୍ଡ 'ଦି ପୋଲିସ' ମିଳିତ ଭାବେ ଏହି ଆଲବମ୍ ନିର୍ମାଣ କରିଛନ୍ତି। ଏହା ରିକିଙ୍କ ତୃତୀୟ ଗ୍ରାମୀ ଆୱାର୍ଡ। ସୋସିଆଲ ମିଡିଆ ପୋଷ୍ଟ ଜରିଆରେ ସେ ଏହି ପୁରସ୍କାରକୁ ଭାରତ ନାଁରେ ଉତ୍ସର୍ଗ କରିଥିବା କହିଛନ୍ତି।

# ୩୪ ଡିଗ୍ରୀ ଡେଇଁଲା ପାରଦ

## ଆହୁରି ତତେଇବ ଫେବୃୟାରୀ

ଭୁବନେଶ୍ୱର,୬।୨(ବ୍ୟୁରୋ)

ଚଳିତବର୍ଷ ଫେବୃୟାରୀରୁ ପାରଦ ଉପରମୁହାଁ ହେବା ଆରମ୍ଭ କରିଛି। ସର୍ବନିମ୍ନ ତାପମାତ୍ରା ୩୪ ଡିଗ୍ରୀ ଡେଇଁଲାଣି। ଆସନ୍ତା ସପ୍ତାହରେ ଆହୁରି ତତେଇବ। ସ୍ୱାଭାବିକଠାରୁ ତାପମାତ୍ରା ଅଧିକ ରହିବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବର୍ଷାର ଅଭାବ, ଜଳବାୟୁରେ ପରିବର୍ତ୍ତନ ଓ ଜଙ୍ଗଲ ହ୍ରାସ ଯୋଗୁ ତାତି ବଢ଼ିବା ସମ୍ଭାବନା ରହିଛି। ଚଳିତବର୍ଷ ରାଜ୍ୟରେ ଫେବୃୟାରୀ ମାସରେ ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରୀ ଅଧିକ ରହିବ ବୋଲି ଅନୁମାନ କରାଯାଉଛି। ରବିବାର ରାଜ୍ୟର ଅଧିକାଂଶ ଅଞ୍ଚଳରେ ଦିନର ତାପମାତ୍ରା ୩୦ ଡିଗ୍ରୀ ଉପରେ ରହିଥିବା ବେଳେ ସୋମବାର ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଆଦାନୀ ନୁହେଁ ଭାରତ**

# ପିଟି ମାରିଦେଲେ ବନ ଅଧିକାରୀ

- ବଡ଼ମ୍ବା ବନାଞ୍ଚଳ ଅଧିକାରୀଙ୍କ ବିରୋଧରେ ହତ୍ୟା ଅଭିଯୋଗ
- ଉତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ, ବିଟ୍ ହାଉସ୍ ଭଙ୍ଗାରୁଜା
- ୧୬ ବନ କର୍ମଚାରୀ ଆଠଗଡ଼ ଥାନାରେ ଅଟକ
- ପ୍ରଶାସନ ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକୋ

ବଡ଼ମ୍ବା/ତିଗିରିଆ/ଆଠଗଡ଼(ଡି.ଏନ୍.ଏ),୬।୨

ବଡ଼ମ୍ବା ବନାଞ୍ଚଳ ଅନ୍ତର୍ଗତ ହିଣ୍ଡିଣ୍ଡା ସଂରକ୍ଷିତ ଜଙ୍ଗଲରେ ଦନ୍ତାହାତୀ ହତ୍ୟା ଅଭିଯୋଗରେ ବନ ବିଭାଗ କର୍ମଚାରୀଙ୍କ ଦ୍ୱାରା ଗିରଫ ହୋଇଥିବା ଧନେଶ୍ୱର ବେହେରା(୫୬)ଙ୍କ ରବିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ବନ ବିଭାଗ କର୍ମଚାରୀମାନେ ଧନେଶ୍ୱରଙ୍କୁ କୌଣସି ଏକ ଅଜ୍ଞାତ ସ୍ଥାନକୁ ନେଇ ପିଟି ପିଟି ମାରିଦେଇଥିବା ପରିବାର ଲୋକ ଏବଂ ସମ୍ପର୍କୀୟମାନେ ଅଭିଯୋଗ ଆଣିଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦ ୫୦ଲକ୍ଷ ଟଙ୍କା, ତାଙ୍କ ପୁଅଙ୍କୁ ଚାକିରି ଏବଂ ଧନେଶ୍ୱରଙ୍କୁ ପିଟି ମାରିଥିବା ଅଧିକାରୀ ଓ କର୍ମଚାରୀଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ସ୍ଥାନୀୟ ଲୋକମାନେ ରାସ୍ତାରୋକୋଠାରୁ ଆରମ୍ଭ କରି ବାଣପୁର ବିଟ୍‌ରେ ଭଙ୍ଗାରୁଜା କରିଛନ୍ତି। ଅପରପକ୍ଷରେ ରବିବାର ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଧନେଶ୍ୱରଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ୨ସହକାରୀ ବନ ସଂରକ୍ଷକ, ବଡ଼ମ୍ବା



ଧନେଶ୍ୱର ବେହେରା

ବନାଞ୍ଚଳ ଅଧିକାରୀ ଏବଂ ୩ ବନପାଳଙ୍କ ସମେତ ୧୬ଜଣଙ୍କୁ ଆଠଗଡ଼ ଥାନାରେ ଅଟକ ରଖାଯାଇଛି। ସେମାନଙ୍କ ମଧ୍ୟରେ ୨ସହକାରୀ ବନ ସଂରକ୍ଷକ ଘନଶ୍ୟାମ ମୁଦୁଲି, ହରେକୃଷ୍ଣ ମଲ୍ଲିକ, ବଡ଼ମ୍ବା ବନାଞ୍ଚଳ ଅଧିକାରୀ ସୁବ୍ରତ ବେହେରା ପ୍ରମୁଖ ରହିଛନ୍ତି। ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଓ କଟକ ଗ୍ରାମାଞ୍ଚଳ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କୃଷ୍ଣ ପ୍ରସାଦ ପଟ୍ଟନାୟକ ଅଟକ ଥିବା କର୍ମଚାରୀମାନଙ୍କୁ ପଚରାଉଚରା କରୁଛନ୍ତି। ମଙ୍ଗଳବାର ସେମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପଟ୍ଟନାୟକ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ମୃତକଙ୍କ ସ୍ତ୍ରୀ ତୁଳସୀ ବେହେରାଙ୍କ ବଡ଼ମ୍ବା ଥାନାରେ ଲିଖିତ ଅଭିଯୋଗକୁ ଆଧାର କରି ଏକ ମାମଲା(ନଂ. ୨୫/୨୦୨୩) ରୁଜୁ ହୋଇ ଘଟଣାର ତଦନ୍ତ ଜାରି ରହିଛି।

ମିଳିଥିବା ସୂଚନା ଅନୁସାରେ, ପ୍ରାୟ ୫ଦିନ ତଳେ ବଡ଼ମ୍ବା ସୀମାବର୍ତ୍ତୀ ଜଙ୍ଗଲରେ ଏକ ହାତୀକୁ ଶିକାର କରାଯାଇ ତାର ଦାନ୍ତକୁ ଦୁର୍ବୃତ୍ତ କାଟି ନେଇଥିଲେ। ଉକ୍ତ ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲେ ମଧ୍ୟ ବନବିଭାଗ ସମ୍ପୃକ୍ତ ଅଭିଯୁକ୍ତଙ୍କ ସନ୍ଧାନ ପାଇ ନ ଥିଲା। ରବିବାର ବଡ଼ମ୍ବା ଥାନା ଅନ୍ତର୍ଗତ ସାତଗୋଛିଆ ଗ୍ରାମର ଧନେଶ୍ୱର ଓ ତାଙ୍କ ପରିବାରର ଅନ୍ୟ ☞ପୃଷ୍ଠା-୪

# ଆଦାନୀ ଜାଲିଆତିର ତଦନ୍ତ ଦାବି

## ଦେଶବ୍ୟାପୀ କଂଗ୍ରେସର ବିକ୍ଷୋଭ

ନୂଆଦିଲ୍ଲୀ,୬।୨(ପି.ଟି.)

ଆମେରିକାର ଶର୍ଟ ସେଲର କମ୍ପାନୀ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଆଦାନୀ ଗ୍ରୁପ୍ ବିରୋଧରେ ଜାଲିଆତ ଅଭିଯୋଗ ଆଣିବା ପରେ ଏହାର ତଦନ୍ତ ଦାବିରେ ସୋମବାର ବିରୋଧୀ ଦଳ ପାର୍ଲାମେଣ୍ଟ ଅଚଳ କରିଥିବାବେଳେ କଂଗ୍ରେସ ପକ୍ଷରୁ ଦେଶବ୍ୟାପୀ ଏସ୍‌ବିଆଇ ଏବଂ ଏଲ୍‌ଆଇସି କାର୍ଯ୍ୟାଳୟ ବାହାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ତତ୍ତ୍ୱାବଧାନରେ କିମ୍ବା ଯୁଗ୍ମ ସଂସଦୀୟ କମିଟି ଦ୍ୱାରା ତଦନ୍ତ କରାଇବାକୁ ବିରୋଧୀ ଦଳ ଦାବି କରିଛି। ବିଭିନ୍ନ ସହରର ଏଲ୍‌ଆଇସି କାର୍ଯ୍ୟାଳୟ ଏବଂ ଷ୍ଟେଟ୍ ବ୍ୟାଙ୍କ ଶାଖା ସମ୍ମୁଖରେ କଂଗ୍ରେସ ସଦସ୍ୟମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। କେତେକ ସ୍ଥାନରେ ବିକ୍ଷୋଭ ବେଳେ ପୋଲିସ ସହ କଂଗ୍ରେସ କର୍ମୀଙ୍କ ଧସ୍ତାଧସ୍ତି ହୋଇଥିଲା। ବିକ୍ଷୋଭକାରୀମାନେ ପ୍ଲାକାର୍ଡ ଧରି କେତେକ ସ୍ଥାନରେ ବ୍ୟାରିକେଡ୍ ଉପରେ ଚଢ଼ୁଥିବାର ଭିଡିଓ ଅନ୍‌ଲାଇନରେ ଦେଖିବାକୁ ମିଳିଛି। ସରକାର ଗୌତମ ଆଦାନୀଙ୍କୁ ସୁରକ୍ଷା ଦେଉଥିବା ବିରୋଧୀ ଅଭିଯୋଗ କରିଛନ୍ତି।

ସୋମବାର ସକାଳେ ପାର୍ଲାମେଣ୍ଟ ଭବନ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଆଗରେ ୧୭ଟି ବିରୋଧୀ ଦଳର ନେତାମାନେ ସରକାର ବିରୋଧୀ ସ୍ଲୋଗାନ ଦେବା ସହ ଆଦାନୀ ☞ପୃଷ୍ଠା-୪




ପାର୍ଲାମେଣ୍ଟ ପରିସରସ୍ଥିତ ଗାନ୍ଧୀମୂର୍ତ୍ତି ଆଗରେ ୧୭ ବିରୋଧୀ ଦଳର ନେତାମାନେ ଆଦାନୀ ଗ୍ରୁପ୍ ବିରୋଧରେ ତଦନ୍ତ ଦାବିରେ ବିକ୍ଷୋଭ କରୁଛନ୍ତି।

**ହ୍ୱାଟ୍ସଆପ୍‌ରେ ଖାଦ୍ୟ ଅର୍ଡର କରିପାରିବେ ଟ୍ରେନ୍ ଯାତ୍ରୀ**

ଟ୍ରେନ୍ ଯାତ୍ରୀମାନେ ଖୁବ୍‌ଶୀଘ୍ର ଏକ ହ୍ୱାଟ୍ସଆପ୍ ନମ୍ବର ଜରିଆରେ ଖାଦ୍ୟ ପାଇଁ ଅର୍ଡର କରିପାରିବେ। ଏକ ଇଣ୍ଟରାକ୍ଟିଭ୍ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସମର୍ଥ ଚାଟବୁଟ୍ ସେମାନଙ୍କ ଅର୍ଡରକୁ ଇ-କ୍ୟାଟରିଂରେ ପରିଚାଳନା କରାଇବା ସହ ଖାଦ୍ୟ ବୁକ୍ କରାଇବ। ଆଇଆରସିଟିସି କେତେକ ନିର୍ଦ୍ଦିଷ୍ଟ ରୁଟ୍‌ରେ ହ୍ୱାଟ୍ସଆପ୍ ନମ୍ବର +୯୧୮୭୫୦୦୦୧୩୨୩ ଜରିଆରେ ଖାଦ୍ୟ ଯୋଗାଇ ଦେଉଛି। ନିର୍ଦ୍ଦିଷ୍ଟ ଟ୍ରେନ୍ ଓ ଯାତ୍ରୀମାନଙ୍କୁ ଏହି ଇ-କ୍ୟାଟରିଂ ସେବା ହ୍ୱାଟ୍ସଆପ୍ ଜରିଆରେ ଉପଲବ୍ଧ ହେଉଛି।





ଭୂକମ୍ପ ପ୍ରଭାବରେ ତୁର୍କୀର ମାଲାତ୍ୟାରେ ଥିବା ଐତିହାସିକ ୟେନି ମସଜିଦ୍ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି।



ଦିୟାରବାକିରରେ ଏକ ବିଲ୍ଡିଂରେ ରେସ୍କ୍ୟୁ ଅପରେଶନ୍ ଚାଲିଛି।

# ତାସଘର ଭଳି ଭୁଶୁଡ଼ିଲା କୋଠା

## ୩ ଶକ୍ତିଶାଳୀ ଭୂକମ୍ପରେ ଦୋହଲିଲା ତୁର୍କୀ-ସିରିଆ

ଇସ୍ତାନବୁଲ, ୬।୨

ଗୋଟିଏ ଦିନରେ ତିନିଟି ଶକ୍ତିଶାଳୀ ଭୂକମ୍ପ ତୁର୍କୀ ଏବଂ ସିରିଆକୁ ଦୋହଲାଇ ଦେଇଛି। ଦୁଇ ଦେଶର ପାରିପାର୍ଶ୍ୱିକ ବାତାବରଣର ଚିତ୍ର ମଧ୍ୟ ବଦଳିଯାଇଛି। ଚାରିଆଡ଼େ କାନ୍ଦ ବୋବାଳିର ଶବ୍ଦ ଶୁଣାଯାଉଥିବାବେଳେ ଡାକ୍ତରଖାନାରେ ରକ୍ତଭିଜା ଶରୀରରେ ଛାଇ ହୋଇଯାଇଛି। ବିଲ୍ଡିଂର ଭଗ୍ନାବଶେଷରେ ରାସ୍ତାଘାଟ ସବୁ ଅବରୋଧ ହୋଇଯାଇଛି। ଭୂକମ୍ପ ପ୍ରଭାବରେ ତାସଘର ଭଳି କୋଠାମାନ ଭୁଶୁଡୁଥିବା ଦେଖିବାକୁ ମିଳିଛି। ଭୂକମ୍ପରେ ୨୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଭଗ୍ନାବଶେଷ ତଳେ ଶତାଧିକ ଲୋକେ ଫସି ରହିଥିବା ବିଶ୍ୱାସ କରାଯାଉଛି। ଭୂକମ୍ପଜନିତ ମୃତ୍ୟୁ ସଂଖ୍ୟାରେ ବୃଦ୍ଧି ଘଟିବାର ଆଶଙ୍କା ରହିଛି। ୭.୮ ତୀବ୍ରତା ବିଶିଷ୍ଟ ଭୂକମ୍ପ ପରେ ଆହୁରି ୨ଟି ବଡ଼ ଭୂକମ୍ପ ସହ ପଶ୍ଚାତ କମ୍ପନ ଅନୁଭୂତ ହୋଇଥିଲା। ତୁର୍କୀ ରାଷ୍ଟ୍ରପତି ରିସେପ ତାୟିପ ଇର୍ଦୋଗାନଙ୍କ ସୂଚନା ମୁତାବକ ଭୂକମ୍ପରେ ୫,୩୮୩ ଜଣ ଆହତ ହୋଇଥିବାବେଳେ ପାଖାପାଖି ୨,୮୧୮ ବିଲ୍ଡିଂ ମାଟିରେ ମିଶିଯାଇଛି।

ତୁର୍କୀ ଓ ସିରିଆରେ ଏ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ପରେ ବହୁ ରାଷ୍ଟ୍ର ସହାୟତାର ହାତ ବଢ଼ାଇଛନ୍ତି। ଭାରତ



ଭୂକମ୍ପରେ ତୁର୍କୀର ଦିୟାରବାକିରରେ ଏକ ବିଲ୍ଡିଂ ଭୁଶୁଡ଼ି ପଡ଼ିଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ପକ୍ଷରୁ ଦୁଇଟି ରେସ୍କ୍ୟୁ ଟିମ୍, ଚିକିତ୍ସା ସମାଗ୍ରୀ ପଠାଯାଇଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ମୃତକଙ୍କ ପାଇଁ ସମବେଦନା ଜଣାଇବା ସହ ସ୍ୱତନ୍ତ୍ର ଟିମ୍ ଓ ରିଲିଫ୍ ସାମଗ୍ରୀ ଦୁଇ ଦେଶକୁ ପଠାଇଥିବା କହିଛନ୍ତି। ତୁର୍କୀର ଦକ୍ଷିଣାଞ୍ଚଳ ଏବଂ ସିରିଆର ଉତ୍ତରାଞ୍ଚଳରେ ବଡ଼ ଧରଣର ଭୂକମ୍ପ ପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଦୁଇ ଦେଶକୁ ଆବଶ୍ୟକ ସହାୟତା ଯୋଗାଇ ଦେବା ନେଇ ତୁର୍କୀ ପ୍ରତିପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ଭୂକମ୍ପରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ପୋପ୍ ଫ୍ରାନ୍ସିସ୍ ଅତ୍ୟନ୍ତ ମର୍ମାହତ ଏବଂ ମୃତକଙ୍କ ପାଇଁ ସେ ସମବେଦନା ଜଣାଇଥିବା ଭାଟିକାନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍‌ରୋଁ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ତୁର୍କୀ ଓ ସିରିଆକୁ ସହାୟତାର ହାତ ବଢ଼ାଇଛନ୍ତି।

## ପୂର୍ବରୁ ହୋଇଥିବା ବଡ଼ ଭୂକମ୍ପ

- ୧୯୬୦ ମସିହା ମେ ୨୨ରେ ଦକ୍ଷିଣ ଆମେରିକାର ଚିଲେରେ ୯.୫ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଥିଲା। ଏଥିରେ ୪,୪୮୫ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨ ନିୟୁତ ଲୋକ ବାସହରା ହୋଇଥିଲେ।
- ୧୯୬୪ ମସିହା ମାର୍ଚ୍ଚ ୨୮ରେ ଆଲାସ୍କାର ପ୍ରିନ୍ସ ୱିଲିଅମ ସାଉଣ୍ଡରେ ୯.୨ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ଅନୁଭୂତ ହୋଇଥିଲା। ଯେଉଁଥିରେ ୧୨୮ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ୩୧୧ ନିୟୁତ ଡଲାରର ସମ୍ପତ୍ତି ନଷ୍ଟ ହୋଇଥିଲା।
- ୨୦୦୪ ମସିହା ଡିସେମ୍ବର ୨୬ରେ ନର୍ଦର୍ନ ସୁମାତ୍ରାର ୱେଷ୍ଟ କୋଷ୍ଟରେ ଅନୁଭୂତ ହୋଇଥିବା ଭୂକମ୍ପର ତୀବ୍ରତା ୯.୧ ଥିଲା। ଏଥିରୁ ହୋଇଥିବା ସୁନାମି ଦ୍ୱାରା ଇଣ୍ଡୋନେସିଆ ଅଧିକ ପ୍ରଭାବିତ ହୋଇଥିଲା। ପାଖାପାଖି ୨,୩୦,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା।
- ୧୮୬୮ ମସିହା ଅଗଷ୍ଟ ୧୩ରେ ଆମେରିକାର ଏରିକା ଓ ପେରୁରେ ୯ ତୀବ୍ରତା ବିଶିଷ୍ଟ ଭୂକମ୍ପ ହୋଇଥିବାବେଳେ ୨୫,୦୦୦ ଜଣଙ୍କ ମୃତ୍ୟୁ ଘଟିଥିଲା।
- ୨୦୧୦ ମସିହା ଫେବୃୟାରୀ ୨୭ରେ ଚିଲେର ଅଫ୍ ବିଓ-ବିଓରେ ୮.୮ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ଦ୍ୱାରା ସୁନାମି ହୋଇଥିଲା। ଯେଉଁଥିରେ ପାଖାପାଖି ୫୨୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୮,୦୦,୦୦୦ ଲୋକ ବାସହରା ହୋଇଥିଲେ।
- ୧୯୦୬ ମସିହା ଜାନୁୟାରୀ ୧୩ରେ ପ୍ରଶାନ୍ତ ମହାସାଗରର କୋଷ୍ଟ ଅଫ୍ ଇକୁଆଡୋରରେ ୮.୮ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଥିଲା। ଏଥିରେ ୧୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି ଘଟିଥିଲା।
- ୧୯୫୦ ମସିହା ଅଗଷ୍ଟ ୧୫ରେ ଆସାମ ଓ ତିବ୍ବତରେ ୮.୬ ତୀବ୍ରତା ଭୂକମ୍ପ ଅନୁଭୂତ ହୋଇଥିବାବେଳେ ୧,୫୨୬ ଜଣଙ୍କ ପ୍ରାଣହାନି ଘଟିଥିଲା।
- ୨୦୦୫ ମସିହା ଅକ୍ଟୋବର ୮ରେ ପାକିସ୍ତାନ ଅଧିକୃତ କଶ୍ମୀରର ଉତ୍ତର-ପଶ୍ଚିମାଞ୍ଚଳରେ ୭.୬ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଥିଲା। ଭୂକମ୍ପରେ ୭୯,୦୦୦ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ୩୨,୦୦୦ ବିଲ୍ଡିଂ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା।

## ସଂକ୍ଷେପରେ

### ପୁଣି ଅଟକିଲା ଦିଲ୍ଲୀ ମେୟର ନିର୍ବାଚନ

**ନୂଆଦିଲ୍ଲୀ,୬।୨:** ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ଏମ୍‌ସିଡି) ହାଉସ୍‌ରେ ସୋମବାର ଭାଜପା ଏବଂ ଏଏପି ସଦସ୍ୟମାନଙ୍କ ମଧ୍ୟରେ ହଟ୍ଟଗୋଳ ଲାଗି ରହିବାରୁ ମେୟର ନିର୍ବାଚନ ହୋଇ ନ ପାରି ଗୃହକୁ ମୁଲତବୀ ରଖାଯାଇଛି। ମାସକ ମଧ୍ୟରେ ତୃତୀୟ ଥର ପାଇଁ ଦିଲ୍ଲୀ ମେୟର ନିର୍ବାଚନ ଅଟକିଛି। ମେୟର, ଡେପୁଟୀ ମେୟର ଏବଂ ଷ୍ଟାଣ୍ଡିଂ କମିଟି ସଦସ୍ୟ ନିର୍ବାଚନ ଲାଗି ସୋମବାର ଅଧିବେଶନ ଡକାଯାଇଥିବାବେଳେ ଉଭୟ ଭାଜପା ଏବଂ ଏଏପି ସଦସ୍ୟମାନେ ଗୃହରେ ସ୍ଲୋଗାନ ଦେଇଥିଲେ। ମନୋନୀତ ସଦସ୍ୟଙ୍କୁ ଭୋଟ ଦେବା ଲାଗି ଅନୁମତି ମିଳିବାରୁ ଏହାକୁ ନେଇ ହଟ୍ଟଗୋଳ ହୋଇଥିଲା। ଫଳରେ ଗୃହର ଅଧ୍ୟକ୍ଷ ପରବର୍ତ୍ତୀ ତାରିଖ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

### ୨ କୋଟି ଲାଞ୍ଚ ମାମଲା: ରେଲ୍‌ୱେ ଇଞ୍ଜିନିୟର ଗିରଫ

**ନୂଆଦିଲ୍ଲୀ,୬।୨:** ୨ କୋଟି ଟଙ୍କା ଲାଞ୍ଚ କାରବାର ଅଭିଯୋଗରେ ସିବିଆଇ ଉତ୍ତରପୂର୍ବ ଫ୍ରଣ୍ଟିୟର ରେଲ୍‌ୱେ ଜୋନ୍‌ର ୨ ଇଞ୍ଜିନିୟରଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ବରିଷ୍ଠ ସେକ୍ସନ ଇଞ୍ଜିନିୟର ସନ୍ତୋଷ କୁମାର ଏବଂ ତାଙ୍କ ଉପରିସ୍ଥ ଡେପୁଟି ଚିଫ୍ ଇଞ୍ଜିନିୟର ରାମପାଲଙ୍କ ସମେତ ଠିକାଦାର ତଥା ତ୍ରିବେଣୀ କନ୍‌ଷ୍ଟ୍ରକ୍ସନର ମାଲିକ ସଜ୍ଜନ ଚୌଧାରୀଙ୍କୁ ଗିରଫ କରାଯାଇଛି। କନ୍‌ଷ୍ଟ୍ରକ୍ସନ କମ୍ପାନୀଠାରୁ ଲାଞ୍ଚ ଅର୍ଥରୁ ୮ ଲକ୍ଷ ଟଙ୍କା କୁମାର ଗ୍ରହଣ କରୁଥିବାବେଳେ ଗିରଫ ହୋଇଥିଲେ। ସିବିଆଇ ୧୯ଟି ସ୍ଥାନରେ ଚଢ଼ାଉ କରି ରାମପାଲଙ୍କ ଶ୍ୱଶୁର ଘରୁ ୬୭ ଲକ୍ଷ ଟଙ୍କା ସମେତ ମୋଟ ୧.୧୦ କୋଟି ନଗଦ ଟଙ୍କା ଜବତ କରିଥିଲା।

### ଉପରାଷ୍ଟ୍ରପତିଙ୍କ ନାଁରେ ଜାଲ୍ ମେସେଜ୍ କରୁଥିବା ଯୁବକ ଗିରଫ

**ନୂଆଦିଲ୍ଲୀ, ୬।୨:** ଉପରାଷ୍ଟ୍ରପତି ଜଗଦୀପ ଧନ୍‌କରଙ୍କ ମିଛ ପରିଚୟ ଦେଇ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ସାହାଯ୍ୟ ମାଗୁଥିବା ୨୨ ବର୍ଷୀୟ ଗଗନଦୀପଙ୍କୁ ଦିଲ୍ଲୀ ପୋଲିସ ଇନ୍ଦିରାଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଗିରଫ କରିଛି। ସେ ୨୦୦୭ରୁ ଇଟାଲୀରେ ରହିଆସୁଛନ୍ତି। ସେ ଭାରତୀୟ ନମ୍ବର ବ୍ୟବହାର କରି ଏହି ହ୍ୱାଟ୍ସଆପ୍ ମେସେଜ୍ କରୁଥିଲେ। ଏଥିରେ ଗଗନଦୀପଙ୍କୁ ସହଯୋଗ କରୁଥିବା ଅଶ୍ୱିନୀ କୁମାରଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ଅଭିଯୋଗ ପରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ତଦନ୍ତ ଆରମ୍ଭ କରିଥିଲା।

# ଆଦାନୀ ପ୍ରସଙ୍ଗରେ ପାର୍ଲାମେଣ୍ଟ ଅଚଳ

ନୂଆଦିଲ୍ଲୀ,୬।୨(ପି.ଟି.)



ଆଦାନୀ ଗ୍ରୁପ୍ ବିରୋଧରେ ଜାଲିଆତି ଅଭିଯୋଗ ଏବଂ ଏହାର ଜେପିସି ତଦନ୍ତ ଦାବିରେ ବିରୋଧୀ ଦଳଗୁଡ଼ିକ ଅଡ଼ି ବସିବାରୁ ସୋମବାର ପାର୍ଲାମେଣ୍ଟର ଉଭୟ ଗୃହରେ ଅଚଳାବସ୍ଥା ଲାଗି ରହିଥିଲା। ଦ୍ୱିତୀୟ ସପ୍ତାହ ଆରମ୍ଭରେ ପାର୍ଲାମେଣ୍ଟରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ବିତର୍କ ଆରମ୍ଭ କରିବାକୁ ସରକାର ଆଶାବାଦୀ ଥିବାବେଳେ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ କରିବାରୁ ଗୃହକାର୍ଯ୍ୟ ଚାଲିପାରି ନ ଥିଲା। ଗତ ୧ ତାରିଖରେ ବଜେଟ ଉପସ୍ଥାପନ ପରେ ଆଦାନୀ ପ୍ରସଙ୍ଗରେ ବିରୋଧୀଙ୍କ ପ୍ରତିବାଦ ଯୋଗୁ ଲୋକ ସଭା ଓ ରାଜ୍ୟ ସଭାରେ କ୍ୱଚିତ୍ କାର୍ଯ୍ୟ ହୋଇଛି। ଘରୋଇ ସଂସ୍ଥା ବ୍ୟାପାର ଉପରେ ଗୃହରେ ଆଲୋଚନା ହୋଇପାରିବ ନାହିଁ ବୋଲି ଶାସକ ଭାଜପା ସଦସ୍ୟମାନେ କହିବା ସହ ବିରୋଧୀ ଦଳଗୁଡ଼ିକ ରାଷ୍ଟ୍ରପତିଙ୍କ ଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗ ନେବାକୁ କହିଥିଲେ। ସୋମବାର ପୂର୍ବାହ୍ନରେ ଲୋକସଭା ଆରମ୍ଭ ହେବା କ୍ଷଣି କଂଗ୍ରେସ ସମେତ ବିରୋଧୀ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଯାଇ ହଟ୍ଟଗୋଳ କରିବା ସହ 'ଆଦାନୀ ସରକାର ଲଜ୍ଜା, ଲଜ୍ଜା ସ୍ଲୋଗାନ ଦେଇଥିଲେ। ଆମେରିକାର ଶର୍ଟ-ସେଲିଂ କମ୍ପାନୀ ଆଦାନୀ ଗ୍ରୁପ୍ ବିରୋଧରେ ଜାଲିଆତି ଏବଂ ଷ୍ଟକ୍ ହେରଫେର ଅଭିଯୋଗ ଆଣିଥିବାରୁ ଏହାର ତଦନ୍ତ ଯୁଗ୍ମ ସଂସଦୀୟ କମିଟି ଦ୍ୱାରା କରାଇବାକୁ ବିରୋଧୀ ଦାବି କରିଥିଲେ। ବାଚସ୍ପତି ଓମ୍ ବିର୍ଲା ସେମାନଙ୍କୁ ନିଜ ନିଜ ଆସନକୁ ଫେରିଯିବା ଲାଗି ଅନୁରୋଧ କରିବା ସହ ତାଙ୍କ ଚାମ୍ବରରେ ଏ ସମ୍ପର୍କରେ ଆଲୋଚନା କରିବାକୁ ଡାକିଥିଲେ। ତେବେ ବିରୋଧୀମାନେ ତାଙ୍କ ଅନୁରୋଧକୁ ଅଗ୍ରାହ୍ୟ କରି ହଟ୍ଟଗୋଳ ଜାରି ରଖିବାରୁ ବାଚସ୍ପତି ପ୍ରଥମେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏବଂ ପରେ ଦିନକ ପାଇଁ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

ରାଜ୍ୟ ସଭାରେ ମଧ୍ୟ ଆଦାନୀ ପ୍ରସଙ୍ଗକୁ ନେଇ ଅନୁରୂପ ସ୍ଥିତି ସୃଷ୍ଟି ହୋଇଥିଲା। ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ଗୃହ ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ଅନୁମତି ନ ଦେବାରୁ ବିରୋଧୀମାନେ ହଟ୍ଟଗୋଳ କରିଥିଲେ। ଫଳରେ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା।

## ୩ ହାଇକୋର୍ଟରେ ୧୩ ବିଚାରପତି ନିଯୁକ୍ତ

ନୂଆଦିଲ୍ଲୀ,୬।୨(ପି.ଟି.)

ଆଲ୍ଲାହାବାଦ, କର୍ଣ୍ଣାଟକ ଏବଂ ମାଡ୍ରାସ ହାଇକୋର୍ଟରେ ସୋମବାର ୧୩ ଜଣ ଅତିରିକ୍ତ ବିଚାରପତି ନିଯୁକ୍ତ ହୋଇଛନ୍ତି। ୧୧ ଜଣ ଆଇନଜୀବୀ ଏବଂ ଦୁଇଜଣ ଜୁଡ଼ିସିଆଲ ଅଫିସରଙ୍କୁ ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତି ମିଳିଛି। ସେମାନଙ୍କ ମଧ୍ୟରୁ ମାଡ୍ରାସ ହାଇକୋର୍ଟରେ ନିଯୁକ୍ତି ପାଇଥିବା ଆଇନଜୀବୀ ଲେଖମନ ଚନ୍ଦ୍ର ଭିକ୍ଟୋରିଆ ଗୌରୀଙ୍କ ନିଯୁକ୍ତିକୁ ନେଇ ବିବାଦ ଦେଖାଦେଇଥିଲା। ତାଙ୍କ ନିଯୁକ୍ତିକୁ ଚ୍ୟାଲେଞ୍ଜ କରାଯାଇଥିବାବେଳେ ମଙ୍ଗଳବାର ସୁପ୍ରିମକୋର୍ଟରେ ଏହାର ଶୁଣାଣି ହେବ। ଆଇନମନ୍ତ୍ରୀ କିରେନ୍ ରିଜିଜୁ ବିଚାରପତିମାନଙ୍କ ନିଯୁକ୍ତି ସମ୍ପର୍କରେ ଟୁଇଟ୍ କରିଥିଲେ। ଆଲ୍ଲାହାବାଦ ହାଇକୋର୍ଟରେ ୬ ଜଣ ବିଚାରପତି ନିଯୁକ୍ତ ହୋଇଥିବାବେଳେ ମାଡ୍ରାସ ହାଇକୋର୍ଟରେ ୫ ଜଣ ଏବଂ କର୍ଣ୍ଣାଟକ ହାଇକୋର୍ଟରେ ୨ ଜଣ ବିଚାରପତି ନିଯୁକ୍ତି ପାଇଛନ୍ତି।

# ୫ ନୂଆ ବିଚାରପତି ଶପଥ ନେଲେ



ସିଜେଆଇ ଡିୱାଇ ଚନ୍ଦ୍ରଚୂଡ଼ ବିଚାରପତି ପଙ୍କଜ ମିଥାଲଙ୍କୁ ଶପଥପାଠ କରାଉଛନ୍ତି।

ନୂଆଦିଲ୍ଲୀ,୬।୨(ପି.ଟି.)

ସୁପ୍ରିମକୋର୍ଟରେ ୫ ଜଣ ନବନିଯୁକ୍ତ ବିଚାରପତିଙ୍କୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ସୋମବାର ଶପଥ ପାଠ କରାଇଛନ୍ତି। ସୁପ୍ରିମକୋର୍ଟ ପରିସରରେ ଜଷ୍ଟିସ ପଙ୍କଜ ମିଥାଲ, ସଞ୍ଜୟ କାରୋଲ, ପି.ଭି. ସଞ୍ଜୟ କୁମାର, ଅସାଉଦ୍ଦିନ୍ ଅମନୁଲ୍ଲା ଏବଂ ମନୋଜ ମିଶ୍ରା ଶପଥ ପାଠ କରିଥିଲେ। ଏମାନଙ୍କୁ ମିଶାଇ ସର୍ବୋଚ୍ଚ ଅଦାଲତର ବିଚାରପତି ସଂଖ୍ୟା ୩୨କୁ ବୃଦ୍ଧି ପାଇଛି, ଯାହା ପୂର୍ଣ୍ଣ ସାମର୍ଥ୍ୟରୁ ୨ କମ୍। ଉପରୋକ୍ତ ବିଚାରପତିମାନଙ୍କୁ ସୁପ୍ରିମକୋର୍ଟକୁ ପଦୋନ୍ନତି ଲାଗି କଲେଜିୟମ ଗତବର୍ଷ ଡିସେମ୍ବର ୧୩ରେ ସୁପାରିସ କରିଥିଲେ। ସୁପ୍ରିମକୋର୍ଟ ଏବଂ ଦେଶର ୨୫ଟି ହାଇକୋର୍ଟରେ ବିଚାରପତି ନିଯୁକ୍ତିକୁ ନେଇ କେନ୍ଦ୍ର ସରକାର ଓ ନ୍ୟାୟପାଳିକା ମଧ୍ୟରେ ଟଣାଓଟରା ଲାଗି ରହିଥିବାବେଳେ ଅଦାଲତଙ୍କ କଡ଼ା ଚେତାବନୀ ପରେ ୫ ବିଚାରପତିଙ୍କୁ ନିଯୁକ୍ତି ମିଳିଛି।

# ଆଇଏନ୍‌ଏସ୍ ବିକ୍ରାନ୍ତରେ ପ୍ରଥମ ଯୁଦ୍ଧବିମାନ ଅବତରଣ

ନୂଆଦିଲ୍ଲୀ,୬।୨



ଭାରତର ଯୁଦ୍ଧବିମାନବାହୀ ଯୁଦ୍ଧଜାହାଜ ଆଇଏନ୍‌ଏସ୍ ବିକ୍ରାନ୍ତ ସୋମବାର ବଡ଼ ସଫଳତା ହାସଲ କରିଛି। ଏହାର ଫ୍ଲାଇଟ୍ ଡେକ୍‌ରେ ପ୍ରଥମ ଥର ପାଇଁ ଯୁଦ୍ଧବିମାନ ଅବତରଣ କରିଛି। ସାମୁଦ୍ରିକ ପରୀକ୍ଷା ଅବସରରେ ସ୍ୱଦେଶୀ ନିର୍ମିତ ହାଲୁକା ଲଢୁଆ ବିମାନ ତେଜସ୍‌ର ନୌସେନା ଭର୍ସନ ଆଇଏନ୍‌ଏସ୍ ବିକ୍ରାନ୍ତ ଉପରେ ସଫଳତାର ସହ ଅବତରଣ କରିଥିଲା। ଭାରତୀୟ ନୌସେନା ଦ୍ୱାରା ଆତ୍ମନିର୍ଭର ଭାରତ ଦିଗରେ ଏହା ଏକ ଐତିହାସିକ ସଫଳତା। ସ୍ୱଦେଶୀ ଯୁଦ୍ଧବିମାନବାହୀ ରଣତରୀର ଡିଜାଇନ୍, ବିକାଶ, ନିର୍ମାଣ ଓ ପରିଚାଳନା କରିବା ସହ ଏହା ଉପରେ ସ୍ୱଦେଶୀ ଲଢୁଆ ବିମାନ ଅବତରଣ କରାଇବାରେ ଭାରତ ନିଜର କ୍ଷମତା ପ୍ରଦର୍ଶନ କରିଥିବା ନୌସେନା ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ୪୫,୦୦୦ ଟନ୍ ଓଜନ ବିଶିଷ୍ଟ ଆଇଏନ୍‌ଏସ୍ ବିକ୍ରାନ୍ତ ନିର୍ମାଣରେ ୨୦ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଗତବର୍ଷ ସେପ୍ଟେମ୍ବରରେ ଏହା ନୌସେନାରେ ସାମିଲ ହୋଇଥିଲା। ବିକ୍ରାନ୍ତର ଲମ୍ବ ୨୬୨ ମିଟର ହୋଇଥିବାବେଳେ ପ୍ରସ୍ଥ ୬୨ ମିଟର।

# ଉଚ୍ଚଶିକ୍ଷା ପାଇଁ ୫ ବର୍ଷରେ ବିଦେଶ ଯାଇଛନ୍ତି ୩୦ ଲକ୍ଷ ଭାରତୀୟ

ନୂଆଦିଲ୍ଲୀ,୬।୨(ପି.ଟି.)



ଉଚ୍ଚଶିକ୍ଷା ପାଇଁ ୨୦୧୭ରୁ ୨୦୨୨ ମଧ୍ୟରେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଭାରତୀୟ ବିଦେଶ ଯାଇଛନ୍ତି। ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଲୋକ ସଭାକୁ ଏହି ସୂଚନା ଦିଆଯାଇଛି। ଜେଡିୟୁ ଏମ୍‌ପି ରାଜୀବ ରଞ୍ଜନ ସିଂ ଓରଫ ଲଲନ ସିଂ ଏବଂ ଅନ୍ୟମାନଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସୁଭାଷ ସର୍କାର ଏହା କହିଥିଲେ। ଭାରତୀୟମାନଙ୍କ ଆଗମନ ଓ ପ୍ରସ୍ଥାନ ସମ୍ପର୍କିତ ତଥ୍ୟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବ୍ୟୁରୋ ଅଫ୍ ଇମିଗ୍ରେଶନ ପାଖରେ ରହିଛି। ତେବେ ଉଚ୍ଚଶିକ୍ଷା ଉଦ୍ଦେଶ୍ୟରେ ବିଦେଶ ଯାଉଥିବା ଭାରତୀୟଙ୍କ ବର୍ଗ ଚିହ୍ନଟ କରିବାର କୌଣସି ସୂଚକାଙ୍କ ନାହିଁ। କେବଳ ସେମାନେ ମୌଖିକ ଭାବେ ଦେଉଥିବା ସୂଚନା ଏବଂ ଗନ୍ତବ୍ୟ ସ୍ଥଳ ଭିଜାରୁ ସେମାନଙ୍କ ଗସ୍ତର ଉଦ୍ଦେଶ୍ୟ ଜଣାପଡ଼ିଥାଏ। ୨୦୨୨ରେ ୭.୫୦ ଲକ୍ଷ ଭାରତୀୟ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାଉଥିବା କହିଥିଲେ। ଏହା ପୂର୍ବବର୍ଷ ଅର୍ଥାତ୍ ୨୦୨୧ରେ ୪.୪ ଲକ୍ଷ ବିଦେଶ ଯାଇଥିବାବେଳେ ୨୦୨୦ରେ ୨.୫୯ ଲକ୍ଷ, ୨୦୧୯ରେ ୫.୮୬ ଲକ୍ଷ, ୨୦୧୮ରେ ୫.୧୭ ଲକ୍ଷ ଏବଂ ୨୦୧୭ରେ ୪.୫୪ ଲକ୍ଷ ଭାରତୀୟ ଉଚ୍ଚଶିକ୍ଷା ଉଦ୍ଦେଶ୍ୟରେ ବିଦେଶ ଯାଇଥିଲେ ବୋଲି ଶିକ୍ଷା ରାଷ୍ଟ୍ରମନ୍ତ୍ରୀ କହିଛନ୍ତି। ବିଦେଶରେ ଭାରତୀୟ ଛାତ୍ରୀଛାତ୍ର ବ୍ୟୟ କରୁଥିବା ଅର୍ଥ ଦେଶର ଶିକ୍ଷା ବଜେଟଠାରୁ ଅଧିକ କି ବୋଲି ବିରୋଧୀ ସଦସ୍ୟମାନେ ପ୍ରଶ୍ନ କରିବା ସହ ଏହି ଅର୍ଥକୁ ରୋକିବା ଲାଗି ଦେଶରେ ଉଚ୍ଚ ମାନର ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ପ୍ରସ୍ତାବ ରହିଛି କି ବୋଲି ପଚାରିଥିଲେ। ତେବେ ଭାରତରେ ବିଦେଶୀ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର କ୍ୟାମ୍ପସ୍ ସ୍ଥାପନ ଲାଗି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଚିଠା ନିୟମାବଳୀ ପ୍ରସ୍ତୁତ କରିଥିବା ମନ୍ତ୍ରୀ କହିଛନ୍ତି। ଏହା ଉପରେ ବିଭିନ୍ନ ଷ୍ଟେକ୍‌ହୋଲ୍ଡରଙ୍କଠାରୁ ଗତ ଜାନୁୟାରୀ ୧୮ ସୁଦ୍ଧା ମତାମତ ଓ ପ୍ରସ୍ତାବ ଆହ୍ୱାନ କରାଯାଇଥିଲା। ଏହି ସମୟସୀମାକୁ ଫେବୃୟାରୀ ୨୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।




# ବଂଶୀଧର ପ୍ରତିହାରୀ ପାଇଲେ 'ଧର୍ମପଦ ପୁରସ୍କାର'

## ୭ଶିଳ୍ପୀଙ୍କୁ 'ଚାରୁକଳା ପୁରସ୍କାର', ୫ଜଣଙ୍କୁ 'ଶିଳ୍ପୀ ସମ୍ବର୍ଦ୍ଧନା'

ଭୁବନେଶ୍ୱର,୬।୨(ବ୍ୟୁରୋ)

ଲଳିତ କଳା ଏକାଡେମୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୨୦୨୨ ମସିହା ପାଇଁ ଚିତ୍ରକଳା ଓ ସ୍ଥାପତ୍ୟ କଳା କ୍ଷେତ୍ରରେ ସର୍ବୋଚ୍ଚ ସମ୍ମାନ 'ଧର୍ମପଦ ପୁରସ୍କାର' ଓ 'ଶିଳ୍ପୀ ସମ୍ବର୍ଦ୍ଧନା' ସହିତ ୪୦ତମ ରାଜ୍ୟସ୍ତରୀୟ 'ଚାରୁକଳା ପୁରସ୍କାର' ପ୍ରଦାନ କରାଯାଇଛି। ସୋମବାର ସଂସ୍କୃତି ଭବନରେ ଆୟୋଜିତ ଉତ୍ସବରେ ୯୪ ବର୍ଷୀୟ ବିଶିଷ୍ଟ ଚିତ୍ରଶିଳ୍ପୀ ବଂଶୀଧର ପ୍ରତିହାରୀଙ୍କୁ 'ଧର୍ମପଦ ପୁରସ୍କାର' ଦିଆଯାଇଥିବାବେଳେ ପୁରସ୍କାର ବାବଦକୁ ୫ଲକ୍ଷ ଟଙ୍କାର ଅର୍ଥରାଶି ମିଳିଛି। ପୁରସ୍କାର ଗ୍ରହଣ କରିବାବେଳେ ବଂଶୀଧର ଖୁସିବ୍ୟକ୍ତ କରିବା ସହ ବଞ୍ଚିଥିବା ପର୍ଯ୍ୟନ୍ତ ପିଲାମାନଙ୍କୁ ଚିତ୍ର ଶିଖାଇବାକୁ ଚେଷ୍ଟା ଜାରି ରଖିବି ବୋଲି କହିଛନ୍ତି। ସେହିପରି ୭ ଶିଳ୍ପୀଙ୍କୁ 'ଚାରୁକଳା ପୁରସ୍କାର' ପ୍ରଦାନ କରାଯାଇଛି। ଭାସ୍କର୍ଯ୍ୟ କଳାରେ ଶିଳ୍ପୀ ପ୍ରତାପ ଚନ୍ଦ୍ର ଜେନା ଓ ଅଶାନ୍ତ ଦାସ, ମୁଦ୍ରଣ କଳାରେ ଶିଳ୍ପୀ ରବି ନାରାୟଣ ଗୁପ୍ତା ଓ ଶିଳ୍ପୀ ଟୁକୁନା ଡାକୁଆ, ପାରମ୍ପରିକ ଚିତ୍ରକଳାରେ ଶିଳ୍ପୀ ନିରଞ୍ଜନ ମୁଖି, ଚିତ୍ରକଳାରେ ଶିଳ୍ପୀ ଶୀତିକାନ୍ତ ସାମନ୍ତସିଂହାର ଓ ଶିଳ୍ପୀ ଅମିତ କୁମାର ଓଝାଙ୍କୁ ଉତ୍ତରୀୟ ଓ ମାନପତ୍ର ସହ ୨ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ଦିଆଯାଇଛି। ଏଥିସହିତ ୫ଜଣଙ୍କୁ 'ଶିଳ୍ପୀ ସମ୍ବର୍ଦ୍ଧନା' ପ୍ରଦାନ କରାଯାଇଛି। ବିଶିଷ୍ଟ ଭାସ୍କର୍ଯ୍ୟ ଓ ଚିତ୍ରଶିଳ୍ପୀ ବ୍ରଜବନ୍ଧୁ ମିଶ୍ର, ତାଳପତ୍ର ଚିତ୍ରଶିଳ୍ପୀ ଲକ୍ଷ୍ମୀଧର ସୁବୁଦ୍ଧି, ପାରମ୍ପରିକ ପଟ୍ଟଚିତ୍ର ଶିଳ୍ପୀ ଭ୍ରମରବର ନାୟକ, ଚିତ୍ରଶିଳ୍ପୀ ରମେଶ କୁମାର ବେହେରା ଓ ବିଶିଷ୍ଟ ପ୍ରସ୍ତର ଶିଳ୍ପୀ କେଶବ ଚନ୍ଦ୍ର ମହାରଣାଙ୍କୁ ୧ଲକ୍ଷ ଟଙ୍କାର ଅର୍ଥରାଶି ସହ ସମ୍ବର୍ଦ୍ଧିତ କରାଯାଇଛି।

ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳ୍ପୀମାନଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଲେ, ଶିଳ୍ପୀମାନେ ଚିର ନମସ୍ୟ, ପ୍ରଣମ୍ୟ। ସେମାନଙ୍କ ସାଧନା ଓ ସମର୍ପଣ ଭାବ କଳାକ୍ଷେତ୍ରକୁ ପ୍ରସ୍ଫୁଟିତ କରିଛି। ଉତ୍କର୍ଷ କଳା ଯୋଗୁ ଆମ ରାଜ୍ୟ ଉତ୍କଳ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ବିଶ୍ୱ ପ୍ରସିଦ୍ଧ ପୁରୀର ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର ଏହାର ସାକ୍ଷୀ ବୋଲି ମନ୍ତ୍ରୀ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଆଗାମୀ ପିଢ଼ିର କଳାକାରଙ୍କ ପାଇଁ ସମ୍ବର୍ଦ୍ଧିତ ଶିଳ୍ପୀମାନେ ମାର୍ଗଦର୍ଶକ ବୋଲି ମତବ୍ୟକ୍ତ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଓ ଲଳିତ କଳା ଏକାଡେମୀ ସଭାପତି ସୁଦର୍ଶନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏକାଡେମୀ ସଚିବ ପଞ୍ଚାନନ ସାମଲ ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବିଭାଗର ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉପସ୍ଥାପକ ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏବଂ ଅନ୍ୟ ଅତିଥିଙ୍କ ଗହଣରେ 'ଧର୍ମପଦ ପୁରସ୍କାର' ପାଇଥିବା ବଂଶୀଧର ପ୍ରତିହାରୀ ଓ ସମ୍ବର୍ଦ୍ଧିତ ୫ ଶିଳ୍ପୀ। (ଫଟୋ: ବିକାଶ)

# ଯୁଦ୍ଧାସ୍ତ୍ର ପରୀକ୍ଷଣ ପାଇଁ ସମୁଦ୍ରରେ ୩ ଦିନିଆ କଟକଣା

ପାରାଦୀପ,୬।୨(ସ୍ୱ.ପ୍ର.)

ଉପକୂଳବର୍ତ୍ତୀ ଓଡିଶାର ୪ ଜିଲାର ମତ୍ସ୍ୟଜୀବୀଙ୍କ ପାଇଁ ଫେବୃୟାରୀ ୮ରୁ ୧୦ ପର୍ଯ୍ୟନ୍ତ ସାମୁଦ୍ରିକ କଟକଣା ଜାରି କରାଯାଇଛି। ପ୍ରତିରକ୍ଷା ବିଭାଗ ଚାନ୍ଦିପୁର ପକ୍ଷରୁ ଜାରି ବିଜ୍ଞପ୍ତିରୁ ମିଳିଥିବା ସୂଚନା ଅନୁସାରେ, ଏହି ୩ ଦିନ ସମୁଦ୍ରରେ କିଛି ଯୁଦ୍ଧାସ୍ତ୍ର ପରୀକ୍ଷଣ କରାଯିବ। ଏନେଇ ଉକ୍ତ ୩ ଦିନ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କୂଳଠାରୁ ୩୦ କି.ମି. ମଧ୍ୟରେ ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର କୌଣସି ମାଛଧରା ବୋଟ୍ କିମ୍ବା ଅନ୍ୟ କୌଣସି ପାଣି ଯାନ ସମୁଦ୍ରକୁ ନ ଯିବା ଲାଗି ସମ୍ପୃକ୍ତ ଜିଲାର ଜିଲାପାଳଙ୍କୁ ପରାମର୍ଶ ଦିଆଯାଇଛି। ଏହି ସୂଚନା ପାରାଦୀପ ମାଛଧରା ବନ୍ଦର ମତ୍ସ୍ୟଜୀବୀଙ୍କ ପାଖରେ ପହଞ୍ଚିବା ପରେ ବୋଟ ମାଲିକଙ୍କୁ ବୋଟ ସମୁଦ୍ରରୁ ଫେରିଇ ଆଣିବାକୁ ପରାମର୍ଶ ଦିଆଯାଇଛି ବୋଲି ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ(ଓମ୍ପା) ସମ୍ପାଦକ ଅରବିନ୍ଦ ସ୍ୱାଇଁ କହିଛନ୍ତି।

# ମହୁମାଛି ଆକ୍ରମଣରେ ବାପଝିଅ ଗୁରୁତର, ୧୦ରୁ ଊର୍ଦ୍ଧ୍ୱ ଆହତ

**ନୀଳଗିରି,୬।୨(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ସେରଗଡ଼-ଉଦଳା ରାସ୍ତା ନୀଳଗିରି ବ୍ଲକ ବାଉଁଶନାଳ ନିକଟରେ ମହୁମାଛି ଆକ୍ରମଣରେ ବାପ ଝିଅ ଗୁରୁତର ହୋଇଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଗୁରୁତର ବାପଝିଅ ହେଲେ ଜାମୁଡ଼ିହା ଗ୍ରାମର କାହ୍ନୁଚରଣ ପ୍ରଧାନ ଓ ତାଙ୍କ ଝିଅ ସୁଚିସ୍ମିତା। ସୋମବାର ମଧାହ୍ନରେ କାହ୍ନୁଚରଣ ଝିଅ ସୁଚିସ୍ମିତାଙ୍କ ସହ ନୀଳଗିରି ଆଡ଼କୁ ଆସୁଥିବା ବେଳେ ବାଉଁଶନାଳ ନିକଟରେ ମହୁମାଛି ଆକ୍ରମଣ ଆରମ୍ଭ କରିଦେଇଥିଲେ। ସେହି ସମୟରେ ଉକ୍ତ ରାସ୍ତାରେ ଯାଉଥିବା ପଥଚାରୀଙ୍କୁ ମଧ ମହୁମାଛି ଆକ୍ରମଣ କରିଥିଲେ। ଆକ୍ରମଣରେ ମୁହଁ ଓ ଦେହରେ ଆଘାତ ହୋଇଥିବା ଦେଖିବାକୁ ମିଳିଛି।

# ଲୁଟିନେଲେ ୧ଲକ୍ଷ

**ଭୋଗରାଇ, ୬।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଜଳେଶ୍ୱର ଚନ୍ଦନେଶ୍ୱର ରାସ୍ତା ନଗୁଆ ଛକଠାରେ ସୋମବାର ଜଣେ ଏଲଆଇସି ଏଜେଣ୍ଟଙ୍କଠାରୁ ୨ଜଣ ଦୁର୍ବୃତ୍ତ ୧ଲକ୍ଷ ଟଙ୍କା କୌଶଳକ୍ରମେ ଲୁଟିନେଇ ଚମ୍ପଟ ମାରିଛନ୍ତି। ଭୋଗରାଇ ଥାନା ଅଧୀନ ନାମ୍ବାଇ ଗ୍ରାମର ହରିପଦ ଦାସ ଚନ୍ଦନେଶ୍ୱର ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ୧ଲକ୍ଷ ଟଙ୍କା ଉଠାଇ ବ୍ୟାଗରେ ଭର୍ତ୍ତି କରି ଏକ ବାଇକ ଯୋଗେ ଆସି ନଗୁଆ ଛକରେ ଗାଡି ରଖି ବ୍ୟାଗ ନେଇ ସେଠାରେ ଥିବା ଏକ ଔଷଧ ଦୋକାନକୁ ଯାଇଥିଲେ। ବ୍ୟାଗକୁ ତଳେ ରଖି ସେଥିରେ ଥିବା କାଗଜପତ୍ର ବାହାର କରି ଦୋକାନୀକୁ ଦେଉଥିବା ବେଳେ ହଠାତ୍ ୨ ଜଣ ଯୁବକ ବ୍ୟାଗକୁ କୌଶଳ କ୍ରମେ ଲୁଟି ନେଇ ବାଇକରେ ବସି ଦ୍ରୁତ ଗତିରେ ଜଳେଶ୍ୱର ରାସ୍ତା ଅଭିମୁଖେ ଚମ୍ପଟ ମାରିଥିଲେ। ଏନେଇ ଭୋଗରାଇ ଥାନାରେ ଏକ ମାମଲା(ନଂ.୪୨/୨୩) ରୁଜୁ ହୋଇଛି।

# ଲୋକଙ୍କ ଆକାଂକ୍ଷା ପୂରଣ ହେଲା: ମୁଖ୍ୟମନ୍ତ୍ରୀ

## ହିଞ୍ଜିଳିକାଟୁରେ ସିନିୟର ଡିଭିଜନ ସିଭିଲ ଜଜ୍ କୋର୍ଟ ଉଦ୍‌ଘାଟନ

ହିଞ୍ଜିଳିକାଟୁ,୬।୨(ଡି.ଏନ୍.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଓଡ଼ିଶା ହାଇକୋର୍ଟର ପ୍ରଧାନ ବିଚାରପତି ଡା. ଏସ୍. ମୁରଲିଧର ସୋମବାର ଭର୍ଚୁଆଲରେ ଗଞ୍ଜାମ ଜିଲା ହିଞ୍ଜିଳିକାଟୁଠାରେ ସିଭିଲ ଜଜ୍ (ସିନିୟର ଡିଭିଜନ)- କମ୍ -ଆସିଷ୍ଟାଣ୍ଟ ସେସନ୍ସ ଜଜ୍ କୋର୍ଟ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ସମ୍ବୋଧିତକରି କହିଛନ୍ତି, ଏହି କୋର୍ଟ ଖୋଲିବା ସହ ହିଞ୍ଜିଳିକାଟୁବାସୀଙ୍କ ଦୀର୍ଘ ଦିନର ଆକାଂକ୍ଷା ପୂରଣ ହୋଇଛି। ସେ ଆହୁରି ମଧ କହିଛନ୍ତି, ଓଡ଼ିଶା ସରକାର ଆମ ନାଗରିକଙ୍କୁ ଦ୍ୱାରଦେଶରେ ସୁବିଧାଜନକ ତଥା ଦକ୍ଷ ଆଇନ ସେବା ଯୋଗାଇବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ହିଞ୍ଜିଳିକାଟୁବାସୀଙ୍କ ପାଇଁ ନ୍ୟାୟ ପାଇବାରେ ଏହା ଏକ ପ୍ରମୁଖ ପଦକ୍ଷେପ। ଗରିବ ଲୋକମାନେ, ଏହି କୋର୍ଟରେ ଆଇନଗତ ସୁବିଧା ସେମାନଙ୍କ ଘର ପାଖରେ ରହି ପାଇବେ। ମୁଖ୍ୟମନ୍ତ୍ରୀ ଆଶା କରିଥିଲେ ଯେ ଗଞ୍ଜାମର ଓକିଲମାନେ ଏହି ସୁବିଧାକୁ ପୂର୍ଣ୍ଣ ସାମର୍ଥ୍ୟରେ ବ୍ୟବହାର କରିବେ ଏବଂ ନ୍ୟାୟ ପ୍ରଦାନ ପାଇଁ ମକଦ୍ଦମାକାରୀଙ୍କ ନିକଟରେ ପହଞ୍ଚିବେ। ହିଞ୍ଜିଳିକାଟୁ ଜେଏମ୍‌ଏଫ୍‌ସି କୋର୍ଟ ପରିସରରେ ସିଭିଲ ଜଜ୍ (ସିନିୟର ଡିଭିଜନ) – କମ୍- ଆସିଷ୍ଟାଣ୍ଟ ସେସନ୍ସ ଜଜ୍ କୋର୍ଟ ଉଦ୍‌ଘାଟନକୁ ଓଡ଼ିଶା ହାଇକୋର୍ଟର ପ୍ରଧାନ ବିଚାରପତି ତଥା ଅନ୍ୟ ବିଚାରପତିମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି।

କଟକରୁ ଏହି ଅବସରରେ ଉଦ୍‌ବୋଧନ ଦେଇ ବିଚାରପତି ମୁରଲିଧର କହିଛନ୍ତି, ଲୋକଙ୍କୁ ନ୍ୟାୟ ପ୍ରଦାନରେ ବିଳମ୍ବ ନ ହେବା ପାଇଁ ହାଇକୋର୍ଟ ଏବଂ ନ୍ୟାୟପାଳିକା ପଦକ୍ଷେପ ନେଉଛନ୍ତି। ସେ ଆହୁରି ମଧ କହିଥିଲେ, କୋଭିଡ୍ ମହାମାରୀ ସମୟରେ ମଧ ଆଧୁନିକ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ହାଇକୋର୍ଟ କାର୍ଯ୍ୟ କରି ନ୍ୟାୟ ପ୍ରଦାନ କରିଥିଲେ। ଏହି ନୂତନ ଅଦାଲତ ଖୋଲିବାକୁ ସମର୍ଥନ କରିଥିବାରୁ ସେ ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶା ହାଇକୋର୍ଟର ଜଜ୍ ତଥା ଗଞ୍ଜାମ ଦାୟିତ୍ୱରେ ଥିବା ଡା. ଜଷ୍ଟିସ୍ ବି . ଷଡ଼ଙ୍ଗୀ ନୂତନ ଅଦାଲତ ଖୋଲିବା ଏବଂ ନ୍ୟାୟ ବ୍ୟବସ୍ଥାକୁ ଲୋକଙ୍କ ନିକଟତର କରିବା ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମର ପ୍ରଶଂସା କରିଥିଲେ। ନୂତନ କୋର୍ଟ ଖୋଲିବାରେ ସହଯୋଗ କରିଥିବାରୁ ସେ ଉଭୟ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନ ବିଚାରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ୫-ଟି ସଚିବ ଭି.କେ. ପାଣ୍ଡିଆନ, ଜିଲା ଜଜ୍ ଆନନ୍ଦ ଚନ୍ଦ୍ର ବେହେରା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦୀପ୍ତିମୟୀ ସାହୁ, ନୂତନ ସବ୍ ଜଜ୍ ଅବକାଶ ଚୌଧୁରୀ, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଛତ୍ରପୁର ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା, ହିଞ୍ଜିଳିକାଟୁ ଓକିଲ ସଂଘ ସଭାପତି ଦ୍ୱିତୀକୃଷ୍ଣ ସାବତ, ସମ୍ପାଦକ ଶ୍ରୀରାମ ପଣ୍ଡା, ବରିଷ୍ଠ ଓକିଲ ନିର୍ମଳ ସାହୁ, ପୌର ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇ, ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ର, ଗ୍ରୀଟ୍ ଅଧ୍ୟକ୍ଷ ପବିତ୍ର ମୋହନ ପାଣିଗ୍ରାହୀ, ଆସିକା ଏମ୍‌ପିଙ୍କ ପ୍ରତିନିଧି ନୀଳମଣି ପଟ୍ଟନାୟକ, ଓଡ଼ିଶା କୃଷି ବିପଣନ ବୋର୍ଡ ଉପଦେଷ୍ଟା ସୁରେନ୍ଦ୍ରନାଥ ପ୍ରଧାନ, ଓଆର୍‌ଏଚ୍‌ଡିସି ଅଧ୍ୟକ୍ଷ ଡି. ବିଶ୍ୱନାଥ, ଜିଲା ପରିଷଦ ସଭ୍ୟା ବି .ଗୀତାଞ୍ଜଳି, ଏ. ସୁଦର୍ଶନ, ପ୍ରୀତି ସାହୁ, ଅଜୟ କୁମାର ମହାରଣା, ବିଡିଓ ସୁବ୍ରତ କୁମାର ଜେନା, ଆସିକା ଉପଖଣ୍ଡ ଅଧିକାରୀ ଉମାଶଙ୍କର ସିଂ, ତହସିଲଦାର ପ୍ରଭାତ କୁମାର ପରିଡ଼ା, ହିଞ୍ଜିଳି ଥାନାଧିକାରୀଙ୍କ ସମେତ ହିଞ୍ଜିଳିକାଟୁ, ବ୍ରହ୍ମପୁର ଏବଂ ଛତ୍ରପୁର ବାର୍ ଆସୋସିଏଶନର ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲ ପ୍ରତାପ କୁମାର ପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ରେଜିଷ୍ଟ୍ରାର (ଜୁଡିସିଆଲ) ସୁମନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଭିଡିଓ କନ୍‌ଫରେନ୍ସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଗଞ୍ଜାମ ଜିଲା ହିଞ୍ଜିଳିକାଟୁରେ ସିନିୟର ଡିଭିଜନ ସିଭିଲ ଜଜ୍ କୋର୍ଟ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

# ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନାଙ୍କୁ ହାଇକୋର୍ଟ ଝଟ୍‌କା

## ଚିଟ୍‌ଫଣ୍ଡ ଠକେଇ ମାମଲା ପ୍ରତ୍ୟାହାର ଆବେଦନ ଖାରଜ

କଟକ ଅଫିସ,୬।୨

ବାଲେଶ୍ୱରର ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନାଙ୍କୁ ହାଇକୋର୍ଟରୁ ଝଟ୍‌କା ଲାଗିଛି। ସି-ସୋର ଚିଟ୍‌ଫଣ୍ଡ ଠକେଇ ମାମଲାରେ ରବୀନ୍ଦ୍ରଙ୍କ ଲିଙ୍କ୍ ସଂକ୍ରାନ୍ତୀୟ ଶୁଣାଣି ଜାରି ରହିବ ବୋଲି ବିଚାରପତି ବି.ପି. ରାଉତରାୟଙ୍କ ଖଣ୍ଡପୀଠ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସି-ସୋର ଚିଟ୍‌ଫଣ୍ଡ ଠକେଇ ମାମଲାରେ ତାଙ୍କ ବିରୋଧରେ ସିବିଆଇ ଦେଇଥିବା ଏତଲା ଏବଂ ଚାର୍ଜଶିଟ୍‌କୁ ରଦ୍ଦ କରିବା ନେଇ ସେ କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି।

ସି-ସୋର ଚିଟ୍‌ଫଣ୍ଡ ଠକେଇ ମାମଲାରେ ରବୀନ୍ଦ୍ରଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ହୋଇଥିଲା। ସିବିଆଇ ପକ୍ଷରୁ ତାଙ୍କ ବିରୋଧରେ ଏତଲା ଦାଏର କରାଯାଇଥିଲା। ସିବିଆଇ ମାମଲାର ତଦନ୍ତ କରି ତାଙ୍କ ବିରୋଧରେ ସି-ସୋରଠାରୁ ୧ କୋଟି ୭୫ ଲକ୍ଷ ଟଙ୍କା ବେଆଇନ କାରବାର କରିଥିବା ନେଇ ଚାର୍ଜଶିଟ୍ ଦାଖଲ କରିଥିଲା। ରାଜନୈତିକ ପ୍ରଭାବ ବିସ୍ତାର ସହ ସି-ସୋରକୁ ଫାଇଦା ଓ ସୁରକ୍ଷା ଦେବା ଏହି ବେଆଇନ ଅର୍ଥ କାରବାରର ଉଦ୍ଦେଶ୍ୟ ହୋଇଥିବା ନେଇ ସିବିଆଇ ଓକିଲ ସାର୍ଥକ ନାୟକ ଅଦାଲତରେ ତଥ୍ୟ ପ୍ରମାଣ ଉପସ୍ଥାପନ କରିଥିଲେ। ଅନ୍ୟପକ୍ଷରେ ରବୀନ୍ଦ୍ରଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା ଯେ, ଏହି ଟଙ୍କା ସି-ସୋରରୁ ସେ ଋଣ ଆକାରରେ ନେଇଥିଲେ। ସମବାୟ ଆଇନ ଅନୁଯାୟୀ ପଞ୍ଜୀକୃତ ହୋଇଥିବା ସି-ସୋର ନିଜ ମେମ୍ବରଙ୍କ ବ୍ୟତୀତ ଅନ୍ୟ କାହାକୁ ଋଣ ଦେଇପାରିବ ନାହିଁ ଏବଂ ଏଥିପାଇଁ ପରିଚାଳନା କମିଟିର ଦସ୍ତାବିଜ ଜାଲ୍ କରାଯାଇଥିବା ସିବିଆଇ ପକ୍ଷରୁ ଦର୍ଶାଯାଇଥିଲା।

# ଚିଟ୍‌ଫଣ୍ଡ ଠକେଇ: ରାଜ ଗଡସନ୍ ଏମ୍‌ଡିଙ୍କୁ ୫ବର୍ଷ ଜେଲ

ବାଲେଶ୍ୱର ଅଫିସ, ୬।୨

ବାଲେଶ୍ୱର ଚିଟ୍‌ଫଣ୍ଡ ଅଦାଲତର ବିଚାରପତି ବିଶ୍ୱଜିତ୍ ଦାସ ଏକ ଠକେଇ ମାମଲାର ବିଚାର କରି ରାଜ ଗଡସନ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ଜଗଦୀଶ ମିଶ୍ରଙ୍କୁ ୫ବର୍ଷ ଜେଲ୍‌ଦଣ୍ଡ ସହ ୩ଲକ୍ଷ ୮୧ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନଦେୟ ଆଉ ଅଧିକ ଅଢ଼େଇବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ଗତ ୨୦୧୦ରେ ଜଗଦୀଶ ମିଶ୍ର ରାଜ ଗଡସନ୍ ସର୍ଭିସେସ୍ ପ୍ରା.ଲିଃ. ନାମରେ ଚିଟ୍‌ଫଣ୍ଡ ସଂସ୍ଥା କରି ଏହାର ମୁଖ୍ୟ ଅଫିସ୍ ଭୁବନେଶ୍ୱରର ନିଳାଦ୍ରୀ ବିହାର ଓ ବ୍ରାଞ୍ଚ ଅଫିସ୍ ବାଲେଶ୍ୱର ମଲ୍ଲିକାଶପୁର ସହ ମୟୂରଭଞ୍ଜ ଓ ଭଦ୍ରକ ଜିଲାରେ ଶାଖା ଖୋଲିଥିଲେ। ଜମାକାରୀଙ୍କୁ ମୂଳ ଟଙ୍କାର ୪ବର୍ଷରେ ୨ଗୁଣା ଓ ୭ବର୍ଷରେ ୪ ଗୁଣା ଫେରସ୍ତ ଦେବା ସହ ବାଲେଶ୍ୱର ଟାଉନ ଓ ଆଖପାଖ ଅଞ୍ଚଳର ସମାନ ମୂଲ୍ୟର ଜମିର ପ୍ଲଟ ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇ କୋଟି କୋଟି ଟଙ୍କା ଉଠାଇଥିଲେ। ଏହାର ଖିଲାପ ହେବାରୁ ଜମାକାରୀମାନେ ୨୦୧୬ ଅଗଷ୍ଟ ୨୩ରେ ଅଭିଯୋଗ କରିଥିଲେ। ଏନେଇ ମାମଲା (ନଂ. ୨୧୬/୧୬) ପ୍ରାଇଜ୍ ଚିଟ୍ ମନି ସର୍କୁଲେସନ୍ (ବ୍ୟାନିଂ) ଆକ୍ଟ ୧୯୭୮ ଓ ଓଡ଼ିଶା ପ୍ରୋଟେକ୍ସନ୍ ଅଫ୍ ଇଣ୍ଟରେଷ୍ଟ ଅଫ୍ ଡିପୋଜିଟର୍ସ (ଇନ୍ ଫାଇନାନ୍‌ସିଆଲ୍ ଏଷ୍ଟାବ୍ଲିସ୍‌ମେଣ୍ଟ) ଆକ୍ଟ ୨୦୧୧ ଅନୁଯାୟୀ ରୁଜୁ କରାଯାଇଥିଲା।

# ରାଷ୍ଟ୍ରପତିଙ୍କ ୨ ଦିନିଆ ଓଡ଼ିଶା ଗସ୍ତ: ପ୍ରସ୍ତୁତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

## ଦାୟିତ୍ୱରେ ନିୟୋଜିତ ଅଧିକାରୀ, ଅତିଥିଙ୍କ ହେବ ଆରଟିପିସିଆର ଟେଷ୍ଟ

ଭୁବନେଶ୍ୱର,୬।୨(ବ୍ୟୁରୋ)

ଫେବୃୟାରୀ ୧୦ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨ ଦିନିଆ ଓଡ଼ିଶା ଗସ୍ତରେ ଆସିବେ। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଦାୟିତ୍ୱରେ ନିୟୋଜିତ ଅଧିକାରୀ, ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଉଥିବା ଅତିଥି ଏବଂ ସାକ୍ଷାତ୍ କରିବାକୁ ଥିବା ବ୍ୟକ୍ତିବିଶେଷଙ୍କ ୭୨ ଘଣ୍ଟା ପୂର୍ବରୁ ଆରଟିପିସିଆର ଟେଷ୍ଟ ସହ ମାସ୍କ ପରିଧାନକୁ ବାଧ୍ୟତାମୂଳକ କରାଯାଇଛି। ସୋମବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତକାଳରେ ଏ ନେଇ ପ୍ରଶାସନିକସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ସମସ୍ତ ଆନୁଷଙ୍ଗିକ ପ୍ରସ୍ତୁତି ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହ ପ୍ରସ୍ତୁତି ତଦାରଖ ନିମନ୍ତେ ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦେଇଛନ୍ତି। ବୈଠକରେ ଗସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲା ସୂଚନା ଦେଇଛନ୍ତି। ରାଷ୍ଟ୍ରପତି ଆସନ୍ତା ୧୦ ତାରିଖରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରେ ପହଞ୍ଚିବା ପରେ ଉତ୍କଳ ମଣ୍ଡପରେ ଜ୍ଞାନପ୍ରଭା ମିଶନ ପକ୍ଷରୁ ଆୟୋଜିତ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମଧାହ୍ନ ବିରତି ପରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହାପରେ ରାଷ୍ଟ୍ରପତି ରାଜଭବନରେ ରାତ୍ରିଯାପନ କରିବେ। ୧୧ ତାରିଖ ସକାଳେ ମହାପ୍ରଭୁ ଲିଙ୍ଗରାଜଙ୍କୁ ଦର୍ଶନ କରିବା ପରେ କଟକ ଗସ୍ତ କରି ଜାତୀୟ ଧାନ ଗବେଷଣା କେନ୍ଦ୍ରଠାରେ ଦ୍ୱିତୀୟ ଭାରତୀୟ ଧାନ କଂଗ୍ରେସକୁ ଉଦ୍‌ଘାଟନ କରିବେ। ଏହାପରେ ଉକ୍ତ ଦିନ ଭୁବନେଶ୍ୱର ବିମାନବନ୍ଦରରୁ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ। କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ସୁରକ୍ଷା, ଆତିଥେୟତା, ଯାନବାହନ ଓ ବାରିକେଡ୍ ବ୍ୟବସ୍ଥା, ଅଗ୍ନିଶମ, ସ୍ୱାସ୍ଥ୍ୟ, ନୀରବଚ୍ଛିନ୍ନ ଜଳ ଓ ବିଦ୍ୟୁତ୍ ଯୋଗାଣ, ଯୋଗାଯୋଗ, ଗଣମାଧ୍ୟମ ପରିଚାଳନା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ମଞ୍ଚ ସାଜସଜ୍ଜା ଓ ବୈଠକରେ ଯୋଗଦେଉଥିବା ବ୍ୟକ୍ତିବିଶେଷଙ୍କ ଆସନ ଗ୍ରହଣ ସମ୍ପର୍କରେ ଗୃହ ଓ ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ସହ ଯୋଗସୂତ୍ର ରଖିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

# ତଦନ୍ତ ପରିସରଭୁକ୍ତ ହେବ ସ୍ୱୀକୃତିପ୍ରାପ୍ତ ସେଲ୍ଫଫାଇନାନ୍ସ କଲେଜ

ଭୁବନେଶ୍ୱର, ୬।୨(ବ୍ୟୁରୋ):

ରାଜ୍ୟରେ ଛତୁ ଫୁଟିଲା ଭଳି ଗଢ଼ି ଉଠିଥିବା ସେଲ୍ଫଫାଇନାନ୍ସ କଲେଜର ଯାଞ୍ଚ କରାଯିବ। ଅବହେଳା ପ୍ରଦର୍ଶନ କରୁଥିବା କିମ୍ବା ପିଲାଙ୍କ ଅଭିଯୋଗକୁ ଭିତ୍ତିକରି କଲେଜ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ମିଳିଥିବା ସୂଚନାନୁସାରେ, ରାଜ୍ୟ ବାହାରର ଅନାମଧେୟ ଅନୁଷ୍ଠାନରୁ ସ୍ୱୀକୃତି ଆଣି ଏଠାରେ ଶିକ୍ଷା ନାଁରେ ଅନେକ ସେଲ୍ଫଫାଇନାନ୍ସ କଲେଜ ଖୋଲି ବ୍ୟବସାୟ ଚଳାଇଥିବା ଅଭିଯୋଗ ହେଉଛି। ଆଉ କିଛି ନକଲି ସାର୍ଟିଫିକେଟ ଦେଇ ପିଲାଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ତେବେ ସର୍ବଭାରତୀୟ ସ୍ତରରେ ୨୩ଟି ନକଲି ବିଶ୍ୱବିଦ୍ୟାଳୟ ଚିହ୍ନଟ ହେବା ପରେ ଏବେ ବିଭାଗର ଚେତା ପଶିଛି। ରାଜଧାନୀ ସମେତ ରାଜ୍ୟର ସମସ୍ତ ଜିଲାରେ ଥିବା ବାହାର ଅନୁଷ୍ଠାନର ସ୍ୱୀକୃତିପ୍ରାପ୍ତ କଲେଜଗୁଡ଼ିକ ତଦନ୍ତ ପରିସରଭୁକ୍ତ ହେବା ସହ ସେଗୁଡିକର ଭିତ୍ତିଭୂମିଠାରୁ ଆରମ୍ଭ କରି ବିଭିନ୍ନ ବ୍ୟବସ୍ଥାକୁ ଯାଞ୍ଚ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ରାଜ୍ୟରେ ବର୍ତ୍ତମାନ ୪୦୦ରୁ ଊର୍ଦ୍ଧ୍ୱ ଅନୁଷ୍ଠାନ ରହିଛି, ଯେଉଁଗୁଡ଼ିକ ବାହାର ରାଜ୍ୟରୁ ସ୍ୱୀକୃତି ଆଣି ସେଲ୍ଫଫାଇନାନ୍ସ କୋର୍ସ ପ୍ରଦାନ କରୁଛନ୍ତି। ସମ୍ପୃକ୍ତ କଲେଜ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କୁ ପାସ୍ କରିଦେବାର ଗ୍ୟାରେଣ୍ଟି ବି ଦେଉଛନ୍ତି। ଫଳରେ ଏଠାକାର ଛାତ୍ରୀଛାତ୍ରମାନେ ପାସ କରିବା ପାଇଁ ମଧ ପେପର୍ ପିଛା ଅଢ଼େଇ ହଜାରରୁ ପାଞ୍ଚ ହଜାର ଟଙ୍କା ଲାଞ୍ଚ ଦେଉଛନ୍ତି। ସରକାରଙ୍କର କୌଣସି ନିୟନ୍ତ୍ରଣ ନ ଥିବାରୁ ସମ୍ପୃକ୍ତ କଲେଜଗୁଡ଼ିକର ଆୟବ୍ୟୟର ହିସାବ ମଧ କାହା ପାଖରେ ନାହିଁ। ଫଳରେ ରାଜ୍ୟର ବହୁ ଗରିବ ମେଧାବୀ ପିଲା ଶୋଷଣର ଶିକାର ହେଉଛନ୍ତି। ତେଣୁ ଏ ଦିଗରେ ରୋକ୍ ଲଗାଇବା ପାଇଁ ସରକାର ଏପରି ପଦକ୍ଷେପ ନେବାକୁ ଯାଉଛନ୍ତି। ଉଚ୍ଚଶିକ୍ଷା ବିଭାଗ ଓ ଆଞ୍ଚଳିକ ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ଏକ ସ୍କ୍ୱାଡ୍ ଗଠନ କରାଯିବ। ବାହାର ରାଜ୍ୟରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକରୁ ସ୍ୱୀକୃତି ଆଣିଥିବା ଘରୋଇ କଲେଜଗୁଡ଼ିକର ସମସ୍ତ ତଥ୍ୟ ଯାଞ୍ଚ ହେବ। ତେବେ ଯାଞ୍ଚ ରିପୋର୍ଟ ମାର୍ଚ୍ଚ ଶେଷ ସୁଦ୍ଧା ସରକାରଙ୍କୁ ପ୍ରଦାନ କରାଯିବ। ଅପରପକ୍ଷେ ରାଜ୍ୟର ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରୁ ସ୍ୱୀକୃତି ପାଇଥିବା ଅନୁଷ୍ଠାନକୁ ତଦନ୍ତରୁ ବାଦ୍ ଦେବାକୁ ନିଷ୍ପତ୍ତି ହୋଇଥିଲେ ମଧ ସମ୍ପୃକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମିକୁ ଯାଞ୍ଚ କରାଯିବ। ୟୁଜିସି ପକ୍ଷରୁ ଯେପରି ସର୍ବଭାରତୀୟସ୍ତରରେ ନକଲି କଲେଜର ତାଲିକା ପ୍ରକାଶ ପାଉଛି, ସେହିପରି ରାଜ୍ୟରେ ଶିକ୍ଷା ନାଁରେ ବ୍ୟବ୍ୟସାୟ କରୁଥିବା କିମ୍ବା ନକଲି କଲେଜର ତାଲିକା ପ୍ରକାଶ କରାଯାଇ ଛାତ୍ରୀଛାତ୍ରଙ୍କୁ ସଚେତନ କରିବାକୁ ବିଭାଗ ପକ୍ଷରୁ ଯୋଜନା ରହିଥିବା ଜଣାପଡ଼ିଛି।

- ପିଲାଙ୍କ ଅଭିଯୋଗକୁ ଦିଆଯିବ ଗୁରୁତ୍ୱ
- ବେଆଇନ ସ୍ୱୀକୃତି ଧରାପଡ଼ିଲେ କଡ଼ା କାର୍ଯ୍ୟାନୁଷ୍ଠାନ
- ନକଲି କଲେଜ ତାଲିକା ପ୍ରକାଶ କରିବେ ସରକାର

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୭ ଫେବୃୟାରୀ, ୨୦୨୩

**ଆଜିର ମନ୍ତବ୍ୟ**

"ଭାଜପା ନେତୃତ୍ୱାଧୀନ ସରକାର ଦେଶରୁ ଜବରଦଖଲ ହଟାଇବା ସକାଶେ ବୁଲଡୋଜର ଲଗାଇ ଗରିବ ଲୋକଙ୍କ ଘର ଭାଙ୍ଗୁଛି। ଏହି ସରକାର ଜମ୍ମୁ-କଶ୍ମୀରକୁ ଖୁବ୍ କମ୍ ଦିନରେ ଆଫଗାନିସ୍ତାନରେ ପରିଣତ କରିଦେବ।
– ମେହବୁବା ମୁଫ୍ତି, ପିଡିପି ଅଧ୍ୟକ୍ଷା



## ଉଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଉଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଘଟ ଘଟା,
ମଲ୍ଲୀ ଫୁଲଠାରେ ଉଠିଛି କଣ୍ଟା।**

ଗୋଲାପ ଗଛରେ କଣ୍ଟା ଥାଏ ପରନ୍ତୁ ମଲ୍ଲୀ ଗଛରେ କଣ୍ଟା ନ ଥାଏ। ବେଳେବେଳେ କିଛି ଆଚମ୍ବିତ କଲା ଭଳି ଘଟଣା ଘଟିଥାଏ ; ଯାହାକି ଆଖିକୁ ବିଶ୍ୱାସରେ ନେବା କାଠିକର ପାଠ ହୋଇଯାଏ। ଅଘଟଣ ଘଟଣା ଘଟିବା ବା ଉପୁଜିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଜା ଜାଣି ନାତି,
ମାଛ ଜାଣି କାତି।**

ବଂଶର ଗୁଣ ଅନୁସାରେ ପିଲାର ଗୁଣ ମଧ୍ୟ ପ୍ରସ୍ଫୁଟିତ ହୋଇଥାଏ। ଅଜା ବା ଜେଜେଙ୍କର ଗୁଣ, ସ୍ୱଭାବ ତଥା ପ୍ରକୃତି ସ୍ଥଳ ବିଶେଷରେ ନାତିଠାରେ ପରିଲକ୍ଷିତ ବା ପ୍ରତିଫଳିତ ହୋଇଥାଏ। ଉତ୍ତରାଧିକାର ସୂତ୍ରରେ ନାତିର ଗୁଣଗ୍ରାମ ଅଜା ବା ଜେଜେଙ୍କ ସହ ମେଳ ଖାଇଥାଏ। ସେହିପରି କାତି ଦେଖି ଏହା କେଉଁ ପ୍ରଜାତିର ମାଛ ତାହା ସହଜରେ ଜାଣି ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଉଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପୁଣି ଆନ୍ଦୋଳନକୁ ଓହ୍ଲାଇବେ ନୂତନ ପେନସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ

**ଭୁବନେଶ୍ୱର, ୬।୨(ବ୍ୟୁରୋ)**

ଦାବି ପୂରଣ ନ ହେବାରୁ ନୂତନ ପେନସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ନୂତନ ପେନସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘର କହିବାନୁସାରେ, ମୁଖ୍ୟମନ୍ତ୍ରୀ ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ ହେଲା ବୋଲି ଘୋଷଣା କଲେ। ତେବେ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଶିକ୍ଷକଙ୍କ ମଧ୍ୟରେ ଏହି ବିଜ୍ଞପ୍ତିକୁ ନେଇ ବହୁ ଅସଙ୍ଗତି ସୃଷ୍ଟି ହେଲା। ୨୦୧୩ ଚୁକ୍ତିଭିତ୍ତିକ ନିଯୁକ୍ତି ନିୟମାନୁସାରେ ଯେଉଁମାନେ ନିଯୁକ୍ତି ପାଇଛନ୍ତି ସେହିମାନେ ହିଁ କେବଳ ଉପକୃତ ହେବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ଥିଲା। ଅର୍ଥାତ ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷକମାନେ କୌଣସି ସୁବିଧା ପାଇବେ ନାହିଁ। ଏହି ଶିକ୍ଷକଙ୍କର ୬ ବର୍ଷ ଚୁକ୍ତି ଅବଧିକୁ ମୂଳ ଚାକିରି ସହ ଯୋଗ କରିବା ସହ ୬ଟି ନ୍ୟାଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା ଏବଂ ୨୦୧୬ରୁ ୨୦୨୨ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ତୁରନ୍ତ ନିୟମିତ କରିବା ଭଳି ଦୁଇ ଦଫା ଦାବି ପୂରଣ ନିମନ୍ତେ ସଂଘ ଗତ ଡିସେମ୍ବର ୧୨ରେ ଆନ୍ଦୋଳନକୁ ଓହ୍ଲାଇଥିଲା। ୧୭ ଦିନ ଧରି ଚାଲିଥିବା ଏହି ଆନ୍ଦୋଳନରେ ଦାବି ପୂରଣ ନିମନ୍ତେ ସଂଘ ବିଭିନ୍ନ ପ୍ରକାର କାର୍ଯ୍ୟପନ୍ଥା ଗ୍ରହଣ କରିଥିଲା। ଫଳରେ ସରକାର ଚାପଗ୍ରସ୍ତ ହୋଇ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଗଣଶିକ୍ଷା ସଚିବ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାଜ୍ୟ ସଂଘ ଆନ୍ଦୋଳକୁ ସ୍ଥଗିତ ରଖିଥିଲା। ଇତିମଧ୍ୟରେ ମାସେ ବିତିଯାଇଥିଲେ ମଧ୍ୟ ସରକାର କୌଣସି ଦାବି ପୂରଣ କରୁନାହାନ୍ତି। ଆସନ୍ତା ୧୦ ତାରିଖ ମଧ୍ୟରେ ଦାବି ପୂରଣ ନ ହେଲେ ସଂଘ ପୁନଶ୍ଚ ରାଜରାସ୍ତାକୁ ଓହ୍ଲାଇବ ବୋଲି କଡ଼ା ଚେତାବନୀ ଦେଇଛି। ୧୩ ତାରିଖରେ ଗଣଶିକ୍ଷା ବିଭାଗ ସଚିବଙ୍କ ଉଦ୍ଦେଶ୍ୟରେ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଓ ଉକ୍ତ ଦିନ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯିବ। ଏହାପରେ ଯଦି ସରକାର ଦାବି ପୂରଣ ନ କରନ୍ତି ତା'ହେଲେ ୧୫ ତାରିଖରେ ସମସ୍ତ ବିଧାୟକ/ମନ୍ତ୍ରୀଙ୍କୁ ରାଜ୍ୟ ସଂଘ ତରଫରୁ ଦାବିପତ୍ର ଦିଆଯିବ। ଆଗକୁ ମାଟ୍ରିକ ପରୀକ୍ଷା ଆସୁଛି। ଶିକ୍ଷକମାନେ ଚାହୁଁନାହାନ୍ତି ବିଦ୍ୟାଳୟ ଛାଡ଼ି ପୁଣି ରାଜ ରାସ୍ତାକୁ ଆସନ୍ତୁ। କିନ୍ତୁ ସରକାର ବାରମ୍ବାର ଆନ୍ଦୋଳନ କରିବା ପାଇଁ ବାଧ କରୁଛନ୍ତି ବୋଲି ରାଜ୍ୟ ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି।

## ଶିମିଳିପାଳରୁ ୫ ଶିକାରୀ ଗିରଫ

**୨ ଦେଶୀ ବନ୍ଧୁକ, ମୋବାଇଲ ଫୋନ ଜବତ**

**ବାରିପଦା ଅଫିସ,୬।୨:**

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଉପନିର୍ଦ୍ଦେଶକ ଓ ବାରିପଦା ବନଖଣ୍ଡ ଅଧିକାରୀ ମିଳିତ ଚଢ଼ାଉ କରି ୫ ଶିକାରୀଙ୍କୁ ଗିରଫ କରିଛନ୍ତି। ସେମାନଙ୍କଠାରୁ ମୃତ ହାତୀର ହାଡ଼, କଇଁଛ ଖୋଳପା ଓ ବିଭିନ୍ନ ବନ୍ୟପ୍ରାଣୀଙ୍କ ହାଡ଼ ସହିତ ୨ଦେଶୀ ବନ୍ଧୁକ ଓ ଦୁଇଟି ମୋବାଇଲ ଫୋନ ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ରାଇରଙ୍ଗପୁର ସଦର ଥାନା ଅଧୀନ କରକଟିଆ ଗ୍ରାମର ସୁନ୍ଦର ମୋହନ, ବେତନଟୀ ଥାନା ଅନ୍ତର୍ଗତ ପୁରୁଣାପାଣି ଗ୍ରାମର ରାମ ବିନ୍ଧାଣି, ବାରିପଦା ସଦର ଥାନା ଅଧୀନ ଲାଲଗଞ୍ଜ ଗ୍ରାମର ବୁଦ୍ଧିରାମ ସିଂ ଓ ଜିତେନ ଶ୍ୟାମ ସିଂ ଏବଂ ପାଇକବସା ଗ୍ରାମର ସୁନାରାମ ବାରିକ।

ଝାରପୋଖରିଆ ଥାନା ଅଧୀନ ଜଳଡିଙ୍ଗାର ଏକ ଢାବାରୁ କିଛିଦିନ ପୂର୍ବେ କଲରାପତରିଆ ବାଘର ଛାଲ ଜବତ ହେବା ଓ ଜେନାବିଲ ରେଞ୍ଜର ଗୋରାଣ୍ଡି ବିଟ୍‌ରେ ହାତୀ ଶିକାର ପରେ ପ୍ରମାଣ ନଷ୍ଟ କରିବା ଘଟଣା ଲୋକଲୋଚନକୁ ଆସିଥିଲା। ଏହି ଦୁଇ ଘଟଣାରେ ଜଡ଼ିତ ଅଭିଯୁକ୍ତଙ୍କୁ ପଚରାଉଚରା ପରେ ମିଳିଥିବା ସୂଚନାକୁ ଆଧାର କରି ବନ ବିଭାଗ ତଦନ୍ତ ଚଳାଇଥିଲା। ତେବେ ସୁନାରାମଙ୍କ ଘରେ ଚୋରା ବ୍ୟବସାୟ ପାଇଁ ମୂଳଚାଲ ଚାଲିଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ପୂର୍ବରୁ ଉକ୍ତ ଶିକାରୀମାନେ ସମାନ ଘଟଣାରେ ସମ୍ପୃକ୍ତ ଥାଇ ଜେଲ ଯାଇଥିଲେ ବୋଲି ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର ଯୋଶୀ ସୂଚନା ଦେଇଛନ୍ତି।

## ବନ କର୍ମଚାରୀଙ୍କୁ ଆକ୍ରମଣ

**ବୋଲେରୋ, ବାଇକ୍ ଭାଙ୍ଗିଦେଲେ**

**ବାରିପଦା ଅଫିସ,୬।୨:**

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଅଷ୍ଟକୁଅଁର ପଞ୍ଚାୟତ ଅନ୍ତର୍ଗତ ନଅଣା ଗ୍ରାମ ସରମସାହିରେ ବନ କର୍ମଚାରୀଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ବନବିଭାଗ ଓ ଯଶିପୁର ଥାନାରେ ପୃଥକ ମାମଲା ରୁଜୁ ହୋଇଛି।

ସୂଚନାଯୋଗ୍ୟ, ରବିବାର ବିଳମ୍ବିତ ରାତିରେ ନଅଁଣା ରେଞ୍ଜର ଫରେଷ୍ଟର, ୨ଜଣ ଗାର୍ଡ ଓ ୪ ବନ ସୁରକ୍ଷା କର୍ମୀ ସରମସାହି ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ୪୦/୫୦ଜଣ ମହିଳା ପୁରୁଷ ଏକାଠି ହୋଇ ଏକ ବିଶାଳ ଶାଳଗଛକୁ କାଟି ଖଣ୍ଡ ଖଣ୍ଡ କରି ରଖିବା ଦେଖି ବନ କର୍ମଚାରୀମାନେ ପଚରାଉଚୁରା କରିଥିଲେ। ଏହି ସମୟରେ ସେମାନେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ବନ କର୍ମଚାରୀଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଧନୁତୀର ଦେଖାଇ ଜୀବନରୁ ମାରିଦେବାକୁ ଉଦ୍ୟମ କରିବା ବେଳେ ବନ କର୍ମଚାରୀମାନେ ଭୟରେ ଉକ୍ତ ସ୍ଥାନ ଛାଡ଼ି ପଳାଇ ଆସିଥିଲେ। ଗ୍ରାମବାସୀମାନେ ଜଣେ ବନ କର୍ମଚାରୀଙ୍କଠାରୁ ୫ଶହ ଟଙ୍କା ଓ ମୋବାଇଲ ଛଡ଼ାଇ ନେବା ସହ ସରକାରୀ ବୋଲେରୋ ଓ ଏକ ବାଇକ୍‌କୁ ଭଙ୍ଗାରୁଜା କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଖବରପାଇ ଏସିଏଫ୍ ନିକେଶ କୁମାରଙ୍କ ସହ ଯଶିପୁର ବନବିଭାଗର କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇ ଭାଙ୍ଗିରୁଜି ଯାଇଥିବା ବୋଲେରୋ ଓ ବାଇକ୍ ଆଣିବା ସହ ୧୯ଖଣ୍ଡ ଶାଳ ପଟା ଜବତ କରିଛନ୍ତି।

## 'ବର୍ତ୍ତମାନ ସମୟରେ ଆଇନଜୀବୀଙ୍କ କ୍ଷମା ଆବେଦନ ବିଚାର ସମ୍ଭବ ନୁହେଁ'

**ସର୍ବୋଚ୍ଚ ଅଦାଲତଙ୍କ କଠୋର ମନୋଭାବ ପୋଷଣ**

**ନୂଆଦିଲ୍ଲୀ/ସମ୍ବଲପୁର(ବ୍ୟୁରୋ),୬।୨**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଡିସେମ୍ବର ୧୨ରେ କୋର୍ଟ ଭଙ୍ଗାରୁଜା ସହ ବିଚାରପତିଙ୍କୁ ବାହାର କରିବା ଘଟଣାରେ ସୁପ୍ରିମକୋର୍ଟ ସୋମବାର କଠୋର ଆଭିମୁଖ୍ୟ ପ୍ରକାଶ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଆଇନଜୀବୀମାନେ କରିଥିବା ନିଃସର୍ତ୍ତ କ୍ଷମା ପ୍ରାର୍ଥନାକୁ ବର୍ତ୍ତମାନ ସମୟରେ ଗ୍ରହଣ କରାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଓକିଲମାନେ କ୍ଷମା ପ୍ରାର୍ଥନା ହୃଦୟରୁ କି ଅଦାଲତ ଅବମାନନା ପ୍ରୋସିଡିଂରୁ ବର୍ତ୍ତିବା ପାଇଁ କରିଛନ୍ତି, ତାହାକୁ ଅନୁଧ୍ୟାନ କରିବା ପରେ ଏସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ୍ ୧୭ରେ ହେବ।

ତେବେ ଗିରଫ ଆଇନଜୀବୀଙ୍କ ଜାମିନ ଆବେଦନ ସମ୍ପର୍କିତ ବିଚାର ପ୍ରକ୍ରିୟାରେ ସୁପ୍ରିମକୋର୍ଟରେ ଚାଲିଥିବା କ୍ଷମା ପ୍ରାର୍ଥନା ସମ୍ପର୍କିତ ଶୁଣାଣିର କୌଣସି ପ୍ରତିବନ୍ଧକ ନାହିଁ ବିଚାରପତି ଏସ୍.କେ. କଲ୍ ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ପୀଠ ସ୍ପଷ୍ଟ କରିଛନ୍ତି। ଗିରଫ ଆଇନଜୀବୀମାନେ ସେମାନଙ୍କ ଜାମିନ ଆବେଦନ ତଳ କୋର୍ଟ କିମ୍ବା ହାଇକୋର୍ଟରେ କରିପାରିବେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଆବେଦନର ଶୁଣାଣି ସମୟରେ ଖଣ୍ଡପୀଠ ଓକିଲମାନଙ୍କ କାର୍ଯ୍ୟାକଳାପରେ ଅସନ୍ତୋଷ ପ୍ରକାଶ କରିଥିଲେ। ବିଚାରପତିମାନେ ଓକିଲସଂଘର ଏକ ଅଂଶ। ତଥାପି ଏଭଳି କାର୍ଯ୍ୟକୁ ବର୍ତ୍ତମାନ ସ୍ଥିତିରେ ବିଚାରକୁ ନିଆଯାଇପାରିବ ନାହିଁ। ତେଣୁ ଅଦାଲତ ଅବମାନନା ଅଭିଯୋଗରୁ ଆଇନଜୀବୀଙ୍କୁ ଏବେ କୌଣସି ନିସ୍ତାର ମିଳିପାରିବ ନାହିଁ ବୋଲି ପୀଠ କହିଛନ୍ତି। କ୍ଷମା ପ୍ରାର୍ଥନା ସହ ଭବିଷ୍ୟତରେ ଏଭଳି କାର୍ଯ୍ୟରେ ସମ୍ପୃକ୍ତ ନ ହେବା ନେଇ ଏକ ଅଙ୍ଗୀକାର ଦେବାକୁ କୋର୍ଟ କହିଛନ୍ତି। ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ତରଫରୁ ମାମଲା ଲଢୁଥିବା ଓକିଲ ବିକାଶ ସିଂ କହିଥିଲେ ଯେ, ଆଇନ୍‌ଜୀବୀମାନେ ଇତିମଧ୍ୟରେ ଜେଲ୍ ଭିତରେ ୫୮ଦିନ ରହିଲେଣି। ଏପରି କରି ପୋଲିସ ଆକ୍ରମଣର ଶିକାର ମଧ୍ୟ ହୋଇଛନ୍ତି। ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ମନନ୍ ମିଶ୍ର କହିଥିଲେ ଯେ, ଜେଲ୍‌ରେ ଥିବା ଆଇନଜୀବୀଙ୍କ ମଧ୍ୟରେ କିଛି ମହିଳା ଏବଂ ୭୫ବର୍ଷରୁ ଊର୍ଦ୍ଧ୍ୱ ଅଛନ୍ତି। ତେଣୁ ସେମାନଙ୍କ କଥା ବିଚାର କରିବାକୁ ନିବେଦନ କରିଥିଲେ। ଏହା ସତ୍ତ୍ୱେ ଖଣ୍ଡପୀଠ ତାଙ୍କ ନିଷ୍ପତ୍ତିରେ କୌଣସି ପରିବର୍ତ୍ତନ କରି ନ ଥିଲେ। ଏହି ଘଟଣାରେ ୩୦ ଓକିଲ ଏବେ ଜେଲ୍‌ରେ ଅଛନ୍ତି।

ସୂଚନାଯୋଗ୍ୟ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଗତ ନଭେମ୍ବର ୩୦ ତାରିଖ ପୋଲିସ ଓ ଆନ୍ଦୋଳନକାରୀ କୋର୍ଟ ବାହାରେ ଧସ୍ତାଧସ୍ତି ହୋଇଥିଲେ। ବିଚାରପତିମାନେ ଫେରି ଯାଇଥିଲେ। ଏହାକୁ ନେଇ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇ ପକ୍ଷ ରଖିବାକୁ କହିଥିଲେ। ସୁପ୍ରିମକୋର୍ଟ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ସିଏସି ନିର୍ଦ୍ଦେଶ ଦେଇଥିଲେ। ପରେ ଡିସେମ୍ବର ୧୨ରେ ପୁଣି ଆନ୍ଦୋଳନ ସମୟରେ ଅଭାବନୀୟ ଘଟଣା ଘଟିଥିଲା। କୋର୍ଟ ଭଙ୍ଗାରୁଜା ସହ ବିଚାରପତିମାନଙ୍କୁ କୋର୍ଟ ପରିସରରୁ ବାହାର କରିଦେଇଥିଲେ। ଏହି ଘଟଣାରେ ସମ୍ବଲପୁର ଜିଲା ଓକିଲ ସଂଘର ସମସ୍ତ ସଦସ୍ୟଙ୍କୁ ବାର କାଉନ୍‌ସିଲ ଅଫ ଇଣ୍ଡିଆ ନିଲମ୍ବନ କରିବାକୁ ରାଜ୍ୟ ବାର କାଉନସିଲକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ୪୩ ଜଣ ଓକିଲଙ୍କ ୧୮ ମାସ ପର୍ଯ୍ୟନ୍ତ ଲାଇସେନ୍ସ ନିଲମ୍ବନ କରିଦେଇଥିଲେ। ପରେ ୪୩ ଜଣଙ୍କୁ ଛାଡ଼ି ସମସ୍ତଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଥିଲା। କୋର୍ଟ କାର୍ଯ୍ୟ ସ୍ୱାଭାବିକ କରିବା ପାଇଁ ସୁପ୍ରିମକୋର୍ଟ ପୁଣି ନିର୍ଦ୍ଦେଶ ଦେଇଥିଲେ। ପ୍ରାୟ ୧ମାସ ପରେ ଓକିଲ ସଂଘ ସଦସ୍ୟମାନେ କୋର୍ଟ କାର୍ଯ୍ୟରେ ଯୋଗ ଦେଇଥିଲେ।

## ୬ ପ୍ରୋବେସନାରି ଆଇଏଏସ୍ ଅଫିସରଙ୍କୁ ତହସିଲଦାର ଦାୟିତ୍ୱ

**ଭୁବନେଶ୍ୱର, ୬।୨(ବ୍ୟୁରୋ)**

ଓଡ଼ିଶା କ୍ୟାଡର୍‌ର ୬ ଜଣ ପ୍ରୋବେସନାରି ଆଇଏଏସ୍ ଅଫିସରଙ୍କୁ ରାଜ୍ୟ ସରକାର ବିଭିନ୍ନ ତହସିଲରେ ତହସିଲଦାର ଭାବେ ନିଯୁକ୍ତି ଦେଇଛନ୍ତି। ଏହି ଆଇଏଏସ୍ ଅଫିସରମାନେ ଫେବୃୟାରୀ ୫ରୁ ମାର୍ଚ୍ଚ ୧୮ତାରିଖ ପର୍ଯ୍ୟନ୍ତ ତହସିଲଦାର ଭାବେ କାର୍ଯ୍ୟ କରିବେ। ସମ୍ପୃକ୍ତ ତହସିଲରେ ଏବେ କାର୍ଯ୍ୟରତ ତହସିଲଦାରମାନଙ୍କୁ ଏହି ସ୍ୱଳ୍ପ ଅବଧି ପାଇଁ ସେଠାରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶନାମା ଜାରି ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ପ୍ରୋବେସନରେ ଥିବା ୬ଜଣ ଓଡ଼ିଶା କ୍ୟାଡର୍‌ର ଆଇଏଏସ୍ ଧୀନାହ ଦସ୍ତାଗିରଙ୍କୁ ଗଞ୍ଜାମ ତହସିଲ, ଧୀମନ ଚକମାଙ୍କୁ କେନ୍ଦୁଝର ସଦର ତହସିଲ, କିରନଦୀପ କୌର ସାହୋତଙ୍କୁ ରେମୁଣା, ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କୁ କୋରାପୁଟ ତହସିଲ, ରେହନ କ୍ଷତ୍ରୀଙ୍କୁ ସମ୍ବଲପୁର ତହସିଲ ଓ ରୀନା ପ୍ରଧାନଙ୍କୁ ସୁନ୍ଦରଗଡ଼ ସଦର ତହସିଲରେ ତହସିଲଦାର ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅଧିକାରୀମାନେ ୨୦୨୧ ବ୍ୟାଚ୍‌ର ଓଡ଼ିଶା କ୍ୟାଡର୍ ଆଇଏଏସ୍ ଅଫିସର ବୋଲି ଜଣାପଡ଼ିଛି।

ପ୍ରଥମ ପୃଷ୍ଠାରୁ...

## ତୁର୍କୀ, ସିରିଆରେ...

ନିୟୋଜିତ ଅଛନ୍ତି। ତୁର୍କୀର ଏକ ହସ୍ପିଟାଲ ଭୁଶୁଡ଼ିପଡ଼ିବାରୁ ନବଜାତ ଶିଶୁଙ୍କ ସମେତ ରୋଗୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ତୁର୍କୀ କର୍ତ୍ତୃପକ୍ଷ ଲେବଲ୍ ୪ ସତର୍କ ସୂଚନା ଜାରି କରିବା ସହ ଅନ୍ତର୍ଜାତୀୟ ସହାୟତା ପାଇଁ ନିବେଦନ କରିଛନ୍ତି। ଭୂକମ୍ପର କେନ୍ଦ୍ରସ୍ଥଳ ସିରିଆ ଗୃହଯୁଦ୍ଧର ଶରଣାର୍ଥୀମାନେ ରହିଥିବା ତୁର୍କୀର ଗାଜିଆଣ୍ଟେପ୍ ସହରର ଉତ୍ତର ଭାଗରେ ବୋଲି କୁହାଯାଉଛି। ଏହା ସିରିଆ ସୀମାଠାରୁ ୯୦ କିଲୋମିଟର ଦୂରରେ ଅବସ୍ଥିତ। ତୁର୍କୀ ବୃହତ୍ ଫଲ୍ଟ ଲାଇନ୍ ଉପରେ ରହିଥିବାରୁ ଏଠାରେ ଅନେକ ସମୟରେ ଭୂକମ୍ପ ଅନୁଭୂତ ହୋଇଥାଏ। ପ୍ରତି ୧୦୦ ବର୍ଷରେ ଅନ୍ୟୂନ ଥରେ ଏଭଳି ଶକ୍ତିଶାଳୀ ଭୂକମ୍ପ ହୋଇଥାଏ ବୋଲି ବିଶେଷଜ୍ଞମାନେ କହିଛନ୍ତି। ତୁର୍କୀ ଭୂକମ୍ପରେ ବହୁସଂଖ୍ୟାରେ ଲୋକଙ୍କ ମୃତ୍ୟୁ ଓ ସମ୍ପତ୍ତି ନଷ୍ଟକୁ ନେଇ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖ ପ୍ରକାଶ କରିଛନ୍ତି। ସେ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଦୁଃଖ ସମୟରେ ଭାରତ ତୁର୍କୀବାସୀଙ୍କ ନିକଟରେ ଛିଡ଼ାହେବା ସହ ସମସ୍ତ ଆବଶ୍ୟକ ସହାୟତା ଯୋଗାଇଦେବ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ଭୂକମ୍ପ କ୍ଷତିଗ୍ରସ୍ତ ତୁର୍କୀକୁ ତୁରନ୍ତ ଏନ୍‌ଡିଆର୍‌ଏଫ୍‌ର ଉଦ୍ଧାରକାରୀ ଟିମ୍, ମେଡିକାଲ ଟିମ୍ ଏବଂ ରିଲିଫ୍ ସହାୟତା ପଠାଇବାକୁ କେନ୍ଦ୍ର ସରକାର ସୋମବାର ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର ଏନେଇ ସାଉଥ୍ ବ୍ଲକ୍‌ରେ ଜରୁରୀ ବୈଠକ କରି ସହାୟତା ପଠାଇବା ସମ୍ପର୍କରେ ଆଲୋଚନା କରିଥିଲେ। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍)ର ୧୦୦ ଜଣିଆ ଟିମ୍, ଡଗ୍ ସ୍କ୍ୱାଡ୍ ଏବଂ ଆବଶ୍ୟକ ଉପକରଣ ତୁର୍କୀ ଯିବା ପାଇଁ ପ୍ରସ୍ତୁତ ହୋଇରହିଛି। ସେହିପରି ସ୍ୱତନ୍ତ୍ର ତାଲିମପ୍ରାପ୍ତ ଡାକ୍ତର ଏବଂ ପାରାମେଡିକ୍ ଷ୍ଟାଫ୍ ଜରୁରୀ ଔଷଧ ସହ ତୁର୍କୀ ଯିବା ପାଇଁ ପ୍ରସ୍ତୁତ ରହିଛନ୍ତି।

## ୩୪ ଡିଗ୍ରୀ ଡେଇଁଲା...

ସୂଚନା ଅନୁଯାୟୀ ବୌଦ୍ଧରେ ସର୍ବାଧିକ ତାପମାତ୍ରା ୩୪.୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱରରେ ୩୪.୨, ବରଗଡ଼ ୩୩, ନୟାଗଡ଼ ୩୩, ମାଲକାନଗିରି ୩୩.୫, ବଲାଙ୍ଗୀର ୩୩, ତାଳଚେର ୩୩.୨, ଝାରସୁଗୁଡ଼ା ୩୩.୨, ସମ୍ବଲପୁର ୩୩.୬, ଟିଟିଲାଗଡ଼ ୩୩ ଏବଂ ରାଉରକେଲାରେ ସର୍ବାଧିକ ତାପମାତ୍ରା ୩୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଗତ ୩ ମାସ ହେବ ରାଜ୍ୟରେ ବର୍ଷା ଟୋପାଏ ନାହିଁ। ଉପକୂଳ ଓଡ଼ିଶାରେ ଦିନର ସର୍ବୋଚ୍ଚ ତାପମାତ୍ରା ସ୍ୱାଭାବିକଠାରୁ ୨ ରୁ ୩ ଡିଗ୍ରୀ ଅଧିକ ରହୁଥିବା ବେଳେ ରାତି ତାପମାତ୍ରା ୩ରୁ ୪ ଡିଗ୍ରୀ କମ ରହୁଛି। ଏବେ ରାଜ୍ୟକୁ ଉତ୍ତର-ପଶ୍ଚିମ ଦିଗରୁ ବାୟୁ ପ୍ରବାହ ରହୁଛି। ଆସନ୍ତା ୧୧ ତାରିଖ ବେଳକୁ ଦକ୍ଷିଣ-ପଶ୍ଚିମ ଦିଗରୁ ବାୟୁ ପ୍ରବାହିତ ହେବ। ଏଥିଯୋଗୁ ତାପମାତ୍ରା ଆହୁରି ବଢ଼ିବା ନେଇ ଆକଳନ କରାଯାଇଛି। ପାଣିପାଗ ବିଶେଷଜ୍ଞଙ୍କ କହିବା କଥା ହେଲା, ଅକ୍ଟୋବରରୁ ପୂର୍ବ ଭାରତରେ ବର୍ଷା ନାହିଁ। ଚଳିତବର୍ଷ ପଶ୍ଚିମା ବାୟୁ ଉତ୍ତର-ପଶ୍ଚିମ ଭାରତରୁ ମାସକୁ ଦୁଇ ବା ତିନିଥର ପୂର୍ବ ଭାରତକୁ ଆସିଥାଏ। ଏହାର ପ୍ରଭାବରେ ଉତ୍ତର ଓଡ଼ିଶାରେ ବର୍ଷା ହୋଇଥାଏ। କିନ୍ତୁ ଚଳିତବର୍ଷ ଏହା ନ ଥିବାରୁ ସୂର୍ଯ୍ୟ କିରଣର ବିକିରଣ ବାୟୁମଣ୍ଡଳକୁ ଉତ୍ତପ୍ତ କରିବାରେ ସହାୟକ ହେଉଛି। ଏହାଛଡ଼ା ଦ୍ରୁତ ଶିଳ୍ପାୟନ ଓ ସହରୀକରଣରୁ ମଧ୍ୟ ତାପମାତ୍ରା ବଢୁଛି।

## ପିଟି ମାରିଦେଲେ...

ସଦସ୍ୟମାନେ ଏକ ଟେମ୍ପୋ ଗାଡ଼ି ଯୋଗେ ନୟାଗଡ଼ ନିକଟସ୍ଥ ଝିଅ ଘରକୁ ପିଠା ନେଇ ଯାଇଥିଲେ। ସେଠାରୁ ସେମାନେ ଫେରୁଥିବାବେଳେ ବଡ଼ମ୍ବା ପେଟ୍ରୋଲ ଟାଙ୍କି ନିକଟରେ ସ୍ଥାନୀୟ ବନବିଭାଗ କର୍ମଚାରୀ ବଳପୂର୍ବକ ମାଡ଼ମାରି ଜୋର ଜବରଦସ୍ତ ଧନେଶ୍ୱରଙ୍କୁ ଉଠାଇ ନେଇଯାଇଥିଲେ। ରାତିରେ ଏକ ଅଜ୍ଞାତ ସ୍ଥାନକୁ ନେଇ ତାଙ୍କୁ ବନ କର୍ମଚାରୀ ଏବଂ ଅଧିକାରୀମାନେ ପ୍ରବଳ ମାଡ଼ ମାରିଥିଲେ। ଧନେଶ୍ୱର ଅସୁସ୍ଥ ହୋଇପଡ଼ିବାରୁ ରାତି ପ୍ରାୟ ୧୨ଟା ୨୦ରେ ଏକ ବୋଲେରୋ ଗାଡ଼ିରେ ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ଦାୟିତ୍ୱରେ ଥିବା ଡାକ୍ତର ଧନେଶ୍ୱରଙ୍କୁ ମୃତ ଘୋଷଣା କରିଥିଲେ। ପରେ ଖବର ପାଇ ତାଙ୍କୁ ରାତି ପ୍ରାୟ ୧୨ଟା ୪୫ମିନିଟ୍‌ରେ ତିଗିରିଆ ଆଇଆଇସି ସୁଚିତ୍ରା ଜେନା, ଏଏସ୍‌ଆଇ ସନ୍ତୋଷ ପ୍ରଧାନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଥିଲେ। ପରେ ଏହି ଘଟଣା କେହି ଜାଣିବା ପୂର୍ବରୁ ଭୋର ୪ଟାରେ ଧନେଶ୍ୱରଙ୍କ ମୃତଦେହକୁ ଆଠଗଡ଼ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲେ। ଧନେଶ୍ୱରଙ୍କୁ ବନ ବିଭାଗ ହେପାଜତରେ ମାଡ଼ ମାରି ହତ୍ୟା କରାଯାଇଥିବା ଜଣାପଡ଼ିବା ପରେ ସୋମବାର ସକାଳ ପ୍ରାୟ ୭ଟାରେ ସ୍ଥାନୀୟ ଲୋକେ ବଡ଼ବାର୍ସିଙ୍ଗ, ବଡ଼ମ୍ବା ଓ ଧୋବଣୀନାଳଠାରେ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଏପରି କି କିଛି ଲୋକ ବାଣପୁର ବିଟ ହାଉସରେ ପହଞ୍ଚି ଭଙ୍ଗାରୁଜା କରିଥିଲେ। ସକାଳ ପ୍ରାୟ ୮ଟାରେ ଆଠଗଡ଼ ଏସ୍‌ଡିପିଓ ବିଜୟ କୁମାର ବିଶି, ବଡ଼ମ୍ବା ତହସିଲ୍‌ଦାର ନୀଳକଣ୍ଠ ବେହେରା, ବଡ଼ମ୍ବା ଆଇଆଇସି ସ୍ନିଗ୍ଧାମୟୀ ବରାଳ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ହେଲେ ଲୋକମାନେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଜିଦ୍ ଧରିଥିଲେ। ଘଟଣାସ୍ଥଳରେ ୧ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଥିଲା। ଅପରାହ୍ନ ପ୍ରାୟ ୨ଟାରେ ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କା, ପୁଅକୁ ବନ ବିଭାଗରେ ଚାକିରି ଏବଂ ଅଭିଯୁକ୍ତ ବନ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ ଲୋକମାନେ ଧାରଣାରୁ ହଟିଥିଲେ। ମିଳିଥିବା ସୂଚନା ଅନୁସାରେ ମୃତକଙ୍କ ପରିବାରକୁ ବନ ବିଭାଗ ପକ୍ଷରୁ ୩ଲକ୍ଷ ଟଙ୍କାର ଚେକ୍ ଏବଂ ରେଡ୍ କ୍ରସ୍ ପାଣ୍ଠିରୁ ୩୦ହଜାର ଟଙ୍କା ଦିଆଯାଇଥିବାବେଳେ ବାକି ୧ଲକ୍ଷ ୭୦ହଜାର ଟଙ୍କା ମଙ୍ଗଳବାର ପ୍ରଦାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଧନେଶ୍ୱର କିପରି ଓ କେଉଁ ପରିସ୍ଥିତିରେ ମଲେ ତାହାର ତଦନ୍ତ ଜାରି ରହିଛି ବୋଲି ଏସଡିପିଓ ବିଶି କହିଛନ୍ତି। ଅପରପକ୍ଷରେ ଧନେଶ୍ୱର ଅତି ନିରୀହ ଓ ତାଙ୍କର ହାତୀ ହତ୍ୟା ଘଟଣାରେ କୌଣସି ସମ୍ପୃକ୍ତି ନ ଥିବାବେଳେ ବନ ବିଭାଗ କର୍ମଚାରୀଙ୍କ ଏଭଳି ବର୍ବରୋଚିତ ଘଟଣାକୁ ବଡବାର୍ସିଙ୍ଗ ସରପଞ୍ଚ ସ୍ୱାଧୀନ ସାହୁ ନିନ୍ଦା କରିଛନ୍ତି। ଏଥିସହିତ ଦୃଢ଼ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଲିପ୍ସା ବିଶୋଇଙ୍କୁ ପଚାରିବାରେ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ଧନେଶ୍ୱରଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ଦେହରେ ପାଣି ଢାଳି ଓଦା କରାଯାଇଥିବା ସହିତ ପିଠିରେ ମାଡ଼ ହୋଇଥିବା ଚିହ୍ନ ରହିଥିଲା ବୋଲି ବିଶୋଇ କହିଛନ୍ତି। ଏଥିରୁ ଧନେଶ୍ୱରଙ୍କୁ ବନ କର୍ମଚାରୀ ପିଟି ପିଟି ମାରିଦେଇଥିବା ଏକ ପ୍ରକାର ସ୍ପଷ୍ଟ ହେଉଥିଲେ ମଧ୍ୟ ପୋଷ୍ଟ ମର୍ଟମ୍ ରିପୋର୍ଟ ଘଟଣାର ସତ୍ୟତାକୁ ପର୍ଦ୍ଦାଫାଶ କରିବ ବୋଲି କୁହାଯାଉଛି।

## ଆଦାନୀ ଜାଲିଆତିର...

ପ୍ରସଙ୍ଗରେ ଉଭୟ ଗୃହରେ ଆଲୋଚନା ଦାବି କରିଥିଲେ। ନରେନ୍ଦ୍ର ମୋଦି ସରକାର ଦେଶର ସମସ୍ତ ସରକାରୀ ସମ୍ପତ୍ତିକୁ ବିକି ଦେଉଥିବା ଏବଂ ଅଳ୍ପ କେତେଜଣ ଶିଳ୍ପପତିଙ୍କୁ ସୁବିଧା ଦେଉଥିବା ବିରୋଧୀ ଅଭିଯୋଗ କରିଥିଲେ। ଆଦାନୀ ଗ୍ରୁପ୍‌ରେ ଏଲ୍‌ଆଇସି ୨୬,୫୦୦ କୋଟି ଏବଂ ବ୍ୟାଙ୍କଗୁଡ଼ିକ ୮୦ ହଜାର କୋଟି ଟଙ୍କା ନିବେଶ କରିଥିଲେ। ଏହା ଜନସାଧାରଣଙ୍କ କଷ୍ଟଲବ୍ଧ ଅର୍ଥ। ଆଦାନୀ ଗ୍ରୁପ୍‌ର ଷ୍ଟକ୍ ହ୍ରାସ ପାଉଥିବାବେଳେ ସେମାନଙ୍କ ଅର୍ଥରାଶିର ଭବିଷ୍ୟତ କ'ଣ ହେବ ବୋଲି କଂଗ୍ରେସ ଆଶଙ୍କା ବ୍ୟକ୍ତ କରିଛି। ଆଦାନୀ ଗ୍ରୁପ୍‌ର ବଜାର ମୂଲ୍ୟ ପାଖାପାଖି ୧୦୩ ବିଲିୟନ ଡଲାର (ପ୍ରାୟ ୮.୫ ଲକ୍ଷ କୋଟି ଟଙ୍କା) ହ୍ରାସ ପାଇଲାଣି।

## ନାବାଳିକାଙ୍କୁ ବଳାତ୍କାର ମାମଲା
## ଦୋଷୀଙ୍କୁ ୧୦ ବର୍ଷ ଜେଲଦଣ୍ଡ

**କେନ୍ଦୁଝର,୬।୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଫାଷ୍ଟ ଟ୍ରାକ୍ କୋର୍ଟରେ ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ମାନସ ମିଶ୍ର ଶୁଣାଣି କରି ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଦଣ୍ଡିତ କରିଛନ୍ତି। ପ୍ରକାଶ ଯେ, ତୁରୁମୁଙ୍ଗା ଥାନା ଅଞ୍ଚଳର ଖଗେଶ୍ୱର ପାତ୍ର (୨୯) ଜଣେ ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ବଳାତ୍କାର କରିଥିଲେ। ନାବାଳିକା ଗର୍ଭବତୀ ହେବାପରେ ମେଡିସିନ ଦେଇ ଗର୍ଭ ନଷ୍ଟ କରିଦେଇଥିଲେ। ଏ ସମ୍ପର୍କରେ ନାବାଳିକା ତୁରୁମୁଙ୍ଗା ଥାନାରେ ଏତଲା ଦେଇଥିଲେ। ପୋଲିସ (ନଂ.୧୨/୨୦୧୮)ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୧୨ ଜଣ ସାକ୍ଷୀଙ୍କ ବୟାନ ସହ ଫରେନ୍ସିକ ତଥ୍ୟକୁ ଆଧାର କରି ୩୭୬(୨)(ଏନ) ଦଫାରେ କୋର୍ଟ ଉକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ପୀଡ଼ିତାଙ୍କୁ ଆଇନ ସହାୟତା କେନ୍ଦ୍ର ତରଫରୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିବା ପାଇଁ ଆଦେଶ ଦିଆଯାଇଛି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ଜ୍ଞାନେନ୍ଦ୍ର ନାଥ ଜେନା ମାମଲା ପରିଚାଳନା କରୁଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି କୃତ୍ତିକା ନକ୍ଷତ୍ର କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା ଲାଭ ସୁଯୋଗ ପାଇବେ। ଆଜକୁ କେତେଦିନ ହେଲା ମନେ ମନେ ଯାହା ଭାବୁଥିଲେ ତାହା ଆଜି ସହଜ ଓ ସୁବିଧାରେ ପାଇଯିବେ। ପ୍ରତିବନ୍ଧକଜନିତ ବ୍ୟବସାୟ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। ସାମାଜିକ ସ୍ତରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ବୃଷ** – ମୃଗଶିରା ନକ୍ଷତ୍ରର ଘରୋଇ ଝମେଲା କାରଣରୁ ମନ ଭଲ ରହିବ ନାହିଁ। ଯେଉଁ କାମରେ ହାତ ଦେଇଛନ୍ତି ତାହାକୁ ଯେକୌଣସି ପ୍ରକାରେ କରିବାରେ ସମର୍ଥ ହେବେ। ବାଣିଜ୍ୟ, ପରିବହନ, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଆଲୋଚନା ପରିସରରେ ବନ୍ଧୁଙ୍କ ପ୍ରତି ସ୍ନେହ ପ୍ରଦର୍ଶନକରି ପ୍ରଶଂସିତ ହେବେ।

The bidders have to participate in online bidding only. Further details can be seen from the e-procurement portal- www.tendersorissa.gov.in

**Sd./- Executive Officer, Attabira NAC**
**OIPR-13176/11/0019/2223**

## ODISHA LIFT IRRIGATION CORPORATION LTD.
(A Government of Odisha Undertaking)
## OFFICE OF THE EXECUTIVE ENGINEER
## LIFT IRRIGATION DIVISION, BHUBANESWAR
E-mail ID: eeolicdivn.bbsr@ymail.com

### TENDER CALL NOTICE
**For Selection of Facility Management Agency**
**No. 305/2022-23** **Dt.03.02.2023**

No. CAD-4734: Executive Engineer, Lift Irrigation Division, Bhubaneswar invites sealed tender from eligible Bidders (Firms/ Agencies) interested to provide “Engagement of DEO-cum-Office Assistant 4 Nos on Contractual Basis through Service Provider to be engaged at Lift Irrigation Division/Head Office, Bhubaneswar.

Tender documents can be available from the office of the Executive Engineer, Lift Irrigation Division, Bhubaneswar during office hours on working days from Dt.08.02.2023 to Dt.15.02.2023 on application and payment of cost of tender paper Rs.4,000/- (Rupees four thousand) only (non-refundable) in shape of Bank Draft/Banker's Cheque drawn on any Nationalized Bank in favour of Executive Engineer, Lift Irrigation Division, Bhubaneswar payable at Bhubaneswar.

The completed tender documents shall be received at L.I. Division, Bhubaneswar by Speed Post/Registered Post/Courier only upto 04.00 P.M. of Dt.16.02.2023 which will be opened at Lift Irrigation, Bhubaneswar on the same day at 04.30 P.M. in presence of tenderers or their authorized representative if any.

The tender must be accomapined with all required documents/ EMD as per DTCN in absence of which the tender will summarily be rejcted.

The undersinged reserves the right to accept or reject any or all the tender without assigning any reason thereof.

**Sd./- Executive Engineer**
**L.I. Division, Bhubaneswar**
**OIPR-32155/11/0013/2223**

**ନାବାଳକ ନିଖୋଜ ନେଇ ଅଭିଯୋଗ**

ଖଡ଼ିଆଳ,(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅଞ୍ଚଳର ଜଣେ ନାବାଳକ ନିଖୋଜ ନେଇ ଥାନାରେ ଅଭିଯୋଗ ହୋଇଛି। ଗତ ଶୁକ୍ରବାର ସକାଳୁ ନାବାଳକ ଘରୁ ବାହାରି ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିବାରୁ ତାଙ୍କ ବାପା ଖଡ଼ିଆଳ ଥାନାରେ ପୁଅ ନିଖୋଜ ନେଇ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଖଡ଼ିଆଳ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ଏସଆଇ ଦେବେନ୍ଦ୍ର ବିଦାଣୀ ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ଝରିଆଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

କୋକସରା,୬।୨(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ରେଙ୍ଗାଲପାଲି ପଞ୍ଚାୟତ ଝରିଆଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପ୍ରଧାନ ଶିକ୍ଷକ ମାନଗୋବିନ୍ଦ କେତକିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରେଙ୍ଗାଲପାଲି ସରପଞ୍ଚ ପଦ୍ମିନୀ ପାତ୍ର, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ମୁକ୍ତେଶର ନାଏକ, ଡହଗାଁ କ୍ଲଷ୍ଟର ସିଆରସିସି ଯତୀନ୍ଦ୍ର କୁମାର ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ମହେନ୍ଦ୍ର ନାଏକ, ପୂର୍ବତନ ସରପଞ୍ଚ ବିନୋଦ ନାଏକ, ଗ୍ରାମର ମୁକୁନ୍ଦ ପଟ୍ଟନାୟକ, ରାଜ କିଶୋର ସାହୁ, ଜୟଲାଲ ନାଏକ, ଅରବିନ୍ଦ ପଟ୍ଟନାୟକ, ହୃଷୀକେଶ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। କ୍ରୀଡା ଉତ୍ସବରେ ଛାତ୍ରୀଛାତ୍ରଙ୍କୁ ଭଲ ପଢିବା ସହ ଭଲ ଖେଳାଳି ହୋଇ ଗାଁ ମାଟିର ନାମ ରଖିବାକୁ ଅତିଥିମାନେ ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଛି। ଖେଳ ଶିକ୍ଷକ ଚନ୍ଦ୍ରଭାନୁ ସୁନା ଓ ଶିକ୍ଷୟିତ୍ରୀ ରଶ୍ମିତା ରାଉତ ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ। ମଞ୍ଚ ପରିଚାଳନାରେ ପ୍ରଦୀପ ପଟେଲ ସହଯୋଗ କରିଥିଲେ।

### ଖଡ଼ିଆଳ ଡିଭିଜନ ୱେଲଫେୟାର କମିଟି ବୈଠକ

ଖଡ଼ିଆଳ,୬।୨(ଡି.ଏନ.ଏ.): ନୂଆପଡ଼ା ଜିଲା ଖରିଆଳ କେନ୍ଦୁପତ୍ର ଡିଭିଜନ ବନଖଣ୍ଡ ଅଧିକାରୀ ପ୍ରତାପ ବେହେରାଙ୍କ ଅଧ୍ୟକ୍ଷତାରେ ଖରିଆଳ ଡିଭିଜନ ୱେଲଫେୟାର କମିଟି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୨୦, ୨୦୨୧ ଓ ୨୦୨୨ର କେନ୍ଦୁପତ୍ର ବିଭାଗରେ କାର୍ଯ୍ୟରତ ଅବସ୍ଥାରେ ମୃତକ ୨୮ଜଣ ହିତାଧିକାରୀଙ୍କ ନାମ ମୃତ୍ୟୁକାଳୀନ ସହାୟତା ରାଶି ପାଇଁ ସୁପାରିଶ କରାଯାଇଛି। ଆହୁରି ଯେଉଁ ହିତାଧିକାରୀଙ୍କ ଦରଖାସ୍ତ ବିଭିନ୍ନ ରେଞ୍ଜସ୍ତରରେ ବକେୟା ଅଛି, ସଂଗ୍ରହ କରି ଯାଞ୍ଚ ପରେ ପରବର୍ତ୍ତୀ ବୈଠକରେ ସୁପାରିଶ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ୱେଲଫେୟାର କମିଟି ସଦସ୍ୟ ରୂପେ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖଡ଼ିଆଳ ଡିଭିଜନ ସମ୍ପାଦକ ଯଦୁମଣି ପାଣିଗ୍ରାହୀ, ଏସିଏଫ ପ୍ରଭାକର ବେହେରା, ଡିଡବ୍ଲୁଓଙ୍କ ପ୍ରତିନିଧି ଖଡ଼ିଆଳ ବ୍ଲକ ଏସଇଓ କ୍ଷଣପ୍ରଭା ପାଣିଗ୍ରାହୀ ଯୋଗଦେଇଥିଲେ। ଝିଅ ବାହାଘର, ଚିକିତ୍ସା ଓ ଛାତ୍ର ବୃତ୍ତି ସହାୟତା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କଠାରେ ସଂଘ ସଦସ୍ୟ ପାଣିଗ୍ରାହୀ ଦାବି କରିଥିଲେ। ରାଜ୍ୟ ସରକାର ପରବର୍ତ୍ତୀ ନିର୍ଦ୍ଦେଶ ଯାହା ଦେବେ, ସେହି ମୁତାବକ କାର୍ଯ୍ୟ କରାଯିବ ବୋଲି ବନଖଣ୍ଡ ଅଧିକାରୀ ପ୍ରତାପ ବେହେରା ପ୍ରକାଶ କରିଥିଲେ।

# ଆଶା ଆଶଙ୍କାରେ ଜୁନାଗଡ଼-ଧର୍ମଗଡ଼ ରେଳ ଲାଇନ

## ଅଞ୍ଚଳବାସୀଙ୍କ ଅସନ୍ତୋଷ ପ୍ରକାଶ

ଭବାନୀପାଟଣା,୬।୨(ସ୍ୱ.ପ୍ର,)




ଚଳିତ ରେଳ ବଜେଟ୍‌ରେ କଳାହାଣ୍ଡି ଜିଲା ଧର୍ମଗଡ଼ ପୁଣି ନିରାଶ ହେବାକୁ ପଡ଼ିଛି। ବହୁ ପ୍ରତୀକ୍ଷିତ ଜୁନାଗଡ଼ ରେଳ ଲାଇନ ସମ୍ପ୍ରସାରଣ ନେଇ କୌଣସି ଅର୍ଥ ମଞ୍ଜୁର ହୋଇ ନ ଥିବାରୁ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏମ୍‌ପି ବସନ୍ତ ପଣ୍ଡା ପୂର୍ବରୁ ଏକ ଖବରଦାତା ସମ୍ମିଳନୀରେ ଉକ୍ତ ରେଳ ଲାଇନ ପାଇଁ ୨ କୋଟି ୯୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା କହିଥିଲେ। ବର୍ତ୍ତମାନ ସେହି ରାଶି କାହା ଖାତାରେ ଜମା ହୋଇଛି ବୋଲି ଆଲୋଚନା ହେଉଛି।

କଳାହାଣ୍ଡି ଏମପି ବସନ୍ତ ପଣ୍ଡା ଧର୍ମଗଡ଼ରେ ୨୦୨୧ ଡିସେମ୍ବରରେ ଏକ ଖବରଦାତା ସମ୍ମିଳନୀ କରି ଜୁନାଗଡ଼-ଧର୍ମଗଡ଼ ରେଳ ଲାଇନ ସମ୍ପ୍ରସାରଣ ସର୍ଭେ ଓ ସାଇଡ ସିଲେକ୍ସନ ପାଇଁ କେନ୍ଦ୍ର ରେଳ ମନ୍ତ୍ରଣାଳୟ ୨ କୋଟି ୯୫ ଲକ୍ଷ ମଞ୍ଜୁର କରିଥିବା ସୂଚନା ଦେଇଥିଲେ। ଇତିମଧ୍ୟରେ ୨ଟି ବଜେଟ ପାରିତ ହୋଇସାରିଲାଣି। କିନ୍ତୁ ଜୁନାଗଡ଼-ଧର୍ମଗଡ଼ ରେଳ ଲାଇନ ସମ୍ପ୍ରସାରଣ ପାଇଁ ଅର୍ଥ ମଞ୍ଜୁର ନେଇ କୌଣସି ସୂଚନା ନାହିଁ। ଦୀର୍ଘ ବର୍ଷ ହେଲା ଜୁନାଗଡ଼-ଧର୍ମଗଡ ରେଳ ଲାଇନ ସମ୍ପ୍ରସାରଣ ପାଇଁ ଦାବି ହୋଇଆସୁଛି। ୨୦୨୧ ଅଗଷ୍ଟରେ ଭାଜପା ପକ୍ଷରୁ ଆୟୋଜିତ ଜନ ଆଶୀର୍ବାଦ ଯାତ୍ରାରେ ଜୁନାଗଡ଼ରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ସହରବାସୀ ଦାବି ଉପସ୍ଥାପନ କରିଥିଲେ। ନିର୍ଭର ପ୍ରତିଶ୍ରୁତି ନ ହେଲେ ବି ମା' ମାଣିକେଶ୍ୱରୀଙ୍କ ଆଶୀର୍ବାଦ ହେଲେ ଦାବି ନିଶ୍ଚୟ ଫଳବତୀ ହେବ ବୋଲି ମନ୍ତ୍ରୀ ବୈଷ୍ଣବ ସେତେବେଳେ କହିଥିଲେ। ଏହାର କିଛି ମାସ ପରେ ଅର୍ଥାତ୍ ସେହି ବର୍ଷ ଡିସେମ୍ବରରେ କଳାହାଣ୍ଡି ଏମପି ପଣ୍ଡା ଧର୍ମଗଡ଼ଠାରେ ଏକ ଖବରଦାତା ସମ୍ମିଳନୀରେ ଉକ୍ତ ରେଳ ଲାଇନ ପାଇଁ ବିଭାଗ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଥିବା ସୂଚନା ଦେଇଥିଲେ। ଗତ ମାସରେ ଛିଲିପା ଗ୍ରାମରେ ଆୟୋଜିତ ଗ୍ରାମପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବରେ ଏମପି ବସନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରୁ ଫେରିବା ସମୟରେ ଜୁନାଗଡ଼-ଧର୍ମଗଡ଼ ରେଲୱେ ଲାଇନ ସମ୍ପ୍ରସାରଣ ବିଷୟରେ ପଚାରିବାରୁ ଏହି ବିଷୟରେ ରେଳ ମନ୍ତ୍ରଣାଳୟକୁ ଲିଖିତ ଭାବେ ଜଣାଇ ଦିଆଯାଇଛି ବୋଲି କହିଥିଲେ। ତେବେ କଳାହାଣ୍ଡି ଏମପି ପଣ୍ଡା ରେଳ ମନ୍ତ୍ରଣାଳୟକୁ ବାରମ୍ବାର ପ୍ରସ୍ତାବ ଦେଇଥିଲେ ବି ତାଙ୍କ କଥାକୁ ଗୁରୁତ୍ୱ ଦିଆଯାଉ ନାହିଁ କି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି।

# ଜିଲା ମଙ୍ଗଳ ଅଧିକାରୀଙ୍କୁ ଘରୋଇ ସ୍କୁଲ ସଂଘର ଦାବିପତ୍ର



ଘରୋଇ ସ୍କୁଲ ସଂଘ ଦାବିପତ୍ର ଦେବାକୁ ଆସିଛନ୍ତି।

ଭବାନୀପାଟଣା,୬।୨(ସ୍ୱ.ପ୍ର,)

କଳାହାଣ୍ଡି ଘରୋଇ ସ୍କୁଲ ସଂଘ ପକ୍ଷରୁ ଅନ୍ୱେଷା ହୋଷ୍ଟେଲ ଚଳାଉଥିବା ଘରୋଇ ସ୍କୁଲ ଅଧ୍ୟକ୍ଷ ଓ ସ୍କୁଲ ପରିଚାଳନା କମିଟି ମୁଖ୍ୟ ସୋମବାର ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟଙ୍କୁ ସାକ୍ଷାତ କରିଛନ୍ତି। ସେହିପରି ସ୍କୁଲ ତଥା ଅନ୍ୱେଷା ହୋଷ୍ଟେଲର ବିଭିନ୍ନ ସମସ୍ୟା ବିଷୟରେ ପତ୍ର ମାଧ୍ୟମରେ ଅବଗତ କରାଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଗତ ଏପ୍ରିଲ ୨୦୨୨ରୁ ଅନ୍ୱେଷା ହୋଷ୍ଟେଲ ପ୍ରାୟ ୧ ବର୍ଷ ହେଲା ଘରଭଡା, ପାଠ୍ୟ ପୁସ୍ତକ ଓ ଅନ୍ୟାନ୍ୟ ବକେୟା ରାଶି ଏପର୍ଯ୍ୟନ୍ତ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦିଆଯାଇନାହିଁ। ଘର ମାଲିକ ଓ ପୁସ୍ତକ ବିତରଣ କରିଥିବା ସଂସ୍ଥା ବାରମ୍ବାର ସ୍କୁଲ କର୍ତ୍ତୃପକ୍ଷଙ୍କୁ ଚାପ ପକାଉଛନ୍ତି। ଘରୋଇ ସ୍କୁଲ ସଂଘ ଚେୟାରମ୍ୟାନ ଶିବରାମ ନାୟକଙ୍କ ନେତୃତ୍ୱରେ ତୁଷାର କାନ୍ତ ଦାଶ, ରାମ ଅଭିଷେକ, ବୃଷଭ ଦାସ, ନରେଶ ସୁନାନୀଙ୍କ ସମେତ ଜିଲା ଘରୋଇ ସ୍କୁଲ କର୍ତ୍ତୃପକ୍ଷ ବକେୟା ରାଶି ଯଥା ଶୀଘ୍ର ପ୍ରଦାନ କରିବାକୁ ଜିଲା ମଙ୍ଗଳ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଜିଲା ମଙ୍ଗଳ ଅଧିକାରୀ ଏହି ବିଷୟ ଗୁରୁତ୍ୱ ଦେବା ସହ ଶୀଘ୍ର ବକେୟା ରାଶି ପୈଠ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ମଣ୍ଡିରୁ ଉଠୁନି ଧାନ, ଚାଷୀଙ୍କ ରାସ୍ତାରୋକୋ



ଚାଷୀମାନେ ରାସ୍ତାରୋକୋ କରିଛନ୍ତି।

ଭବାନୀପାଟଣା,୬।୨(ସ୍ୱ.ପ୍ର,)

ଧାନ ସଂଗ୍ରହ ନିମନ୍ତେ ଚାଷୀଙ୍କୁ ଟୋକନ ଦେଇ ସରକାର ମଣ୍ଡିର ବ୍ୟବସ୍ଥା କରିଛନ୍ତି। ଏଥିପାଇଁ ଟାର୍ଗେଟ ଅନୁଯାୟୀ ଧାନ କିଣା ପ୍ରକ୍ରିୟା ଜାରି ରହିଛି। ଚଳିତବର୍ଷ ଅଧାରୁ ଅଧିକ ଧାନ କ୍ରୟ ହୋଇ ସାରିଥିବା ବେଳେ ବର୍ତ୍ତମାନ ବି ବିଭିନ୍ନ ମଣ୍ଡିରେ ଚାଷୀଙ୍କ ଧାନ ପଡିରହିଛି। ଏପଟେ ଟାର୍ଗେଟ ସରି ସରି ଯାଉଥିବା ବେଳେ ଚଳିତବର୍ଷ ଅଧିକ ଧାନ ଅମଳ ହୋଇଥିବା ବେଳେ ଟାର୍ଗେଟ ବାହାରେ ଚାଷୀଙ୍କ ଧାନ ରହିଛି। ଏହାକୁ ନେଇ ବର୍ତ୍ତମାନ ଚାଷୀମାନେ କିଭଳି ଧାନ ବିକ୍ରି କରିପାରିବେ ଚିନ୍ତାରେ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ମଧ୍ୟ ଜିଲାର ଅନେକ ଧାନ ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡିରହିଛି। ଏପରିସ୍ଥଳେ ସୋମବାର ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଦାଦପୁର ମଣ୍ଡିରେ ଧାନ ଶୀଘ୍ର ଉଠାଇବା ଓ କଟନି ଛଟନି ବନ୍ଦ କରିବା ଦାବିରେ ପାଷ୍ଟିକୁଡିକୁ ସଂଯୋଗ କରୁଥିବା ରାସ୍ତା ଚାଷୀ ଅବରୋଧ କରିଥିଲେ। ଫଳରେ ଦୀର୍ଘ ଘଣ୍ଟା ଧରି ଯାତାୟାତ ବନ୍ଦ ରହିଥିଲା। ସ୍ଥାନୀୟ ତହସିଲଦାର ଉପେନ୍ଦ୍ର ଲୁହା ଘଟଣାସ୍ଥଳରେ ପହଞ୍ଚିଥିଲେ। ଚାଷୀଙ୍କୁ ବୁଝାଶୁଝା କରିବା ସହ ଧାନ ଶୀଘ୍ର ଉଠାଇବା ପାଇଁ ଜିଲାପାଳଙ୍କ ସହ କଥା ହେବା ପରେ ଚାଷୀମାନେ ରାସ୍ତାରୋକୋରୁ ହଟିଥିଲେ। ତେବେ ସନ୍ଧ୍ୟା ସୁଦ୍ଧା ଏହି ମଣ୍ଡିରୁ ବିକ୍ରି ନ ହୋଇ ପଡିରହିଥିବା ଚାଷୀଙ୍କ ଧାନ ଉଠାଣ କରାଯାଇଥିବା ତହସିଲଦାର କହିଛନ୍ତି।

### ରାମ ସ୍ୱାମୀ ମନ୍ଦିରରୁ ଚୋରି ଘଟଣା, ୨ଦିନ ପରେ ପୋଲିସ ହାତ ଖାଲି

ଖଡ଼ିଆଳ,୬।୨(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ସହରରେ ଥିବା ରାମସ୍ୱାମୀ ମନ୍ଦିର ଓ ମା' ଅର୍ଣ୍ଣପୂର୍ଣ୍ଣା ମନ୍ଦିରରୁ ପ୍ରତିମୂର୍ତ୍ତିରେ ପିନ୍ଧାଇ ଥିବା ୭ଟି ରୁପା ମୁକୁଟ, ଗୋଟିଏ ସୁନା ନଥ ଓ ଗୋଟିଏ ରୁପା ବଂଶୀ ଶନିବାର ଚୋରି ଘଟଣାର ୨ ଦିନ ପରେ ବି ପୋଲିସ ଅଭିଯୁକ୍ତଙ୍କ ଟେର୍ ପାଇନାହିଁ। ମନ୍ଦିରର ରାମଲକ୍ଷ୍ମଣ, ସୀତାଙ୍କ ରୁପା ମକୁଟ, ଦୁର୍ଗାଙ୍କ ମକୁଟ ଓ ରାଧା କୃଷ୍ଣ ମନ୍ଦିରର ଦୁଇ ପ୍ରତିମାଙ୍କ ମକୁଟ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଖଡ଼ିଆଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଖଡ଼ିଆଳ ରାମସ୍ୱାମୀ ମନ୍ଦିରରେ ପୂଜା ପାଉଥିବା ୩ଟି ମନ୍ଦିରରୁ ୬ଟି ରୁପା ମକୁଟ ଗୋଟିଏ ନଥ ଓ ଗୋଟିଏ ବଂଶୀ ଚୋରି ହୋଇଥିବା ବେଳେ ମା' ଅର୍ଣ୍ଣପୂର୍ଣ୍ଣା ମନ୍ଦିରରୁ ଗୋଟିଏ ରୁପା ମୁକୁଟ ଚୋରି ହୋଇଛି। ଶନିବାର ସାଢ଼େ ୧ରୁ ୩ଟା ମଧ୍ୟରେ ପୁରୋହିତ ଶୋଇଥିବା ବେଳେ ମନ୍ଦିରରୁ ଚୋରି ହୋଇଥିବା ଚୋରି ହୋଇଥିବା ଅନୁମାନ କରାଯାଉଛି। ରୁପା ଅଳଙ୍କାର ହାରାହାରି ଦେଢ଼ରୁ ଦୁଇ କିଲୋ ଓଜନ ହୋଇଥିବା ଅନୁମାନ କରାଯାଉଛି। ଏ ନେଇ ତଦନ୍ତ ଦାୟିତ୍ୱରେ ଥିବା ଏସଆଇ ତାରକାନ୍ତ ବିଶ୍ୱାଳ ଓ ରାଜେଶ ଅଗସ୍ତି ତଦନ୍ତ କରୁଥିବା ବେଳେ ଅଧିକ ତଦନ୍ତ ଜାରି ରହିଛି ବୋଲି ଏସ୍‌ଡିପିଓ ଅରୂପ ଭୂଷଣ ବେହେରା ପ୍ରକାଶ କରିଛନ୍ତି।

# କେସିଙ୍ଗା ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ କୃତିତ୍ୱ




କୃତିତ୍ୱ ଅର୍ଜନ ଛାତ୍ରୀଛାତ୍ର।

## ଆନ୍ତଃମହାବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା

କେସିଙ୍ଗା,୬।୨(ଡି.ଏନ.ଏ.)

କଳାହାଣ୍ଡି ବିଶ୍ୱବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ କେସିଙ୍ଗା ମହାବିଦ୍ୟାଳୟର ଛାତ୍ର ପୀତାମ୍ବର ବୁଡେକ ୧୦୦ ମିଟର ଦୌଡ ଏବଂ ଟ୍ରିପଲ ଜମ୍ପରେ ପ୍ରଥମ ହୋଇଥିବାବେଳେ ଦିନେଶ ନାଏକ ପୁଟିଙ୍ଗ ଦି ସଟ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ନୁକେସ କୁମାର ଭୋଇ ୨୦୦ ମିଟର ଦୌଡରେ ଦ୍ୱିତୀୟ ସ୍ଥାନ ପାଇଥିବାବେଳେ ପୀତାମ୍ବର ବୁଡେକ, ଦିନେଶ ନାଏକ, ନୁକେଶ ଭୋଇ ଏବଂ ଖଗେଶ୍ୱର ଭୋଇ ରିଲେରେସରେ ଚାମ୍ପିୟନ ହୋଇଛନ୍ତି। କେସିଙ୍ଗା ମହାବିଦ୍ୟାଳୟ ବାଳକ ବର୍ଗରେ ଗ୍ରୁପ ଚାମ୍ପିୟନ ହୋଇ ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ମହାବିଦ୍ୟାଳୟ କ୍ରୀଡା ଶିକ୍ଷକ ଆଶ୍ୱିନ କୁମାର ପାଇକରାୟଙ୍କ ନେତୃତ୍ୱରେ ମହାବିଦ୍ୟାଳୟର ଛାତ୍ରମାନେ ଏହି କୃତିତ୍ୱ ହାସଲ କରିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢ଼ୀ ସମସ୍ତ କୃତୀ ଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଆଗାମୀ ଦିନରେ ମହାବିଦ୍ୟାଳୟ କ୍ରୀଡା କ୍ଷେତ୍ରରେ ଆହୁରି ଉନ୍ନତି କରିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ କରିଛନ୍ତି।

# ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ନୂଆପଡ଼ା ଅଫିସ,୬।୨

ନୂଆପଡ଼ା ଜିଲାପାଳଙ୍କ ସଦଭାବନା ସଭାଗୃହଠାରେ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସାଏ, ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାହବେନ୍ଦ୍ର ପ୍ରମୁଖ ଉପସ୍ଥିତ ରହି ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଅଭିଯୋଗ ଶୁଣି ତୁରନ୍ତ ଏହାର ସମାଧାନ କରିଥିଲେ। ଶିବିରରେ ମୋଟ ୫୬ଟି ଅଭିଯୋଗ ଆସିଥିଲା। ସେଥିରୁ ୬ଟି ସାମୁହିକ ସମସ୍ୟା ରହିଥିଲା। ଅଭିଯୋଗ ଶୁଣାଣିରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁଛନ୍ଦା ସାହୁ, ଉପଜିଲାପାଳ ସୁବାସ ଚନ୍ଦ୍ର ରଇତା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଚୌଧୁରୀ ସୋଭାରାଣୀ ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ମନ କୁମାରୀ ଲମ୍ଭୁ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଚନ୍ଦନ ଶତପଥୀ, ଜରୁରୀକାଳୀନ ଅଧିକାରୀ କୈଳାଶ ଦାସ, ଅତିରିକ୍ତ ତହସିଲଦାର ଅଶେଷା ବାଗ, ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଜିଲା ଶ୍ରମ ଅଧିକାରୀ ରବିନ୍ଦ୍ର ବାର୍ଲା, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିବେକାନନ୍ଦ ମହାନନ୍ଦ ତଥା ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆଦାନୀ ଗ୍ରୁପ୍‌ର ଅନିୟମିତତା ନେଇ ବିକ୍ଷୋଭ

ନୂଆପଡ଼ା ଅଫିସ,୬।୨

ଆଦାନୀ ଗ୍ରୁପ୍‌ର ଅନିୟମିତତା ସମ୍ପର୍କରେ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ରିପୋର୍ଟ ପ୍ରକାଶ କରିବା ପରେ ତାକୁ ନେଇ ପାର୍ଲାମେଣ୍ଟ ଠିକ୍ ଭାବେ ଚାଲିପାରୁ ନାହିଁ। ଏହାକୁ ନେଇ ପାର୍ଲାମେଣ୍ଟ ଆରମ୍ଭ ହେବା ଦିନରୁ ହଇଗୋଳ ଲାଗି ରହିଛି। ଅନ୍ୟପଟେ ଆଦାନୀ ଗ୍ରୁପ୍‌ର ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଭିତିହୀନ କହି ବୋଲି କହୁଛି। ତେବେର କଂଗ୍ରେସ ସଂସଦରୁ ବାହାରକୁ ଆଣି ଦେଶବ୍ୟାପି ବିକ୍ଷୋଭ ପ୍ରଦର୍ଶନ କରିବାକୁ ଆରମ୍ଭ କରିଛି। ଏହି କ୍ରମରେ ସୋମବାର ନୂଆପଡା ଜିଲା କଂଗ୍ରେସ ପକ୍ଷରୁ ସଦର ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣାରେ ବସିଥିଲେ। ସଦର ବ୍ଲକ ସଭାପତି ଜଗଦିଶ ସାହୁଙ୍କ ନେତୃତ୍ୱରେ ଆୟୋଜିତ ବିକ୍ଷୋଭ ସଭାରେ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ସୁରେଶ କୁମାର ଆଜାଦ, କୁଳଦୀପ ସୁରଜ, ମନୁ ଚନ୍ଦ୍ରକାର, ଅଭୟ ଶଙ୍କର ଯୋଶୀ, ଟୋପ ଦାସ, ଜିତେନ୍ଦ୍ର କୁମାର ସାହୁ, ଖାମସିଂ ମାଝି, ଛବି ପାଣ୍ଡେ, ଧରମସିଂ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।

## ଦିବାରାତ୍ର ନକ୍‌ଆଉଟ ବ୍ୟାଡ୍‌ମିଣ୍ଟନ

# ବଲାଙ୍ଗୀର ଚାମ୍ପିୟନ

କୋକସରା,୬।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରାଠାରେ ରାଜ୍ୟସ୍ତରୀୟ ଦିବାରାତ୍ର ନକଆଉଟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ମିଳିତ ସହଯୋଗରେ କୋକସରା ହାଇଟ ଇଗଲ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ପକ୍ଷରୁ ଆୟୋଜିତ ଉଦ୍‌ଯାପନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଧ୍ୟକ୍ଷ ମନୋରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଜିଲା ସଭାପତି ପ୍ରଦୀପ ଦାସ, ଜିଲା ସମ୍ପାଦକ ସନ୍ଦୀପ ମିଶ୍ର, ସହ ସମ୍ପାଦକ ଦୀପକ କୁମାର ସାଗର, ଜିଲା ଆସୋସିଏଶନ ସଦସ୍ୟ ପରେସ ପ୍ରଧାନ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟରେ ବଲାଙ୍ଗୀର, ସୋନପୁର, କଳାହାଣ୍ଡି ଓ ପଡ଼ୋଶୀ ଛତିଶଗଡ଼ ଦେଭୋଗ ଜିଲାର ଖେଳାଳି ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟରେ ଡବଲ ରାଉଣ୍ଡରେ ବଲାଙ୍ଗୀର ଜିଲାର ଚିନ୍ମୟ ଓ ଇରଫାନ ଚାମ୍ପିୟନ ହୋଇଥିବା ବେଳେ ସୋନପୁର ଜିଲାର ସରୋଜ ଓ ପ୍ରତୀକ ରନର୍ସଅପ ହୋଇଥିଲେ। ଶିକ୍ଷକ ଅମିତ କୁମାର ମହାନ୍ତି ରେଫରି ଭାବେ ଖେଳ ପରିଚାଳନା କରିଥିବା ବେଳେ ଧାରାବିବରଣୀ ସୁନିଲ ପ୍ରଧାନୀ, ଦେବାନନ୍ଦ ରାଉତ ଓ ସ୍କୋର ବୋର୍ଡରେ କ୍ଷୀରସିନ୍ଧୁ ନେଗି ସହଯୋଗ କରିଥିଲେ। ହାଇଟ ଇଗଲ ଆୟୋଜକ କମିଟି ସଭାପତି ବିବେକ ଶର୍ମା, ସମ୍ପାଦକ ରାହୁଲ ନାଏକ, ମାନସ ବେହେରା, ବିଜୁ ଶବର, ହିରାଲାଲ ମାଝି, ସୁବ୍ରତ ପୂଝାରୀ, ସୁରେନ୍ଦ୍ର ମାଝି, ଦେବେନ୍ଦ୍ର ରାଉତ, ନିଲୁ ବାଣୁଆ, ସୁବ୍ରତ ପ୍ରଧାନୀ, ଭକ୍ତରାମ ପ୍ରଧାନୀ ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ।



ଟୁର୍ନାମେଣ୍ଟରେ ଉପସ୍ଥିତ ଅତିଥିଙ୍କ ସହ ଖେଳାଳିମାନେ।

# ଲୋକଙ୍କ ଅଭିଯୋଗ ଶୁଣିଲେ ଜିଲାପାଳ, ଏସ୍‌ପି



ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର।




ଗୋତୋମୁଣ୍ଡା ପଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିର।

ଭବାନୀପାଟଣା/କେସିଙ୍ଗା/କୋକସରା,୬।୨ (ସ୍ୱ.ପ୍ର,/ଡି.ଏନ.ଏ.)

କଳାହାଣ୍ଡି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଓ ଏସପି ଅଭିଲାଷ ଜିଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୁଶାନ୍ତ କୁମାର ପଟେଲ, ଭବାନୀପାଟଣା ଉପଜିଲାପାଳ ଡ ବିଶ୍ୱଜିତ୍ ଦାସଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ୧୫୪ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୩୬ଟି ବ୍ୟକ୍ତିଗତ ସମସ୍ୟା ଓ ୧୮ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୧୮ଟି ଅଭିଯୋଗ ସମାଧାନ ତତକ୍ଷଣା କରାଯାଇଥିଲା।

## ଗ୍ରାମପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

କେସିଙ୍ଗା ବ୍ଲକ ବୋରିଆ ଗ୍ରାମପଞ୍ଚାୟତରେ ସରପଞ୍ଚ ରୀମା ନାୟକଙ୍କ ସଭାପତିତ୍ୱରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୪୯ଜଣ ପଞ୍ଜୀକରଣ କରି ଅଭିଯୋଗ ଦାଖଲ କରିଥିଲେ। ଏଥି ମଧ୍ୟରୁ ୧୧୮ଜଣ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ୭ଜଣଙ୍କ ଘଟଣାସ୍ଥଳରେ ସମାଧାନ, ୧୯ଜଣ ବୃଦ୍ଧାବୃଦ୍ଧ ଭତ୍ତା, ୬ଜଣ ରାଶନ କାର୍ଡ ଓ ୬ଜଣ ଅନ୍ୟ ବିଷୟରେ ଅଭିଯୋଗ କରିଥିଲେ। ଶିବିରରେ ବିଡିଓ ପ୍ରଫୁଲ୍ଲ କୁମାର ଅଦୁ, ତହସିଲଦାର ଯୋଗେଶ୍ୱର ସାହୁ, ଜିପିଓ ଜୟନ୍ତ ମୁଣ୍ଡ, ସିଡିପିଓ ମୁଯିବୁନ ନିଶା, ଯୋଗାଣ ଅଧିକାରୀ ସୁଶାନ୍ତ କୁମାର ସ୍ୱାଇଁ, ଆରଡବ୍ଲୁଏସଏସ ବିଭାଗ କନିଷ୍ଠ ଯନ୍ତ୍ରୀ ସେନାପତି ବାବୁ, ହର୍ଟିକଲଚର ଓଭର ସିୟର ସନ୍ତୋଷ କୁମାର ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସମ୍ପର୍ତ୍ତୀ ଛୁରା, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ନାୟକ, ପିଇଓ ଶଙ୍କର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। କୋକସରା ବ୍ଲକ ଗୋତୋମୁଣ୍ଡା ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଜନଶୁଣାଣି ଶିବିରରେ ଅନେକ ବିଭାଗ ଅଧିକାରୀ ଅନୁପସ୍ଥିତ ରହିଥିବା ଆମପାଣି ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି ଓ ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ବିଦ୍ୟୁତ୍ ବିଭାଗ, ଆରଡବ୍ଲୁଏସଏସ, କୃଷି ବିଭାଗ, ପୋଲିସ ବିଭାଗ ଅଧିକାରୀ ନ ଥିବା ଅଭିଯୋଗ କରିଛନ୍ତି। ଫଳରେ ବିଦ୍ୟୁତ୍, ପାନୀୟ ଜଳ, କୃଷି ସମ୍ବନ୍ଧୀୟ ଓ ଅନ୍ୟ ଅଭିଯୋଗ ନେଇ ଆସିଥିବା ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

## ଅଧିକାରୀଙ୍କ ଅନୁପସ୍ଥିତ ନେଇ ଅଭିଯୋଗ କଲେ ଜିଲା ପରିଷଦ ସଭ୍ୟ

ସରପଞ୍ଚ ପଦ୍ମିନୀ ପୂଝାରୀଙ୍କ ସଭାପତିତ୍ୱରେ ବିଡିଓଙ୍କ ଅନୁପସ୍ଥିତ ଯୋଗୁ ଜିପିଓ ନାରାୟଣ ଭୋଇ ଉପସ୍ଥିତ ରହିଥିଲେ। ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ନାଏବ ସରପଞ୍ଚ ପାର୍ଥବ ମାଝି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ବେହେରା, ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, ସମନ୍ୱିତ ଶିଶୁ ବିଭାଗ ସୁପରଭାଇଜର ପ୍ରିୟାସିନୀ ତାଣ୍ଡି ପ୍ରମୁଖ ଉପସ୍ଥିତ ରହିଥିଲେ। ପିଇଓ ଦାମୋଦର ବେମାଲ ଓ ପଞ୍ଚାୟତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲାପ୍‌ଟପ୍ ଚୋରି ଅଭିଯୋଗରେ ଗିରଫ

ରାଉରକେଲା ଅଫିସ : ଲ୍ୟାପ୍‌ଟପ୍ ଚୋରି ଅଭିଯୋଗରେ ସେକ୍ଟର-୩ ପୋଲିସ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ରାକେଶ ବାଗ(୩୫)। ତାଙ୍କଠାରୁ ଚୋରି ଲାପ୍‌ଟପ୍ ଜବତ କରାଯାଇଛି। ପୋଲିସ ଗିରଫ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରିଛି। ଏ ନେଇ ଏକ ମାମଲା (ନଂ.୧୧।୨୩) ରୁଜୁ ହୋଇଛି। ସୂଚନା ଅନୁସାରେ, ସେକ୍ଟର-୭ ଏକତା ବସ୍ତିର ରାକେଶ ସେକ୍ଟର-୩ ଅଞ୍ଚଳର ପ୍ରଦୀପ ଧଳଙ୍କ ଘରୁ ଗତ ୨ ତାରିଖରେ ଏକ ଲ୍ୟାପଟପ୍ ଚୋରି କରିନେଇଥିଲେ। ଏ ନେଇ ପ୍ରଦୀପ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତନାଘନା ଚଳାଇଥିଲା।



## ସଂକ୍ଷେପରେ

### ସୁସ୍ଥ ପରିବେଶ, ଉତ୍ତମ ସ୍ୱାସ୍ଥ୍ୟ ବାର୍ତ୍ତା ନେଇ ଅଭିରାମଙ୍କ ପଦଯାତ୍ରା

ଦେବଗଡ଼, ୬।୨(ଡି.ଏନ୍.ଏ.): ସୁସ୍ଥ ପରିବେଶ ଓ ଉତ୍ତମ ସ୍ୱାସ୍ଥ୍ୟ ବାର୍ତ୍ତା ନେଇ ଅଭିରାମ ଶତପଥୀ (୬୫) ପଦଯାତ୍ରା



କରି ଦେବଗଡ଼ରେ ପହଞ୍ଚିଛନ୍ତି। ଝାରସୁଗୁଡ଼ା ଦୂରଲଗାରୁ ଜାନୁୟାରୀ ୧୪ରୁ ହାତରେ ତ୍ରିରଙ୍ଗା ପତାକା ଧରି ପଦଯାତ୍ରା ଆରମ୍ଭ କରି ରାଉରକେଲା, ରାଜଗାଙ୍ଗପୁର, ଚାଇଁବସା, ଚକ୍ରଧରପୁର, କରଞ୍ଜିଆ, ଘଟଗାଁ, କେନ୍ଦୁଝର ଆଦି ଅଞ୍ଚଳ ବୁଲି ସୋମବାର ଦେବଗଡ଼ରେ ପହଞ୍ଚିଛନ୍ତି। ଆଗକୁ ନେପାଳ ଓ ଭୁଟାନକୁ ଏହି ବାର୍ତ୍ତା ନେଇ ଯିବେ ବୋଲି କହିଛନ୍ତି। ସବୁଦିନ ବ୍ୟାୟାମ କରନ୍ତୁ। ନିଶା ସେବନ କରନ୍ତୁ ନାହିଁ। ଆମେ ସୁସ୍ଥ ରହିଲେ ସମାଜ ସୁସ୍ଥ ରହିବ, ଦେଶ ସୁସ୍ଥ ରହିବ ବାର୍ତ୍ତା ନେଇ ଏହି ପଦଯାତ୍ରା ଆରମ୍ଭ କରିଥିବା ସେ କହିଛନ୍ତି। ଅଭିରାମଙ୍କୁ ଦେବଗଡ଼ ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରିଛନ୍ତି।

### ଖଜୁରୀପତ୍ରରୁ ବିଭିନ୍ନ ସୌଖିନ ସାମଗ୍ରୀ ତିଆରି ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

କୁତ୍ରା, ୬।୨(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କିରିଙ୍ଗସେରା ପଞ୍ଚାୟତ କଳିଜାପଥର କମ୍ୟୁନିଟି ସେଣ୍ଟରଠାରେ ୧୦ ଦିନିଆ ଖଜୁରୀପତ୍ରରୁ ବିଭିନ୍ନ ସୌଖିନ ସାମଗ୍ରୀ ତିଆରି ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଘାଟିତ ହୋଇଛି। ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂସ୍ଥା ପକ୍ଷରୁ ଅନୁସୂଚିତ ଜାତି ଓ ଜନଜାତି ଅନୁସନ୍ଧାନ ଓ ପ୍ରଶିକ୍ଷଣ ଅନୁଷ୍ଠାନ ଦ୍ୱାରା ଏହି ତାଲିମ ଶିବିର କରାଯାଉଛି। ଏଥିରେ ଗ୍ରାମର ମହିଳାମାନଙ୍କୁ ଖଜୁରୀପତ୍ରରୁ ବିଭିନ୍ନ ସାମଗ୍ରୀ ନିର୍ମାଣ କରିବା ପାଇଁ ତାଲିମ ପ୍ରଦାନ କରାଯିବ। ଏଥିରେ ମୁଖ୍ୟ ଅତିଥି ଭାବେ କିରିଙ୍ଗସେରା ସରପଞ୍ଚ ମଳି କୁଜୁର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବ୍ଲକ ମଙ୍ଗଳ ଅଧିକାରୀ ମଦନ ସିଂ, ଅନୁଷ୍ଠାନର କାର୍ଯ୍ୟକ୍ରମ ପରିଚାଳନା ଅଧିକାରୀ ଦେବାଶିଷ ପ୍ରଧାନ, ଗ୍ରାମବାସୀ ଉପସ୍ଥିତ ଥିଲେ। ଜିଲା ସଂଯୋଜକ ମହେଶ୍ୱର ସାହୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭାପତି ସୁଶିଲା ଲାକ୍ରା ଓ ସମ୍ପାଦିକା ମଞ୍ଜୁଲତା ଲାକ୍ରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ

ବଡ଼ଗାଁ, ୬।୨(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ବରଙ୍ଗାକଛାର ଯୁକ୍ତ ଦୁଇ କଲେଜରେ ଚାଲିଥିବା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କଲେଜର ଅଧକ୍ଷ ନବୀନ ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଅଧାପିକା କାର୍ଯକ୍ରମ ପରିଚାଳନା କରିଥିଲେ। ଉଦଯାପନୀ ଉତ୍ସବରେ ଓଡ଼ିଆ ଅଧାପକ ଗଜେନ୍ଦ୍ର ନାୟକ, ଗଣିତ ଅଧାପକ ହିରନ୍ୟ କୁମାର୍ ମହାନ୍ତ, ଶିକ୍ଷା ଅଧାପିକା ରଞ୍ଜିତା ପଟେଲ, ଓଡ଼ିଆ ଅଧାପକ ମହେନ୍ଦ୍ର କୁମାର୍ ବେହେରା ଉପସ୍ଥିତ ଥିଲେ। ଅଧାପିକା ସ୍ୱରୂପା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଉରକେଲା, ସୁନ୍ଦରଗଡ଼, ଦେବଗଡ଼ରେ କଂଗ୍ରେସର ବିକ୍ଷୋଭ

ରାଉରକେଲା ଅଫିସ/ସୁନ୍ଦରଗଡ଼/ଦେବଗଡ଼, ୬।୨ (ଡି.ଏନ୍.ଏ.)

ରାଉରକେଲା ବିଶ୍ରା ଛକ ସ୍ଥିତ ଷ୍ଟେଟବ୍ୟାଙ୍କ ସମ୍ମୁଖରେ ସୋମବାର କେନ୍ଦ୍ର ସରକାର ଏବଂ ଆଦାନୀ ଗ୍ରୁପ୍ ବିରୋଧରେ ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାରତୀୟ ବ୍ୟାଙ୍କଗୁଡ଼ିକରୁ ପାଖାପାଖି ୮୦ହଜାର କୋଟି ଟଙ୍କା ଆଦାନୀ ଗ୍ରୁପ୍ ଉପରେ ବକେୟା ରହିଛି ବୋଲି ଦର୍ଶାଇବା ସହ ଆଦାନୀ ଗ୍ରୁପ୍‌ରେ ନିବେଶ ନିମନ୍ତେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ଏଲ୍‌ଆଇସିଙ୍କୁ ବାଧ କରାଯାଇଛି। ଏହି ଘଟଣାରେ ସୁପ୍ରିମକୋର୍ଟ ବିଚାରପତି କିମ୍ବା ଯୁଗ୍ମ ସଂସଦୀୟ କମିଟି ଦ୍ୱାରା ହିଣ୍ଡେନବର୍ଗ ରିସର୍ଚ୍ଚ ରିପୋର୍ଟର ନିରପେକ୍ଷ ତଦନ୍ତକୁ ବାଧ୍ୟତାମୂଳକ କରିବା ପାଇଁ କଂଗ୍ରେସ କର୍ମୀମାନେ ଦାବି କରିଥିଲେ। ବିକ୍ଷୋଭ ପ୍ରଦର୍ଶନରେ ଜିଲା କଂଗ୍ରେସ ସଭାପତି ଦେବବ୍ରତ ବିହାରୀ, ପୂର୍ବତନ ସଭାପତି ରବି ରାୟ, ପିସିସି ସଦସ୍ୟ ରଶ୍ମି ପାଢ଼ୀ, ଜିଲା ଯୁବ କଂଗ୍ରେସ ସଭାପତି ଜ୍ଞାନ ଦାଶ, ରାମାନନ୍ଦ ଶ୍ରୀଚନ୍ଦନଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ନେତା ସାମିଲ ହୋଇଥିଲେ।






ରାଉରକେଲା ବିଶ୍ରା ଛକ ଓ ସୁନ୍ଦରଗଡ ଭାରତୀୟ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ।

ସୁନ୍ଦରଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ସୁନ୍ଦରଗଡ଼ସ୍ଥିତ ଭାରତୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରେ ଗଣ ବିକ୍ଷୋଭ ହୋଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଆଇନଜୀବୀ ନିମାଇଁ ଚରଣ ନାଏକ, ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ, ରାଜଗାଙ୍ଗପୁର ବିଧାୟକ ଡା.ସି ଏସ. ରାଜେନ ଏକ୍କା, ନଗର ସଭାପତି ନେପାଳ ଚନ୍ଦ୍ର ସାହୁ ପ୍ରମୁଖ ଦଳୀୟ ନେତୃବୃନ୍ଦ ଯୋଗ ଦେଇଥିଲେ। ଏହି ବିକ୍ଷୋଭ ସଭାରେ ଜିଲା ଉପସଭାପତି ଅଜିତ ପ୍ରସାଦ, ଇ.ଅରୁଣ ପ୍ରୁଷେଠ, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ସରାଫ, ନିର୍ମଳ ନାଏକ, ଦେବାଶିଷ ଦାସ, କାଳୀପଦ ସାମଲ, ପ୍ରଣବ ସିଂ, ମେଘନାଦ ନାଏକ, ଶୁଭାଶୀଷ ବାନାର୍ଜୀ, ଅରୁଣ ସାମଲ, ଯୁବ କଂଗ୍ରେସ ସଭାପତି ବିଶ୍ୱଜିତ ପଟ୍ଟନାୟକ,ରାଜ୍ୟ ସେବାଦଳ ସାଧାରଣ ସମ୍ପାଦକ ମୁନୁ ସରାଫ, ସତ୍ୟନାରାୟଣ ସାହୁ, ଏମଡି ଫୈଜଲ, ଦିଲୀପ କୁମୁରା, ଯଶୋବନ୍ତ ଡୁଙ୍ଗଡୁଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଦେବଗଡ଼ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ପହଞ୍ଚି କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏଥିରେ ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକ, ଏସସି ସେଲ ସଭାପତି ମଞ୍ଜୁଳ ନାୟକ, ଓବିସି ସେଲ ସଭାପତି ଡିଲେଶ୍ୱର ସାହୁ, ଜିଲା କଂଗ୍ରେସର ଉପସଭାପତି ସଚ୍ଚିଦାନନ୍ଦ ପଟ୍ଟନାୟକ, ସୁବାସ ଚନ୍ଦ୍ର ଭୋଇ, ବରିଷ୍ଠ କଂଗ୍ରେସ ନେତା ନେତ୍ରାନନ୍ଦ ସାମଲ, ପ୍ରମୋଦ ମିଶ୍ର, ବସନ୍ତ ମିଶ୍ର, କ୍ଷିତୀଶ ପ୍ରଧାନ, ତିଲେଇବଣି ବ୍ଲକ ସଭାପତି ଗଣେଶ ପ୍ରଧାନ, ଅମରଜିତ ବାର୍ଲା, ସତ୍ୟବତୀ ଭୁକ୍ତା, ଅମରେଶ ପ୍ରଧାନ, ଶମ୍ଭୁ ପ୍ରଧାନ, ଟିକେଶ୍ୱର କିଷାନ, ଦିପକ ବେହେରା, କାଳିଆ ସାହୁ, ଦୁଃଖି ବେହେରାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ଡବଲ ମର୍ଡର ଘଟଣା: ୩ ଗିରଫ

## ମୁଖ୍ୟ ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ

ରାଉରକେଲା ଅଫିସ,୬।୨

ରାଉରକେଲା ଟାଙ୍ଗରପାଲି ଥାନା ଅନ୍ତର୍ଗତ କନଷ୍ଟ୍ରକଶନ କଲୋନୀରେ ଗତ ଶନିବାର ଡବଲ ମର୍ଡର ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଲଳିତ ଗୋପ(୨୪) ଓରଫ ଲାଲ, ମିଥୁନ ଗିରି(୩୧) ଓରଫ ଗୋଦରା ଏବଂ ଘୋଷା ବୋପୋଇ(୪୫)। ସମସ୍ତ ଗିରଫ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୦।୨୩) ରୁଜୁ କରି ମୁଖ୍ୟ ଅଭିଯୁକ୍ତ ଫେରାର ଦମ୍ପତିଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି। ଏ ସମ୍ପର୍କରେ ଘଟଣାର ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଚିନ୍ମୟ ବଳଙ୍କୁ ପଚାରିବାରୁ ସେ କହିଥିଲେ, ବର୍ତ୍ତମାନ ଆମେ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛୁ। ଘଟଣାର ମୁଖ୍ୟ ଅଭିଯୁକ୍ତ ଦମ୍ପତିଙ୍କୁ ଶୀଘ୍ର ଗିରଫ କରିବୁ।

# ଟାଉନ କ୍ରିକେଟ କ୍ଲବ ବିଜୟୀ

## ଆନ୍ତଃଜିଲା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଦେବଗଡ଼, ୬।୨(ଡି.ଏନ୍.ଏ.)

ଦେବଗଡ଼ ଜିଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଇନ୍ଦିରାଗାନ୍ଧି ଷ୍ଟାଡ଼ିୟମରେ ଅନୁଷ୍ଠିତ ହେଉଥିବା ଆନ୍ତଃଜିଲା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ମ୍ୟାଚରେ ଟାଉନ କ୍ରିକେଟ କ୍ଲବ ବିଜୟୀ ହୋଇଛି। ମ୍ୟାଚ୍ ଟାଉନ କ୍ରିକେଟ କ୍ଲବ ବନାମ ବାମଣ୍ଡା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟାଉନ କ୍ରିକେଟ କ୍ଲବ ଦଳ ବାମଣ୍ଡା କ୍ରିକେଟ କ୍ଲବ ଦଳକୁ ୫ ଉଇକେଟରେ ପରାସ୍ତ କରି ବିଜୟୀ ହୋଇଥିଲା। ପ୍ରଥମେ ବାମଣ୍ଡା ଦଳ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୪୦ ଓଭରରୁ ୧୬.୧ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୧୦୧ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଟାଉନ ଦଳ ୨୧.୫ ଓଭରରେ ୫ ଉଇକେଟ ହରାଇ ୧୦୪ ରନ୍ କରିଥିଲା। ଆଜିର ମ୍ୟାଚରେ ଟାଉନ ଦଳର ଆହିଲ ମିର୍ଜାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଖେଳରେ ଦିଲ୍ଲୁ ଦସଭାୟା ଓ ଗୁରୁଦୀପ ସିଂହ ଅମ୍ପାୟାର ରହିଥିବା ବେଳେ ରୋମି ନାୟକ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଜିଲା କ୍ରିକେଟ ସଂଘର ସମ୍ପାଦକ ସୁଜିତ ପ୍ରଧାନ, ସତ୍ୟନାରାୟଣ ପାଣି, ରାଘବ ମହାରଣା, ଅଞ୍ଜନ ପ୍ରଧାନ, ସୁଧୀର କୁମାର ବ୍ରହ୍ମା, ବେଣୁଧର ଗଡନାଏକ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ।




ଜିଲା କ୍ରିକେଟ ସଂଘ କର୍ମକର୍ତ୍ତାଙ୍କ ସହ ଖେଳାଳିମାନେ।

# ସତ୍ୟସାଇ ବାବାଙ୍କ ଦିବ୍ୟ ପାଦୁକା ଯାତ୍ରା

ଦେବଗଡ଼, ୬।୨(ଡି.ଏନ୍.ଏ.)

ଦେବଗଡ଼ଠାରେ ୩୧ ରୁ ୪ ତାରିଖ ପର୍ଯ୍ୟନ୍ତ ଶ୍ରୀ ସତ୍ୟସାଇ ବାବାଙ୍କ ଦିବ୍ୟ ପାଦୁକା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ଏକ ରଥ ଗତ ଜୁଲାଇ ୧୩ରୁ ଭୁବନେଶ୍ୱରରୁ ବାହାରି ଦେବଗଡ଼ ଜିଲାରେ ଗତ ଜାନୁଆରୀ ୨୫ରେ ପହଞ୍ଚି ଥିଲା। ଛଟାବର, ରିଆମାଳ, ରେଙ୍ଗାଲବେଡା, କେନ୍ଦୁଘାଟ, ତେନ୍ତୁଲାବାହାଲ, ଜାମୁନାଳି, ଦୁଧିଆନାଳି, ଖଜୁରୀଦର, ଅସୁରଖୋଲ, ତିଲେଇବଣି, ଟାଇସର୍, କୁରୋଡ଼, ପୁରୁଣାଗଡ, ସମନ୍ତରପାଲି ଗ୍ରାମ ଓ ଦେବଗଡ଼ ସହରରେ ରଥ ପରିକ୍ରମା କରିଥିଲା। ଉକ୍ତ ସାଇ ପାଦୁକା ଯାତ୍ରାରେ ଅନେକ ଗ୍ରାମବାସୀ, ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ବନ୍ଦାପନା କରି ପାଦୁକା ଦର୍ଶନ କରିଥିଲେ। ବିଭିନ୍ନ ସ୍ଥାନରେ ଭଜନଗାନ, ସାଂସ୍କୃତିକ କାର୍ଯ୍ୟକ୍ରମ, ନାରାୟଣ ସେବା ଓ ବାବାଙ୍କ ଜୀବନୀ ଆଧାରିତ ଫିଲ୍ମର ଆୟୋଜନ ହୋଇଥିଲା। ସମସ୍ତ ସାଇଭକ୍ତ ଉତ୍ସାହର ସହ ଉକ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଏହି ଅବସରରେ ରାଜ୍ୟ ଟ୍ରଷ୍ଟ ସଭ୍ୟ ରଶ୍ମିରଞ୍ଜନ ରାଏ ଭାଇ ଅତିଥି ଭାବେ ଯୋଗଦେଇ ଦେବଗଡ଼ ଶ୍ରୀ ସତ୍ୟସାଇ ମନ୍ଦିରର ପରିସରରେ ଏକ ନିର୍ମଳ ଝର (ଥଣ୍ଡା ପାନୀୟ ଜଳ) ଉଦ୍‌ଘାଟନ କରିଥିଲେ। ଦେବଗଡ଼ ଜିଲା ସତ୍ୟସାଇ ସମିତି ସଭାପତି ହରିହର ଭାଇ, ଜିଲା ପାଦୁକା ସଂଯୋଜକ ରାଜେନ୍ଦ୍ର ଭାଇ, ଦେବଗଡ଼ ସମିତି ଆବାହକ ତପନ ଭାଇ, ଜିଲା ଶିକ୍ଷା ସଂଯୋଜିକା ତରୁଲତା, ଜିଲା ଆଧ୍ୟାତ୍ମିକ ସଂଯୋଜିକା ନିଳିମା, ଯୁବ ସଂଯୋଜକ ଅରବିନ୍ଦ, ଲିପିକା, ଆଇଟି ସଂଯୋଜକ ରାକେଶ, ଅମୂଲ୍ୟ, ଜଗବନ୍ଧୁ, ରଘୁମଣୀ, ଦିବ୍ୟଶଙ୍କର, ଦେବାଶିଷ, ମାନ୍ତୁ, ସନ୍ତୋଷ, ମଳୟ ପ୍ରମୁଖ ସତ୍ୟସାଇ ସମିତିର ସଦସ୍ୟ ଉପସ୍ଥିତ ଥିଲେ।



ଭକ୍ତମାନେ ସତ୍ୟସାଇ ବାବାଙ୍କ ଦିବ୍ୟ ପାଦୁକା ଦର୍ଶନ କରୁଛନ୍ତି।

# ଭୂୟାଁ ସମାଜର ବାର୍ଷିକ ଉତ୍ସବ, କର୍ମକର୍ତ୍ତା ଚୟନ

ବଡ଼ଗାଁ, ୬।୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ପାଣ୍ଡେରପାଲି ସାନିଗାଦି ଅଧିନ ଧୁମାଗଡା ଗ୍ରାମରେ ରବିବାର ପାଞ୍ଚ ଶହ ଘର ଭୂୟାଁ ସମାଜର ବାର୍ଷିକ ଉତ୍ସବ ଓ କର୍ମକର୍ତ୍ତା ଚୟନ ହୋଇଯାଇଛି। ସ୍ଥାନୀୟ ସଭାପତି ନାରାୟଣ ଥେମରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ସାନିଗାଦିର ଆଠଟି ଗ୍ରୁପର ସଭାପତି, ସମ୍ପାଦକ ଓ ବହୁ ସଂଖ୍ୟକ ସଦସ୍ୟଙ୍କ ସହିତ ବରଙ୍ଗାକଛାର ସରପଞ୍ଚ ରାଜେଶ୍ୱରୀ କାଲୋ, ସାହାଜବାହାଲ ସରପଞ୍ଚ ଶୁକ୍ରୁତା ବିଶାଳ, ଭୋଇପାଲି ସରପଞ୍ଚ ମହେଶ୍ୱର ବରିହା ଯୋଗଦେଇଥିଲେ। ସମାଜର କର୍ମକର୍ତ୍ତା ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, କେନ୍ଦ୍ରୀୟ କମିଟି ଉପସଭାପତି ଜଗବନ୍ଧୁ ଭୋଇ, ସହ ସମ୍ପାଦକ ଗୁଲବଦନ ସା, ସଭ୍ୟ ପୁଷ୍ପକ ପ୍ରଧାନ, ପାଣ୍ଡେରପାଲି ସାନିଗାଦିର ସଭାପତି ନାରାୟଣ ଠେମରିଆ, ଉପସଭାପତି ସନାତନ ପ୍ରଧାନ, ସମ୍ପାଦକ ସୁରତରାମ ପ୍ରଧାନ, ପୂଜକ ଉତ୍ତମ ପ୍ରଧାନ ପ୍ରମୁଖ କର୍ମକର୍ତ୍ତା ସମାଜର ବିଭିନ୍ନ ସମସ୍ୟା ଓ ତାର ସମାଧାନ ଉପରେ ଆଲୋଚନା କରିଥିଲେ। ମାର୍ଚ୍ଚ ୧୦ରୁ ହେବାକୁ ଥିବା ସମାଜର ମହାସଭା କିପରି ସୁରୁଖୁରୁରେ ସମାପନ ହେବ ସେ ନେଇ କର୍ମକର୍ତ୍ତା ମତ ରଖିଥିଲେ। ଏହି ଅବସରରେ ପାଣ୍ଡେରପାଲି ସାନିଗାଦିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସନାତନ ପ୍ରଧାନଙ୍କୁ ସଭାପତି, ଗିରିଧାରୀ ବିଶାଳଙ୍କୁ ଉପ ସଭାପତି, ସୁରତରାମ ପ୍ରଧାନଙ୍କୁ ସମ୍ପାଦକ ଓ ଯୁଗ୍ମ ସମ୍ପାଦକ ଭାବେ ସରପଞ୍ଚ ମହେଶ୍ୱର ବରିହାଙ୍କୁ ଚୟନ କରାଯାଇଛି।

# ସମ୍ବଲପୁର ଲୋକ ସଭା ଆସନରେ ଭାଜପା ପ୍ରାର୍ଥିଙ୍କୁ ନେଇ ଚର୍ଚ୍ଚା

ଦେବଗଡ଼, ୬।୨(ଡି.ଏନ୍.ଏ.)

ଆଗକୁ ୨୦୨୪ ନିର୍ବାଚନ ଆସୁଛି। ନିର୍ବାଚନକୁ ଆହୁରି ବର୍ଷେ ବାକି ଥିବାବେଳେ ସମ୍ବଲପୁର ଲୋକସଭା ଆସନରେ ଭାରତୀୟ ଜନତା ପାର୍ଟି (ଭାଜପା)ରୁ ପ୍ରାର୍ଥୀ ହେବାକୁ ଆଶାୟୀ ଥିବା ବ୍ୟକ୍ତି ଏବେଠାରୁ ଉଦ୍ୟମ ଚଳାଇଲେଣି। ସମ୍ବଲପୁର ଲୋକସଭା ଆସନ ଅନ୍ତର୍ଗତ ସାତୋଟି ବିଧାନସଭା ନିର୍ବାଚନମଣ୍ଡଳୀ ଦେବଗଡ଼, କୁଚିଣ୍ଡା, ରେଢାଖୋଲ, ସମ୍ବଲପୁର, ଆଠମଲ୍ଲିକ, ରେଙ୍ଗାଲି, ଛେଣ୍ଡିପଦାରେ ବୁଲାବୁଲି କରି ସଙ୍ଗଠନ ସଜାଡ଼ିବାରେ ଲାଗିଛନ୍ତି। ଭାଜପା ପକ୍ଷରୁ କେତେଜଣଙ୍କ ନାମ ଶୁଣିବାକୁ ମିଳୁଛି। ଆଉ କେତେଜଣଙ୍କ ନାମ ଶୁଣିବାକୁ ମିଳୁ ନ ଥିଲେ ବି ଆଶାୟୀ ଅଛନ୍ତି। ଦେବଗଡ଼ ଯୋଗବେଦାନ୍ତ ଗୁରୁକୁଳର ମଠାଧୀଶ ସ୍ୱାମୀ ଅଭୟ ଚୈତନ୍ୟ ଜୀ ବ୍ରହ୍ମଚାରୀଙ୍କ ନାମ ବେଶୀ ଶୁଣିବାକୁ ମିଳୁଥିବାରୁ ସେ ଉଦ୍ୟମ ଚଳାଇଛନ୍ତି। ଭାଜପା ପ୍ରାର୍ଥୀ ଭାବେ ତାଙ୍କୁ ଛିଡ଼ା କରାଯିବା ସମ୍ଭାବନା ରହିଛି ବୋଲି ଅଣଆନୁଷ୍ଠାନିକ ଭାବେ ଜଣାପଡ଼ିଛି। ଦୀର୍ଘଦିନ ହେଲା ସ୍ୱାମୀ ଅଭୟ ଜୀ ଆଠମଲ୍ଲିକ, ଛେଣ୍ଡିପଦା, ରେଢ଼ାଖଲ, ଦେବଗଡ଼ ଏବଂ କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀର ସାଧାରଣ ଜନତାଙ୍କ ସମ୍ପର୍କରେ ଅଛନ୍ତି। ପ୍ରବଚନ ତଥା ବିଶ୍ୱହିନ୍ଦୁ ପରିଷଦର ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ନିଜକୁ ସାମିଲ କରି ସାଧାରଣ ଜନତାଙ୍କୁ ନିଜପଟକୁ ଆକର୍ଷିତ କରିବାରେ ସଫଳ ହୋଇ ଗ୍ରହଣଯୋଗ୍ୟ ହୋଇଛନ୍ତି। ସାଧାରଣ ଜନତାଙ୍କ ପ୍ରତିକ୍ରିୟା ଅନୁଯାୟୀ ସ୍ୱର୍ଣ୍ଣିମ ଭାରତ ନିର୍ମାଣରେ ସାଧୁସନ୍ଥଙ୍କ ଭାରତୀୟ ରାଜନୀତିରେ ପ୍ରବେଶ ଅତ୍ୟନ୍ତ ସହାୟକ ହେବ ବୋଲି ମତବ୍ୟକ୍ତ କରିଛନ୍ତି। ତେବେ ଦଳ ତାଙ୍କୁ ପ୍ରାର୍ଥୀ କରିବ କି ନାହିଁ ସମୟ ଆସିଲେ ଜଣାପଡ଼ିବ। କିନ୍ତୁ ତାଙ୍କର ନିର୍ମଳ ଭାବମୂର୍ତ୍ତି, ଜଣେ ସନ୍ଥ, ପ୍ରବଚକ ହୋଇଥିବାରୁ ଏବଂ ଦୀର୍ଘ ଦିନଧରି ପ୍ରବଚନ ମାଧ୍ୟମରେ ଲୋକଙ୍କ ନିକଟତର ହୋଇଥିବାରୁ ଦଳ ତାଙ୍କୁ ପ୍ରାର୍ଥୀ କରିପାରେ ବୋଲି ସେ ଓ ତାଙ୍କର ପ୍ରଶଂସକମାନେ ଆଶାବାଦୀ ଅଛନ୍ତି।

# ଶିବରାତ୍ରି ଉପଲକ୍ଷେ ପ୍ରସ୍ତୁତି ବୈଠକ

କୁଆଁରମୁଣ୍ଡା,୬।୨(ଡି.ଏନ.ଏ)

ଆଗାମୀ ୧୮ରେ ମହାଶିବରାତ୍ରି ଉପଲକ୍ଷେ କୁଆଁରମୁଣ୍ଡା ବ୍ଲକ ପରିସରରେ ଥିବା ଚନ୍ଦ୍ରଚୁଡ ମନ୍ଦିରରେ ଶିବରାତ୍ରି କିଭଳି ସୁଚାରୁରୂପେ ପାଳନ କରାଯିବା ସେନେଇ ସୋମବାର ବ୍ଲକ ସଭାଗୃହରେ ବିଡ଼ିଓ ତୃପ୍ତି ବରାଇଙ୍କ ତତ୍ତ୍ୱାବଧାନରେ ଏକ ପ୍ରସ୍ତୁତି ବୈଠକ ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏବିଡିଓ ପ୍ରଶାନ୍ତ ଜେନା ସ୍ଥାନୀୟ ଅଞ୍ଚଳର ମାନଗଣ୍ୟ ବ୍ୟକ୍ତିଙ୍କ ସହଯୋଗ କାମନା କରିଥିଲେ। କୋଭିଡ୍ ମହାମାରୀ ଯୋଗୁ ବିଗତ ୨ ବର୍ଷ ହେଲା ଶିବରାତ୍ରି ପାଳନ ବନ୍ଦ ରହିଥିବାବେଳେ ଚଳିତବର୍ଷ ଏହା ଧୁମଧାମରେ ପାଳନ କରାଯିବା ସହ ପ୍ରାୟ ୩ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯିବା ପାଇଁ ଏହି ଅବସରରେ ସ୍ଥିର କରାଯାଇଛି। ଏହି ବୈଠକରେ ପୂଜକ, ପଣ୍ଡିତ, କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ସରପଞ୍ଚ ରାଜେଶ ହାଁସଦା ଉପସ୍ଥିତ ଥିଲେ।

# ସିକ୍ୟୁରିଟି ଗାର୍ଡଙ୍କୁ ବାନ୍ଧି ଫ୍ୟାକ୍ଟ୍ରିରୁ ଚୋରି

ରାଉରକେଲା ଅଫିସ, ୬।୨

ବ୍ରାହ୍ମଣୀତରଙ୍ଗ ଥାନା ବେଲଡିହି ଅଞ୍ଚଳରେ ଥିବା ଏକ ଫାକ୍ଟ୍ରିର ସିକ୍ୟୁରିଟି ଗାର୍ଡଙ୍କୁ ବାନ୍ଧି ରବିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୬।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ଉଦିତନଗର ସ୍ଥିତ ନାରାୟଣ ରେସିଡେନ୍ସିର ନିରଜଙ୍କ ବେଲଡିହି ଅଞ୍ଚଳରେ ରାଜଶ୍ରୀ ଆଲଏଜ୍ ଏଣ୍ଡ ଷ୍ଟିଲ ନାମକ ଏକ ଫ୍ୟାକ୍ଟ୍ରି ରହିଛି। ଏହି ଫ୍ୟାକ୍ଟ୍ରିରେ ରବିବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ପଶି ସେଠାରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡଙ୍କୁ ବାନ୍ଧି ଦେଇଥିଲେ। ପରେ ସେମାନେ ଏକ ଟ୍ରାନ୍ସଫର୍ମରକୁ ଭାଙ୍ଗି ୩ଶହ କେ.ଜି ତମ୍ବାତାରକୁ ଚୋରି କରିବା ସହ ଅନ୍ୟ ଏକ ଟ୍ରାନ୍ସଫର୍ମରକୁ ନଷ୍ଟ କରିଦେଇଥିଲେ। ଏ ନେଇ ଫ୍ୟାକ୍ଟ୍ରି ମାଲିକ ସୋମବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତନାଘନା ଆରମ୍ଭ କରିଛି।

# ସିସିବିସି ୱାରିଅର ଲାଞ୍ଜିବେର୍ଣ୍ଣା ପ୍ରିମିୟର ଲିଗ ବିଜୟୀ

ସୁନ୍ଦରଗଡ଼/ରାଜଗାଙ୍ଗପୁର,୬।୨(ଡି.ଏନ.ଏ.)

ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ଲାଞ୍ଜିବେର୍ଣ୍ଣା ଚୂନପଥର ଖଣି ପକ୍ଷରୁ ଗତ ୩ ରୁ ଆରମ୍ଭ ହୋଇଥିବା ଲାଞ୍ଜିବେର୍ଣ୍ଣା ପ୍ରିମିୟର ଲିଗ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ମାଇନିଂ ୱାରିଅରକୁ ୫ ଉଇକେଟରେ ହରାଇ ସିସିବିସି ୱାରିଅର ଲାଞ୍ଜିବେର୍ଣ୍ଣା ପ୍ରିମିୟର ଲିଗର ବିଜେତା ହୋଇଥିଲା । ଲାଞ୍ଜିବେର୍ଣ୍ଣା ଶ୍ରମିକ ଖେଳ ପଡିଆରେ ୪ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ଲାଞ୍ଜିବେର୍ଣ୍ଣା ଖଣି ପାର୍ଶ୍ୱବର୍ତ୍ତୀ ଲାଞ୍ଜିବେର୍ଣ୍ଣା, ଖେରାମୁଟା, ସାଲିଆମେଟା, ଟୁଙ୍ଗ୍ରିଟୋଲି, କୁକୁଡ଼ା, କଟାଙ୍ଗ, ପାଣ୍ଡରାପଡ଼ା, ଡୁରୀଟୋଲୀ, ଯାମଡ଼ିହି, ବାବୁଡିହି ଏବଂ କୂନମୁରୁରେ ବାସ କରୁଥିବା ଖଣିର କର୍ମଚାରୀମାନେ ୮ଟି ଦଳ ଗଠନ କରି ଏହି ଲିଗରେ ଭାଗ ନେଇଥିଲେ। ଅଞ୍ଚଳରେ କ୍ରୀଡା ଏବଂ ସ୍ଥାନୀୟ କ୍ରୀଡା ପ୍ରତିଭାମାନଙ୍କ ବିକାଶ ପାଇଁ ଡାଲମିଆ ସିମେଣ୍ଟ ବିଭିନ୍ନ ପ୍ରକାର ପଦକ୍ଷେପ ଯଥା କ୍ରୀଡା ସାମଗ୍ରୀ ବଣ୍ଟନ ତଥା ଗ୍ରାମାଞ୍ଚଳ ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ସାହାଯ୍ୟ ପ୍ରଦାନ କରିଆସୁଛି। ଉଦ୍‌ଯାପନୀ ସମାରୋହରେ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡର ଫାଇନାନ୍ସ ବିଭାଗ ମୁଖ୍ୟ ପ୍ରକାଶ ଅଗ୍ରୱାଲ, ଲାଞ୍ଜିବେର୍ଣ୍ଣା ଚୂନପଥର ଖଣିର ମାନବ ସମ୍ବଳ ବିଭାଗ ମୁଖ୍ୟ ଦିଲୀପ କୁମାର ପାଣିଗ୍ରାହୀ, ଲାଞ୍ଜିବେର୍ଣ୍ଣା ଗ୍ରାମର ଏକ୍ସ-ଆର୍ମି ବିରଜ ଏକ୍କା, ଏମଆଣ୍ଡ ଏଚଏସ ମୁଖ୍ୟ ଡକ୍ଟର ଡି.କେ ସିଂ ଏବଂ ସୁରକ୍ଷା ବିଭାଗ ମୁଖ୍ୟ ସୁବ୍ରତ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ବିଜେତା ଦଳକୁ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ। ଡାଲମିଆ ସିମେଣ୍ଟ ଲାଞ୍ଜିବେର୍ଣ୍ଣା ଚୂନପଥର ଖଣିର ମାନବ ସମ୍ବଳ ବିଭାଗ ଦ୍ୱାରା ଏହି କାର୍ଯ୍ୟକ୍ରମକୁ ସଂଯୋଜନା ଏବଂ ପରିଚାଳନା କରାଯାଇଥିଲା । ଏହି ଅବସରରେ ଡାଲମିଆ ସିମେଣ୍ଟ ପକ୍ଷରୁ ନୂତନ ଭାବରେ ପ୍ରଚଳିତ ଡାଲମିଆ ବନ୍ଧୁ ସ୍କିମ ଅଧୀନରେ ଡାଲୁ ଧାନୱାର (ସାଲିଆମେଟା), ଚେମଟା ମାଜି (ଖେରାମୁଟା), ରୋବର୍ଟ ସୋରେନ (ଟୁଙ୍ଗ୍ରିଟୋଲି), କାଇରୁ କିସାନ (କଟାଙ୍ଗ), ଭିନ୍ସେଣ୍ଟ ଡୁଙ୍ଗଡୁଙ୍ଗ (ବିହାବନ୍ଧ)ଙ୍କୁ ସମ୍ମାନିତ କରାଯାଇଥିଲା।

# କିଷାନ ସମାଜର କୁଣହାଁର ମହୋତ୍ସବ ଉଦ୍‌ଯାପିତ






କିଷାନ ସମାଜ କୁଣହାଁର ମହୋତ୍ସବରେ ମଞ୍ଚାସୀନ ଅତିଥି। କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରାଯାଉଛି।

ଲହୁଣୀପଡ଼ା, ୬।୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ବଡପୁରୁଣାପାଣି ପଞ୍ଚାୟତ ବହୁମୁଖି ଖେଳ ପଡିଆରେ ସବଡିଭିଜନାଲ କିଷାନ ସମାଜ ବଣାଇଁ ପକ୍ଷରୁ ୩ ଦିନ ଧରିଚାଲିଥିବା କୁଣହାଁର ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଜିଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବଣାଇ ବନଖଣ୍ଡ ଏସିଏଫ୍ ସୁଶାନ୍ତ କୁମାର ଜେନା, ସମ୍ମାନିତ ଅତିଥି ଭାବେ ଲହୁଣୀପଡା ଜିଲା ପରିଷଦ ସଭ୍ୟା ଜୁଲିଆନି କାଣ୍ଡିର, କୁଳିପୋଷ ରେଞ୍ଜର ମୁକ୍ତିକାନ୍ତ ପରିଡା, ରାଜାମୁଣ୍ଡା ସରପଞ୍ଚ ମାଳତୀ କିଷାନ, ଅନୁଷ୍ଠାନର ଉପସଭାପତି ଭୀମସେନ ପ୍ରଧାନ ଯୋଗ ଦେଇଥିଲେ। ସଭାପତି ରତ୍ନାକର କିଷାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥିମାନଙ୍କୁ ଆଦିବାସୀ ପାରମ୍ପରିକ ନୃତ୍ୟ ବାଦ୍ୟର ତାଳେ ତାଳେ ମଞ୍ଚକୁ ପାଛୋଟି ଆଣିବା ସହ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସ୍ୱାଗତ କରାଯାଇଥିଲା।

## ସାଂସ୍କୃତିକ ବାଦ୍ୟ ନୃତ୍ୟ ପ୍ରତିଯୋଗିତା

ଅନୁଷ୍ଠାନର ସାଧାରଣ ସମ୍ପାଦକ ତଥା କେନ୍ଦ୍ରିକଳା ସରପଞ୍ଚ ଉଗ୍ରସେନ କିଷାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଭଜନ କିଷାନ ମଞ୍ଚ ପରିଚାଳନା କରିଥିଲେ। ଏହି ମହୋତ୍ସବ ୩ ଦିନ ଧରି ପାଳନ କରାଯାଇଥିବାବେଳେ ବଣାଇ ଉପଖଣ୍ଡସ୍ତରୀୟ କିଷାନ ସମାଜ ଫୁଟବଲ ପ୍ରତିଯୋଗିତା ଏବଂ ସାଂସ୍କୃତିକ ନୃତ୍ୟ ପ୍ରତିଯୋଗିତାର ଆୟୋଜନ ହୋଇଥିଲା। ଫୁଟବଲ ପ୍ରତିଯୋଗିତାରେ ୨୪ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ନୂଆଗାଁ ଦଳକୁ ହରାଇ ନନ୍ଦାପଡା ଦଳ ଚାମ୍ପିୟନ ହୋଇଥିଲା। ସାଂସ୍କୃତିକ ବାଦ୍ୟ ନୃତ୍ୟ ପ୍ରତିଯୋଗିତାରେ ବିଭିନ୍ନ ଗ୍ରାମର ମୋଟ ୨୪ ଦଳ ଭାଗ ନେଇଥିଲେ। ଅତିଥିଙ୍କ ସମ୍ମୁଖରେ ପାରମ୍ପରିକ ଆଦିବାସୀ ପୋଷାକ ପରିଧାନ କରି ପାରମ୍ପରିକ ବାଦ୍ୟର ତାଳେତାଳେ ଆଦିବାସୀ କିଷାନ ନୃତ୍ୟ ପରିବେଷଣ କରି କଳା ପ୍ରଦର୍ଶନ କରିଥିବାବେଳେ ଉପସ୍ଥିତ ବିଚାରକ ମଣ୍ଡଳୀ ୨୪ ଦଳ ମଧ୍ୟରୁ ୩ଟି ଦଳକୁ ପ୍ରଥମ ଦ୍ୱିତୀୟ ତୃତୀୟ ଦଳ ଭାବେ ଚୟନ କରିଥିଲେ। ଅତିଥିମାନେ ବିଜେତା ଓ ଉପ ବିଜେତା ଦଳ ତଥା ସାଂସ୍କୃତିକ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ଦଳକୁ ପୁରସ୍କୃତ କରିଥିଲେ। ସଭା ଶେଷରେ କୋଷାଧ୍ୟକ୍ଷ ଭୂବନାନନ୍ଦ କିଷାନ ଧନ୍ୟବାଦ ଅର୍ପଣ କରିଥିଲେ। ଋଷବ ଚରଣ କିଷାନ, ପାଣ୍ଡୁ କିଷାନ, ଦୁଃଖୁ କିଷାନ, ସୁବର୍ଣ୍ଣ କିଷାନ ସୁନିଲ କିଷାନ, ମହେଶ୍ୱର କିଷାନଙ୍କ ସମେତ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବନ ବିଭାଗ ଚଢ଼ାଉ: ପଟା ଜବତ

**ଦେଓଗାଁ, ୬।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବନାଞ୍ଚଳ ଅନ୍ତର୍ଗତ କନ୍ଦାମୁଣ୍ଡା ଗ୍ରାମ ନିକଟ କ୍ଷେତରେ ଥିବା ବେଆଇନ ଶାଗୁଆନ ପଟାକୁ ବନ ବିଭାଗ ଜବତ କରିଛି। ୧୬ଖଣ୍ଡ ଶାଗୁଆନ ପଟ୍ଟା, ୬ ଖଣ୍ଡ ଚଉଖଟ, ନିମ୍ବ ୬ ଖଣ୍ଡ ଚଉଖଟ ଜବତ ହୋଇଥିବା ବିଭାଗ ସୂଚନା ଦେଇଛି। ଏନେଇ ଦେଓଗାଁ ବନାଞ୍ଚଳ ବିଭାଗ ତରଫରୁ ଏକ ମାମଲା ରୁଜୁ କରାଯାଇଥିବା ଫରେଷ୍ଟର ପିଙ୍କୁ ଭୋଇ ସୂଚନା ଦେଇଛନ୍ତି।

### ବିଡିଓଙ୍କୁ ଭାଜପାର ଦାବିପତ୍ର

**ସଇଁତଳା, ୬।୨(ଡି.ଏନ.ଏ.):** ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଭାଜପା ତରଫରୁ ସଇଁତଳା ବ୍ଲକ କାର୍ଯ୍ୟାଳୟ ଘେରାଉ କରଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ଚନ୍ଦ୍ରମଣୀ ନାଗଙ୍କୁ ପ୍ରଦାନ କରାଯାଇଛି। ମହେନ୍ଦ୍ର ଠାକୁରଙ୍କ ନେତୃତ୍ୱରେ କର୍ମୀମାନେ ବ୍ଲକ ଛକରୁ ଏକ ରାଲିରେ ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ରାଜ୍ୟ ସରକାର ପଞ୍ଚାୟତରେ ଗ୍ରାମସଭା ନ କରାଇ ବହୁ ଅଯୋଗ୍ୟ ବ୍ୟକ୍ତିଙ୍କୁ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରିବାକୁ ଚେଷ୍ଟା ଚଳାଇଥିବା ଜିଲା ଭାଜପା ସାଧାରଣ ସମ୍ପାଦକ ମୁକେଶ ଜୈନ କହିଥିଲେ।

# ‘ଆଧୁନିକ ଯନ୍ତ୍ରପାତି କୃଷିକୁ ଲାଭଜନକ କରିବ’

**ବଲାଙ୍ଗୀର ଅଫିସ, ୬।୨**



ବଲାଙ୍ଗୀର ଜିଲା ସ୍ତରୀୟ କୃଷିମେଳା ଉଦ୍‌ଯାପନୀ ଉତ୍ସବରେ ଅଗ୍ରଣୀ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ ୪ଦିନ ଧରି ଚାଲିଥିବା କୃଷି ଓ କୃଷି ଯନ୍ତ୍ରପାତି ମେଳା ସୋମବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଓଡିଶା ବିଧାନସଭା ଉପମୁଖ୍ୟ ସଚେତକ ତଥା ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ଯୋଗଦେଇ ଆଧୁନିକ କୃଷି ଯନ୍ତ୍ରପାତି ବ୍ୟବହାର କରି ଧାନଚାଷ ସହ ଅନ୍ୟାନ୍ୟ ଅର୍ଥକାରୀ ଫସଲ ଓ ପନିପରିବା ଚାଷ ପ୍ରତି ଚାଷୀମାନେ ଅଧିକ ଉତ୍ପାଦନ ଦିଗରେ ଚେଷ୍ଟିତ ହେବାକୁ ପରାମର୍ଶ ଦେଇଥିଲେ। ସରକାରଙ୍କ କୃଷି ଓ କୃଷକ ସମ୍ବନ୍ଧୀୟ ବିଭିନ୍ନ ଯୋଜନା ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରିବା ସହ ସେମାନେ ଏସବୁ ଯୋଜନାଗୁଡିକରୁ କିପରି ଲାଭାନ୍ୱିତ ହୋଇପାରିବେ ସେଥିପ୍ରତି ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଯୋଗଦେଇ ଆଧୁନିକ କୃଷି ଯନ୍ତ୍ରପାତି ବ୍ୟବହାର ଦ୍ୱାରା ଅଧିକ ଅମଳ କରାଯାଇପାରିବ। ତେଣୁ ଚାଷୀମାନେ ଏହାର ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଜିଲାପାଳ ଚଞ୍ଚଳ ରାଣା ଫାର୍ମ ଯାନ୍ତ୍ରିକକରଣ ଓ ଆଧୁନିକ ବୈଷୟିକ ଜ୍ଞାନ କୌଶଳର ପ୍ରୋତ୍ସାହନ ଜରିଆରେ ଚାଷୀ ବିଶେଷକରି ଯୁବଚାଷୀମାନେ ଚାଷ ପ୍ରତି ଆକୃଷ୍ଟ ହେଉଛନ୍ତି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଜରିଆରେ ଜିଲାର ୧୦୦ ଜଣ ଚାଷୀଙ୍କ ଦରଖାସ୍ତ ମଞ୍ଜୁର କରାଯାଇ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି ବୋଲି ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ କୃଷି ଓ କୃଷକ ସଶକ୍ତିକରଣ ନିମନ୍ତେ ଜିଲାସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳା ଆୟୋଜନର ଲକ୍ଷ୍ୟ ବୋଲି କହିଥିଲେ। ବଲାଙ୍ଗୀର ଉପଜିଲାପାଳ କୁମାର ନାଗଭୂଷଣ କୃଷକମାନଙ୍କ ଆୟବୃଦ୍ଧି ନିମନ୍ତେ ଫାର୍ମ ଯାନ୍ତ୍ରିକକରଣ ଓ ଆଧୁନିକ ବୈଷୟିକ ଜ୍ଞାନ କୌଶଳ ସହାୟକ ହୋଇପାରିବ ବୋଲି କହିଥିଲେ। ଭାରପ୍ରାପ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ ବିଶେଶ୍ୱର ସାହୁ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଟିଟିଲାଗଡ ବ୍ଲକ କୁଶକେଲା ଗ୍ରାମର ସଫଳ ଚାଷୀ ଭାଗ ଶବର, ବଲାଙ୍ଗୀର ଲର୍କିପାଲିର ମନମୋହନ ରାଉତ ଓ ପାଟଣାଗଡ ବ୍ଲକ ଭଇଁଷା ର ଅଜୁ ନାୟକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ମିଶନ ଜରିଆରେ ଲୋଇସିଂହାର ହରିପ୍ରିୟା ସ୍ୱୟଂ ସହାୟକ ଗୋଷ୍ଠୀ,

### ଜିଲାସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

ବଲାଙ୍ଗୀରର ଜୟ ବୁଢାରଜା ସ୍ୱୟଂ ସହାୟକ ଗୋଷ୍ଠୀ, ବେଲପଡାର ଜୟ ମା ପାର୍ବତୀ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଗୁଡଭେଲାର ଜୟ ସିକେରପାଟ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିଦ୍ୟୁତ ଚାଳିତ ମିନି ଡାଲି ମିଲ ପ୍ରଦାନ କରାଯାଇଥିଲା। ସେହିପରି ୬ ଜଣ କୃତୀ ଚାଷୀଙ୍କୁ ବିଭିନ୍ନ କମ୍ପାନୀର ଟ୍ରାକ୍ଟର ଚାବି ପ୍ରଦାନ କରାଯାଇଥିଲା । ଜିଲା ସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳାରେ ୫ କୋଟି ୨୪ ଲକ୍ଷ ଟଙ୍କାର ବିଭିନ୍ନ କୃଷି ଯନ୍ତ୍ରପାତି ସବ୍‌ସିଡି ଦରରେ ୩୬୮ ଜଣ ଚାଷୀଙ୍କୁ ପରମିଟ ଦିଆଯାଇଛି। ସଭାରେ ଗୁରୁ ଦିଲୀପ କୁମାର ସିଂଦେଓଙ୍କ ନିର୍ଦ୍ଦେଶନାରେ ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିର କଦମପଡାର ଛାତ୍ରୀଛାତ୍ରୀସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କୃଷି ବିଭାଗ ର ସହକାରୀ ନିର୍ବାହୀ ଯନ୍ତ୍ରୀ ନରେନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ପ୍ରଶାସନ ଓ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଏହି ମେଳା ଆୟୋଜିତ ହୋଇଥିଲା।

## ଦୁଇବର୍ଷ ପରେ ଖୋଲିଲା ଶିବ ମନ୍ଦିର ହୁଣ୍ଡି

**ଟିଟିଲାଗଡ଼, ୬।୨(ଡି.ଏନ.ଏ.)**

ଟିଟିଲାଗଡ କୁମୁଡା ଧବଳେଶ୍ୱର ଶୈବପୀଠର ହୁଣ୍ଡି ପ୍ରତ୍ୟେକ ବର୍ଷ ଶିବରାତ୍ରୀ ମେଳା ପୂର୍ବରୁ ଖୋଲାଯାଇଥାଏ। ତେବେ କରୋନା ମହାମାରି ନେଇ ଗତ ଦୁଇବର୍ଷ ହେଲା ଏହା ଖୋଲା ଯାଇ ନ ଥିଲା। ଧବଳେଶ୍ୱର ମହାଦେବ ଟ୍ରଷ୍ଟ ଅଧ୍ୟକ୍ଷ ତଥା ଉପଜିଲାପାଳ ଦୟାମୟ ପାଢୀଙ୍କ ନିର୍ଦ୍ଦେଶ ତଥା ଉପସ୍ଥିତିରେ ହୁଣ୍ଡି ଖୋଲାଯାଇଛି। ହୁଣ୍ଡିରୁ ୧ ଲକ୍ଷ ୧୦ହଜାର ଟଙ୍କା ମିଳିଛି। ତେବେ ସେଥିମଧ୍ୟରୁ କିଛି ନୋଟ ପାଣିରେ ଓଦା ହୋଇଯାଇଥିବାରୁ ବ୍ୟଶଙ୍କ ଗ୍ରହଣ କଲା ପରେ ପ୍ରକୃତ ରାଶି ଜଣାପଡିବ ବୋଲି ହୁଣ୍ଡି ଖୋଲିବା ପାଇଁ ଉପସ୍ଥିତ ଭାରପ୍ରାପ୍ତ ମାଜିଷ୍ଟ୍ରେଟ ଡ. ଲଳିତ ବାଗ କହିଛନ୍ତି। ହୁଣ୍ଡି ଖୋଲା ସମୟରେ ପ୍ରଶାସନ ପକ୍ଷରୁ ଶ୍ୟାମ ସେଠ, ହେମନ୍ତ ବାଗ, ଟ୍ରଷ୍ଟ ସଦସ୍ୟ ଭବାନି ହୋତା, ସଞ୍ଜିବ ପାଢୀ, ଭୁପତି ବାରିକ, ଅଲେଖ ଦଲବେହେରା, ପଙ୍କଜ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବ ରେଡକ୍ରସ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ଅତିଥି।

**ଲୋଇସିଂହା, ୬।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା କଲେଜରେ ଆୟୋଜିତ ତ୍ରିଦିବସୀୟ ଯୁବ ରଡେକ୍ରସ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସଭାରେ ଅଧ୍ୟକ୍ଷ ଗୋବିନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ । ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି, ପରିଚାଳନା କମିଟି ସଭାପତି ପୁଷ୍ପାଞ୍ଜଳି ମିଶ୍ର, ଅଧ୍ୟାପକ ବିବେକାନନ୍ଦ ମିଶ୍ର, ରେଡକ୍ରସ ଜିଲା ସଂଯୋଜକ ଡ.ଦୈତାରୀ ପୂଜାରୀ, ସମ୍ପାଦକ ଅମୃତସିଂ ବରିହା ସମ୍ମାନୀତ ଅତିଭାବେ ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ମହାପାତ୍ର ଜିଲାରେ ଯୁବ ରେଡକ୍ରସ ଶିବିରକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ସଭାକୁ କାଉନସେଲର ହିମାଂଶୁ ମହାକୁର ସଂଯୋଜନା କରିଥିଲେ । ପୁରସ୍କାର ବିତରଣ କାର୍ଯ୍ୟକୁ ଅଧ୍ୟାପକ ସନ୍ତୋଷ କୁମାର ଦାଶ ଓ ଅଭିଷେକ ଦାସ ପରିଚାଳନା କରିଥିଲେ । ଉଦ୍‌ଯାପନୀ ଦିବସ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ସ୍ଥାନୀୟ ଥାନା ଏସ୍‌ଆଇ ବିନୋଦ କନ୍ହେର ଯୋଗଦେଇ ସଡକ ସୁରକ୍ଷା ଉପରେ ଶିବିରାର୍ଥୀଙ୍କୁ ପରାମର୍ଶ ଦେଇଥିଲେ । ସକାଳେ ଯୋଗ ଶିବିରି ଓ ଶ୍ରମଦାନ ଅନୁଷ୍ଠିତ ହୋଇଥିଲା । ଶିବିରରେ ଜିଲାର ୪୨ କଲେଜର କାଉନସେଲର ଓ ରେଡକ୍ରସ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ ।

# ପୂର୍ବଖାତାକୁ ଜମି ଫେରାଇବାକୁ ଜିଲାପାଳଙ୍କୁ ଫେରାଦ

### ଦଧିବାମନ ମହାପ୍ରଭୁଙ୍କ ଦେବୋତ୍ତର ଜମି ଚଞ୍ଚକତା ଘଟଣା

**ଲୋଇସିଂହା,୬।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅନ୍ତର୍ଗତ କନ୍ଦାଜୁରୀ ଗ୍ରାମର ଦଧିବାମନ ମହାପ୍ରଭୁଙ୍କ ଦେବୋତ୍ତର ଜମିକୁ ଚଞ୍ଚକତା କରି ପୂଜକ ପରିବାର ମାଲିକାନା ହାତେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୋମବାର କଲେକ୍ଟୋରେଟରେ ଅନୁଷ୍ଠିତ ଯୁଗ୍ମ ଶୁଣାଣି ଶିବରରେ ଦ୍ୱାରସ୍ଥ ହୋଇଥିଲେ ଗ୍ରାମବାସୀ। ମହାପ୍ରଭୁଙ୍କ ସମ୍ପତ୍ତି ପୂର୍ବଖାତାକୁ ଫେରାଇ ଆଣି ସିଂଦେଓ ପରିବାର ମାର୍ଫଦାର ରଖିବାକୁ ଗ୍ରାମବାସୀ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

ଲୋଇସିଂହା ତହସିଲର କନ୍ଦାଜୁରୀ ମୌଜାର ୯୭ ନଂ ଖାତାର ୨୪୬ ପ୍ଲଟ ନଂ ୩୨.୪୪ ଡେସିମିଲ ଜମି ଗ୍ରାମର ଚୌହାନ ଜାତିର ସିଂଦେଓ ପରିବାର ଗ୍ରାମର ଦଧିବାମନ ପ୍ରଭୁଙ୍କୁ ଦାନ କରିଛନ୍ତି। ଜମି ମାଲିକାନା ସିଂଦେଓ ପରିବାର ଓ ମୁଖ୍ୟ ପୂଜକ କଳିକର ପାଢୀଙ୍କ ନାମରେ ରହିଥିଲା। ପ୍ରାୟ ଗତ କିଛି ବର୍ଷ ହେଲା ମନ୍ଦିର ପୂଜକ ପରିବାରର କଳିକର ପାଢୀଙ୍କ ଝିଅ ଯୋଗେଶ୍ୱରୀ ପଣ୍ଡାଙ୍କ ନାମରେ ହୋଇଯାଇଛି। ମୂଳ ଖାତାରୁ ରାଜ ପରିବାରକୁ ଉଚ୍ଛେଦ କରି ନୂତନ ଖାତା ନଂ ୩୬୪/୧୭୬ରେ ଯୋଗେଶ୍ୱରୀଙ୍କ ନାମରେ ସମସ୍ତ ଜମି ହୋଇଯାଇଥିବା ସିଂଦେଓ ପରିବାରର ମୁକୁନ୍ଦ ସିଂଦେଓ ଓ ଗ୍ରାମବାସୀ ଜାଣିବାକୁ ପାଇଥିଲେ। ଗତ ୨୧ ଜାନୁୟାରୀରେ ଗ୍ରାମ ପ୍ରହର ମଣ୍ଡପରେ ରାଜସ୍ୱ ବିଭାଗ ପକ୍ଷରୁ କ୍ୟାମ୍ପ କୋର୍ଟ ଆୟୋଜନ କରାଯାଇଥିଲା। ଏହାକୁ ବିରୋଧ କରିଥିଲେ ସିଂଦେଓ ପରିବାର ଓ ଗ୍ରାମବାସୀ। କେଉଁ ପରିସ୍ଥିତିରେ ଜଗନ୍ନାଥ ମନ୍ଦିର ଦେବୋତ୍ତର ଜମି ପୂଜକ ପରିବାରକୁ ଚାଲିଗଲା ବୋଲି ଗ୍ରାମବସୀ ସଂଘମିତ୍ରା କାଲୋଙ୍କୁ ପ୍ରଶ୍ନ କରିଥିଲେ। ତହସିଲଦାର ଅନୁସନ୍ଧାନ କରି ଜଣାଇବାକୁ କହିଥିଲେ। ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିନାହିଁ। ଅପରପକ୍ଷେ ଦେବୋତ୍ତର ଆଁଟମାମୁଲି ଜମିକୁ ପୂଜକ ପରିବାର ଆନ୍ଧ୍ରଚାଷୀଙ୍କୁ ଦୀର୍ଘ ବର୍ଷ ହେଲା ଲିଜରେ ପ୍ରଦାନ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।


ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରକୁ ଆସିଥିବା ଗ୍ରାମବାସୀ।

# ଯୋଗ୍ୟ ହିତାଧିକାରୀ ତାଲିକା ପ୍ରକାଶ କର


ଭାଜପା ନେତା ଓ କର୍ମୀ ରାଲିରେ ବ୍ଲକ କାର୍ଯ୍ୟାଳୟ ଅଭିମୁଖେ ଯାଉଛନ୍ତି।

### ବ୍ଲକ ଅଫିସ ଘେରିଲା ଭାଜପା

**ମୁରିବାହାଲ, ୬।୨(ଡ.ଏନ.ଏ.)**

ପ୍ରଧାନମନ୍ତ୍ରୀ ଅବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବାକୁ ଦାବି କରିଛି ମୁରିବାହାଲ ବ୍ଲକ ଭାଜପା। ସୋମବାର ଦଳ ପକ୍ଷରୁ ବ୍ଲକ ଅଫିସ ଘେରାଉ କରାଯାଇଥଲା। ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରା ଅଧ୍ୟକ୍ଷତା କରିଥିଲେ। ଦଳର ଜିଲା ସଭାପତି ଶିବାଜୀ ମହାନ୍ତି ଧାରଣାରେ ଯୋଗଦେଇଥିଲେ। ରାଜ୍ୟ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଲକ୍ଷ୍ମଣ ବାଗ, ହରିଜନ ମୋର୍ଚ୍ଚା ଜିଲା ସମ୍ପାଦକ ଧ୍ରୁବାଲେଶ୍ୱର ଲୁହା, ଅଜୟ ଶର୍ମା, ମଣ୍ଡଳ ସଭାପତି ସୁରେଶ ଭୋଇ, ମହାଦେବ ଟାହାଣୀ, ଈଶ୍ୱର ପୁଟେଲ ବକ୍ତବ୍ୟ ରଖିଥିଲେ। ଆଗାମୀ ୧୫ ଦିନ ମଧ୍ୟରେ ସଠିକ ତାଲିକା ପ୍ରକାଶ କରା ନ ଗଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦିଆଯାଇଛି। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲଙ୍କୁ ପ୍ରଦାନ କରାଯାଇଛି। ଏଥିପୂର୍ବରୁ ମୁରିବାହାଲ କଲ୍ୟାଣ ମଣ୍ଡପରୁ ଏକ ଶୋଭାଯାତ୍ରାରେ ବାହାରି ଦଳୀୟ ନତା ଓ କର୍ମୀ ବ୍ଲକ ଅଫିସ ସମ୍ମୁଖରେ ପହଞ୍ଚି ଥିଲେ। ନାରାୟଣ ସାହୁ, ସୁବାସ ପୋଢ଼, ପ୍ରଦୀପ ବଛା, ପଦ୍ମନାଭ ସାହୁ, ରାମୁ କୁମ୍ଭାର, ହରିଦାସ ଛୁରା, ମକୁନ୍ଦ ବଗର୍ତ୍ତି, ସହଦେବ ଚିନ୍ଦା, ସରୋଜ ବାଗ, ନନ୍ଦଲାଲ ବାଗ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ପୂଜ୍ୟପୂଜା ସେବା ସଙ୍ଗଠନର ସଦ୍‌ଭାବନା ପଦଯାତ୍ରା

**ବଲାଙ୍ଗୀର ଅଫିସ, ୬।୨**


ଡା ଜ୍ୟୋତ୍ସ୍ନାମୟୀ ମହାପାତ୍ର ସଦ୍‌ଭାବନା ପଦଯାତ୍ରାକୁ ଉଦ୍‌ଘାଟନ କରୁଛନ୍ତି।

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୬ ତମ ଜୟନ୍ତୀ ଅବସରରେ ବଲାଙ୍ଗୀରର ପୂଜ୍ୟପୂଜା ସେବା ସଙ୍ଗଠନ ପକ୍ଷରୁ ସାମାଜିକ ସଦ୍‌ଭାବନା ପଦଯାତ୍ରା ସୋମବାର ଅନୁଷ୍ଠିତ ହୋଇଛି। ଅନୁଷ୍ଠାନ ଉପଦେଷ୍ଟା ଡା. ଜ୍ୟୋତ୍ସ୍ନାମୟୀ ମହାପାତ୍ର ସମଲେଇ ମନ୍ଦିର ସାମ୍ମୁଖରେ ସବୁଜ ପତାକା ଦେଖାଇ ଏହି ପଦଯାତ୍ରକୁ ଉଦ୍‌ଘାଟନ କରିଥିଲେ। ସକାଳ ୯ଟାରେ ପଦଯାତ୍ରୀମାନେ ସେଠାରୁ ବାହାରି କଚେରୀ ଛକ, ଭାଗିରଥି ଛକ, ପୂଜା ମଣ୍ଡପ (ଟିକ୍ରାପଡା) ଛକ, ସାଲେପାଲି, ଖୁଜେନପାଲି, ଦାପକାନି, ଅଏଁଲାଚୁଆଁ, କୁରୁଲ, ପୁଡାପାଲି, ଖଲିଆପାଲି ଓ ବିଷ୍ଣୁମୁଣ୍ଡା ଦେଇ ଟିକ୍ରାପଡା ରାମମନ୍ଦିର ଠାରେ ସନ୍ଧ୍ୟା ୬ଟାରେ ପହଞ୍ଚିଥିଲେ । ପଦଯାତ୍ରାରେ ଜଗଦାନନ୍ଦ ଛୁରିଆ, ସତ୍ୟବନ୍ତ ବେଦବାକ, ଗିରିଜା ଶଙ୍କର ରଥ, ଜୟରାମ ମିଶ୍ର, କପିଳ ପତି, ବଳିଷ୍ଠ ପଧାନ, ହୃଷୀକେଶ ପୁରୋହିତ, ବିବେକାନନ୍ଦ ମିଶ୍ର, କେଶବ ମିଶ୍ର, ଗୋପାଳ ଚନ୍ଦ୍ର ହୋତା, ସୁନାଧର ବନଛୋର, ଦୁର୍ଗା ସାହୁ, ବୃନ୍ଦେନ୍ଦ୍ର ବେହେରା, ଧୀରେନ୍ଦ୍ର ନାରାୟଣ ସିଂହଦଓ, ଅରୁଣ ଖୁଆସ, କସ୍ତୁରୀ ରଥ, ମଦନ ମୋହନ ରଥ, ମହନ୍ତ ଗିରିଧାରୀ ଉଚ୍ଚ ବିଦ୍ୟାଳୟ ସିନଖମନର ୧୦ ଛାତ୍ର, ଆଦ୍ୟାଶକ୍ତି ନାରୀ ସଙ୍ଗଠନର କର୍ମକର୍ତ୍ତାଙ୍କ ସହିତ ପ୍ରାୟ ୪୦ ପଦଯାତ୍ରୀ କରିଥିଲେ । କୁରୁଲରେ ଏକ ସାଧାରଣ ସଭା, ଅନ୍ୟ ଗ୍ରାମରେ ପଥପ୍ରାନ୍ତ ସଭା କରି ନିଶା ନିବାରଣ, ବାଲ୍ୟ ବିବାହ, ନାରୀ ନିର୍ଯାତନା, ପରିବେଶ ସୁରକ୍ଷା ଓ ଶିଶୁ ସୁରକ୍ଷା ଉପରେ ସଚେତନ କରିଥିଲେ।

# ହରିଶଙ୍କରରେ ଉପଖଣ୍ଡ ଦେବୋତ୍ତର କମିଟି ବୈଠକ

**ଖପ୍ରାଖୋଲ, ୬।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ପର୍ଯ୍ୟଟନ ବିଭାଗ ଅଭ୍ୟର୍ଥନା କେନ୍ଦ୍ରରେ ପାଟଣାଗଡ ଉପଖଣ୍ଡ ଦେବୋତ୍ତର କମିଟିର ବୈଠକ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦେବୋତ୍ତର କମିଟି କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପାଟଣାଗଡ ଉପ ଜିଲାପାଳ ଡ଼ ବିଜୟାନନ୍ଦ ସେଠୀ, ବିଡ଼ିଓ ରଶ୍ମି ରଞ୍ଜନ ରାଉତ, ଥାନା ଅଧିକାରୀ ରମାକାନ୍ତ ସାହୁ ଯୋଗଦେଇଥିଲେ। ବୈଠକରେ ଆଗାମୀ ଶିବରାତ୍ରୀ ପାଳନ ଉପରେ ଆଲୋଚନା ହୋଇଥିଲା। ହରିଶଙ୍କରରେ ଉନ୍ନୟନ କାମ ଚାଲିଥିବାରୁ ଶିବରାତ୍ରୀ ବେଳେ କିଭଳି ସୁରୁଖୁରୁରେ ଶ୍ରଦ୍ଧାଳୁମାନେ ଠାକୁର ଦର୍ଶନ କରିପାରିବେ ତାହା ଉପରେ ବିଚାରବିମର୍ଶ କରାଯାଇଥିଲା। ସେହିପରି ନୃସିଂହ ଚତୁର୍ଦ୍ଦଶୀ ବୈଶାଖେ ମେଳା ପାଇଁ ମଧ୍ୟ ଆଗରୁ ପ୍ରସ୍ତୁତି ବୈଠକ କରିବାକୁ ଆଲୋଚନା ହୋଇଥିଲା। ପରେ ସମସ୍ତେ ମନ୍ଦିର ପରିସର, ଝରଣା କୂଳ, ନିର୍ମାଣାଧୀନ କାମ ବୁଲି ଦେଖିଥିଲେ। ଏହି ଅବସରରେ ମନ୍ଦିର ପୂଜକ ନରସିଂହ ପୂଝାରୀ, ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅର୍ଜୁନ ବେହେରା, ଦେବୋତ୍ତର କମିଟି ସଦସ୍ୟ ସୁନିଲ ଗୋୟଲ, ରାଣା ପ୍ରଧାନ, ଇନ୍ଦୁଭୂଷଣ ଠାକୁର, ଅଭୟ ତ୍ରିପାଠୀ, ପଞ୍ଚୁଦେବ ସାହୁ, ରୋହିତ ମେହେର, ଶଶି ପୂଝାରୀ, ବିପ୍ର ବିଶି, ଓମ ପ୍ରକାଶ ଯୋଶୀ, ଅର୍ଜୁନ ଅଗ୍ରୱାଲ, ସହଦେବ ପୁରୋହିତ, ହରିଶଙ୍କର ଫାଣ୍ଡି ଅଧିକାରୀ ସେନ କେରକେଟା, ଭାଗ୍ୟବନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଥାନା ଘେରିଲା ଭାଜପା

**ପାଟଣାଗଡ, ୬।୨(ଡି.ଏନ.ଏ.)**

ପାଟଣାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡଛି। ପୋଲିସର ଭୂମିକା ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି କରିଛି ବୋଲି ଭାଜପା ଅଭିଯୋଗ କରିଛି। ଏହାର ପ୍ରତିବାଦ କରି ପାଟଣାଗଡ଼ ଭାଜପା ପକ୍ଷରୁ ସୋମବାର ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ନେତୃତ୍ୱରେ ସ୍ଥାନୀୟ ଏସ୍‌ଡିପିଓ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦଳ ପକ୍ଷରୁ କୁହାଯାଇଥିଲା ଯେ, ପାଟଣାଗଡ଼ ବ୍ଲକରେ କାର୍ଯ୍ୟରତ ଜୁନିୟର ଇଞ୍ଜିନିୟରଙ୍କୁ ଗତବର୍ଷ ମେ ୨୦ରେ ହତ୍ୟା କରାଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ଅଭିଯୁକ୍ତ ଗିରଫ ହୋଇନାହାନ୍ତି। ସେହିପରି ଅଗଷ୍ଟ ୨୨ରେ ପାଟଣାଗଡ଼ ସହରରେ ଥିବା ଅମୃତ କଳସ ସୁନା ଦୋକାନରେ ଦିନଦ୍ୱିପହରରେ ପଶି ମାଲିକଙ୍କୁ ଆକ୍ରମଣ କରି ସୁନା ଗହଣା ଲୁଟି ନେଇଥିଲେ। ଏହି ଘଟଣାର ଅଭିଯୁକ୍ତଙ୍କୁ ବି ଧରି ପାରିନି ପୋଲିସ। ଖପ୍ରାଖୋଲ ଥାନା ବାଞ୍ଜିପାଲି ଜଗନ୍ନାଥ ମନ୍ଦିର ଓ ବେଲପଡା ଥାନା ମଣ୍ଡଳ ଗାଁରୁ ଅଳଙ୍କାର ଚୋରି, ଗୁଣ୍ଡୁରୁପାଲି ଓ ତମିଆ ହତ୍ୟାକାଣ୍ଡ, ବେଲପଡା ଥାନା ବନମାଳ ସମିତି ସଭ୍ୟାଙ୍କ ସ୍ୱାମୀଙ୍କୁ ଗୁଳି କରି ହତ୍ୟା ଘଟଣା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ସୂଚନା ଦେଉଛି। ପାଟଣାଗଡ଼ ରାମପୁରର ଦୁଇ ବନ୍ଧୁଙ୍କଠାରୁ ଦିନ ଦ୍ୱିପହରରେ ୬ଲକ୍ଷ ପଚାଶ ହଜାର ଟଙ୍କା ଲୁଟ୍ ଘଟଣାର ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହୋଇଥିବା ଭାଜପା ଅଭିଯୋଗ କରିଛି। ଧାରଣାରେ ଜିଲା ଭାଜପା ସଭାପତି ଶିବାଜି ମହାନ୍ତି, ନଗର ସଭାପତି ମୁନା ମହାନ୍ତି, ସୁଶାନ୍ତ ଦାସ, ମୁନା ଦରୁଆନ, ସନ୍ତୋଷ ମେହେର, ରାଜୁ ପାଣିଗ୍ରାହୀ ଅଶୋକ କୁଆଁର, ପ୍ରବୋଧା ପାଣିଗ୍ରାହୀ, ପ୍ରବୀଣ ଅଗ୍ରୱାଲ, ନୀଳ ପାଣିଗ୍ରାହୀ, ଜିଲା ପାରିଷଦ ସଭ୍ୟା ଅନିମା ଦାସ ଓ ଶବ୍ଦ ମିର୍ଦ୍ଧା ପ୍ରମୁଖ ସାମିଲ ହୋଇଥିଲେ। ଏ


ଏସ୍‌ଡିପିଓ ଅଫିସ ସମ୍ମୁଖରେ ଭାଜପା ପକ୍ଷରୁ ଧାରଣା ଦିଆଯାଇଛି।

# ଆବାସ ଯୋଜନା ଅନିୟମିତତା ସୁଚିନ୍ତିତ ଷଡ଼ଯନ୍ତ୍ର

**ବଲାଙ୍ଗୀର ଅଫିସ, ୬।୨**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କ ନାମ କଟାଯିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବଡ ଷଡଯନ୍ତ୍ର ବୋଲି ସ୍ପଷ୍ଟ ହୋଇଛି ବୋଲି ବିଧାୟକ ନରସିଂହ ମିଶ୍ର ଅଭିଯୋଗ କରିଛନ୍ତି। ବଲାଙ୍ଗୀର ଜିଲାର ପ୍ରତ୍ୟେକ ପଞ୍ଚାୟତରେ ଏବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ପ୍ରକୃତ ଗରିବଙ୍କ ନାଁ କଟାଯିବା ଗରିବ ହିତାଧିକାରୀଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ଠିକ୍ ହିସାବରେ ତର୍ଜମା କଲେ ପୂର୍ବରୁ ଥିବା ଯୋଗ୍ୟ ହିତାଧିକାରୀଙ୍କ ନାଁ କଟାଯାଇ ସେଠାରେ ଧନୀ ଲୋକଙ୍କ ନାମ ଯୋଡାଯାଇଛି। ବଲାଙ୍ଗୀର ବ୍ଲକ ମନହୀରା ପଞ୍ଚାୟତ କାର୍ଯ୍ୟାଳୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବେଳେ ବିଧାୟକ ମିଶ୍ର ଏଭଳି ଢଙ୍ଗରେ ପ୍ରତିକ୍ରିୟା ପ୍ରକାଶ କରିଥିଲେ।

ବ୍ଲକ ଉନ୍ନୟନ ଅଧିକାରୀ ଇପ୍ସିତା ପାତ୍ର, ଏବିଡିଓ ରାମଦତ୍ତ ଭୋଇ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ନାମ୍ବିରାଣୀ ପାତ୍ରଙ୍କ ଉପସ୍ଥିତିରେ ହୋଇଥିବା ସମୀକ୍ଷାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଯୋଗୁଁ ପ୍ରକୃତ ହିତାଧିକାରୀଙ୍କ ନାମ ତାଲିକାରୁ କଟୁଥିବାରୁ ବିଧାୟକ ମିଶ୍ର ଏହି ତାଲିକା କିଏ ଓ କେତେବେଳେ ତିଆରି କରିଛନ୍ତି ବୋଲି ପଚାରିଥିଲେ। ଏହି କେଲେଙ୍କାରି ଓ ଅନିୟମିତତାକୁ ନେଇ ବଲାଙ୍ଗୀର ଜିଲାରେ ତୀବ୍ର ଆନ୍ଦୋଳନ ହେବା ସହ ଏହାକୁ ନେଇ ଆଗାମୀ ବିଧାନସଭା ଅଧିବେଶନରେ ସରକାରଙ୍କୁ ଘେରାଯିବ ବୋଲି ସେ କହିଥିଲେ। ୨ ଦିନ ପରେ ହେବାକୁ ଥିବା ବଲାଙ୍ଗୀର ବ୍ଲକ ସମୀକ୍ଷାରେ ସବିଶେଷ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଲୋଚନା ବେଳେ ଗାଇଗୁହାଳର ଟଙ୍କା ପ୍ରଦାନ, ରାଶନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତାକୁ ନେଇ ଆଲୋଚନା ହେଇଥିଲା । ମନହୀରା ପଞ୍ଚାୟତରେ ଗରିବଙ୍କ ପାଇଁ ଆସୁଥିବା ସମସ୍ତ ଯୋଜନା ଯେପରି ଲୋକେ ଠିକ୍ ହିସାବରେ ପାଇପାରିବେ ସେ ଉପରେ ଅଧିକାରୀମାନେ ସମ୍ବେଦନଶୀଳ ହୋଇ କାମ କରନ୍ତୁ ବୋଲି ଅନୁରୋଧ କରିଥିଲେ । ବୈଠକ ପୂର୍ବରୁ ମନହୀରା ପଞ୍ଚାୟତରେ ମାଘ ପୂର୍ଣ୍ଣମୀ ଅବସରରେ ଗ୍ରାମ୍ୟ କଳାକାରମାନଙ୍କ ଦ୍ୱାରା ବିଭିନ୍ନ କଳା ପ୍ରଦର୍ଶନ କରାଯାଇ କୃତି କଳାକାରମାନଙ୍କୁ ବିଧାୟକ ମାନପତ୍ର ପ୍ରଦାନ କରିଥିଲେ। ପରେ ପଞ୍ଚାୟତ ଅନ୍ତର୍ଗତ ବଘାପାଲିରେ ଟେରାକୋଟା ଶିଳ୍ପୀଙ୍କ ପାଇଁ ଉଦ୍ଦିଷ୍ଟ ଏକ କମ୍ୟୁନିଟି ସେଣ୍ଟରର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ସକ୍‌ମା ପଞ୍ଚାୟତ ଅନ୍ତର୍ଗତ ଫାସଡଠାରେ ଫାସ୍‌ଡ ବନ୍ଧର ପୁନଉର୍ଦ୍ଧାର ଓ ସୌନ୍ଦର୍ଯ୍ୟକରଣର ଭିତ୍ତିପ୍ରସ୍ତର, ସକମାଠାରେ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଉପରମହଲା ଏବଂ କୁଟୁରାପାଲିଠାରେ ଖେଳ ପଡିଆର ଶୁଭ ଉଦ୍‌ଘାଟନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ମନହୀରା ସରପଞ୍ଚ ରମ୍ଭା ରଣା, ଲକ୍ଷ୍ମୀ ନାଏକ, ଫାସଡ ସରପଞ୍ଚ ଉଗ୍ରସେନ ବରାଳ, ସମିତି ସଭ୍ୟ ସଞ୍ଜୀବ ପ୍ରଧାନ ଉପସ୍ଥିତ ଥିଲେ।


ବିଧାୟକ ନରସିଂହ ମିଶ୍ର ମନହୀରା ପଞ୍ଚାୟତରେ ଉନ୍ନୟନ କାମର ସମୀକ୍ଷା କରୁଛନ୍ତି।

## ସଂକ୍ଷେପରେ

### ସୀତା ହରଣ, ବାଳି ବଧ, ଲଙ୍କା ଦହନ ଅଭିନୀତ

**ରାବଣ ଦରବାରର ଚତୁର୍ଥ ସନ୍ଧ୍ୟା**

**ପଦ୍ମପୁର,୬।୨(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ଜ୍ଞାନ ଗ୍ରାମରେ ହନୁମାନ ମନ୍ଦିର ପ୍ରତିଷ୍ଠା ଅବସରରେ ଚାଲିଥିବା 'ରାବଣ ଦରବାର'ର ସୋମବାର ଥିଲା ଚତୁର୍ଥ ସନ୍ଧ୍ୟା। ଚତୁର୍ଥ ସନ୍ଧ୍ୟାରେ ସୀତା ଚୋରି, ବାଳି ବଧ, ଲଙ୍କା ଦହନ ଓ ସେତୁବନ୍ଧ ପ୍ରତିଷ୍ଠା ଆଦି ଦୃଶ୍ୟ ଅଭିନୀତ ହୋଇଥିଲା। ଭୁବନେଶ୍ୱର ପ୍ରଧାନ ରାବଣ ଭୂମିକାରେ ଅଭିନୟ କରୁଛନ୍ତି। ଗ୍ରାମର କୁନି କୁନି ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମଧ୍ୟାହ୍ନରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୀର ପ୍ରବଚକ ରାମଚରଣ ଦାସ ପ୍ରବଚନ ଦେଇଥିଲେ। ରାତିରେ କୁମ୍ଭାରିର 'ବ୍ରଜେଶ୍ୱରୀ ଗଣନାଟ୍ୟ'ର କଳାକାରମାନେ ନାଟକ ପରିବେଷଣ କରିଥିଲେ। ଭଟଲି ବିଧାୟକ ସୁଶାନ୍ତ ସିଂ ମୁଖ୍ୟ ଅତିଥି, ଯୁବ ବିଜେଡି ନେତା ଭୋଜରାଜ ସିଂ ବରିହା, ଅନିରୁଦ୍ଧ ରଣା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜକ କମିଟି ସଭାପତି ସାଧୁଚରଣ ଗଡତିଆ, ଡା. ତାରାକାନ୍ତ ସାହୁ, ଡା. ଦିଲୀପ ଭୋଇ, ଡ଼ା. ଲୋକପାଳ ଭୋଇ, ଗୁଣନିଧି ଭୋଇ, ସନ୍ତୋଷ ଭୋଇ, ବିରେନ୍ଦ୍ର ଗଡତିଆ, ପ୍ରିୟବ୍ରତ ଭୋଇ, ଭାସ୍କର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ: ପ୍ରଧାନ ଶିକ୍ଷକ ନିଲମ୍ବିତ

**କନ୍ଧମାଳ,୬।୨(ଡି.ଏନ୍.ଏ.):** ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ବଡ଼ବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖୁସରାଜ ସାହୁଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ପରେ ସୋମବାର ଶିକ୍ଷା ବିଭାଗ ପକ୍ଷରୁ ତାଙ୍କୁ ନିଲମ୍ବିତ କରାଯାଇଛି। ଗତ ୧ ତାରିଖରେ ପ୍ରଧାନ ଶିକ୍ଷକ ସାହୁ ଜଣେ଼କା ଛାତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣା ଜଣାପଡିବା ପରେ ଗ୍ରାମବାସୀ ଓ ଅଭିଭାବକମାନେ ବିଦ୍ୟାଳୟକୁ ଆସି ଶିକ୍ଷକ ସାହୁଙ୍କୁ ମାଡମାରି ତାଙ୍କଠାରୁ ଏକ ହାତ ଲେଖା ନେଇଥିଲେ। ଯେଉଁ ହାତଲେଖାରେ ସାହୁ ଅସଦାଚରଣ କରିଥିବା କଥାକୁ ସ୍ୱୀକାର କରିବା ସହ ଦସ୍ତଖତ କରି କମିଟିକୁ ଦେଇଥିଲେ। ସେହି ସମୟର ଭିଡିଓ, ପ୍ରଧାନ ଶିକ୍ଷକଙ୍କ ହାତଲେଖା ଚିଠି ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା। ଏହା ଜଣାପଡିବା ପରେ ସୋମବାର କନ୍ଧମାଳ ବିଇଓ ଘନଶ୍ୟାମ ମେହେର ପ୍ରଧାନ ଶିକ୍ଷକ ସାହୁଙ୍କୁ ନିଲମ୍ବିତ କରିଥିବା ଜଣାପଡିଛି।

### ମଣ୍ଡୋଖୋଲ ଯାତ୍ରା ଉଦ୍‌ଯାପିତ

**ପାଇକମାଲ, ୬।୨(ଡି.ଏନ.ଏ.):** ପାଇକମାଲ ବ୍ଲକ ବୁକୁରାମୁଣ୍ଡା ଗ୍ରାମରୁ ୪କି.ମି. ଦୂର ମାଣ୍ଡୋଖୋଲ ପାହାଡ଼ ଉପରେ ପାଞ୍ଚଦିନ ଧରି ଚାଲିଥିବା ମଣ୍ଡୋଖୋଲ ଯାତ୍ରା ସୋମବାର ଉଦ୍‌ଯାପିତ ହୋଇଛି। ଚଳିତ ବର୍ଷ ପାହାଡ ଉପରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଅଷ୍ଟ ପ୍ରହର ନାମଯଜ୍ଞ ସହ ଯାତ୍ରା ସମ୍ପନ୍ନ ହୋଇଛି। ଅନ୍ତିମ ଦିବସରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଯୋଗ ଦେଇଥିଲେ। ବୁକୁରାମୁଣ୍ଡା ସରପଞ୍ଚ ଅନିତା ଭୋଇ, ପୂର୍ବତନ ସରପଞ୍ଚ ସଙ୍ଗୀତା ସେଠ, ମଦନ ବରିହା, କ୍ଷିତି ନାୟକ, ରାଜେନ୍ଦ୍ର ବରିହା, ପରମାନନ୍ଦ ସାହୁ, ମଧୁସୁଦନ ମାଝୀ, ଲିଙ୍ଗରାଜ ପ୍ରଧାନ, ରଣଜିତ ଭୋଇ, ଭୀଷ୍ମଦେବ ପ୍ରଧାନ, ବିନୋଦ ସେଠ ପ୍ରମୁଖ ଯାତ୍ରା ପରିଚାଳନା କରିଥିଲେ ।

### ଜବତ ଗାଡ଼ି ନିଲାମ ହେବ

**ପଦ୍ମପୁର, ୬।୨(ଡି.ଏନ.ଏ.) :** ଥାନାଗୁଡିକରେ ଦୀର୍ଘଦିନ ଧରି ଜବତ ହୋଇ ପଡିରହିଥିବା ଗାଡିଗୁଡିକୁ ନିଲାମ କରାଯିବ। ଏହି କ୍ରମରେ ପଦ୍ମପୁର ଏସ୍‌ଡିଜେଏମ୍‌ଙ୍କ ଅଧୀନରେ ଥିବା ଥାନାମାନଙ୍କରେ ପ୍ରଥମ ପର୍ଯ୍ୟାୟରେ ୩୦ଟି ଗାଡି ସର୍ବସାଧାରଣରେ ନିଲାମ ପାଇଁ ଧାର୍ଯ୍ୟ ହୋଇଛି। ୭ ଓ ୮ ତାରିଖରେ ଗାଡିଗୁଡିକ ବିଧିବଦ୍ଧ ନିରୀକ୍ଷଣ, ପର୍ଯ୍ୟବେକ୍ଷଣ ଓ ମୂଲ୍ୟାଙ୍କନ କରାଯିବ। ପରେ ସାଧାରଣ ନିଲାମ ପାଇଁ ଏମ୍‌ଏସ୍‌ଟିସି ପୋର୍ଟାଲ ଜରିଆରେ କୋର୍ଟଙ୍କ ତତ୍ତ୍ୱାବଧାନରେ ନିଲାମ କରାଯିବ ବୋଲି ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୋଇ ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ଟଙ୍କା ଜମା କରି ଯୋଜନାରୁ ବଞ୍ଚିତ

**୩ ବର୍ଷ ପରେ ବି ଖନନ ହେଲାନି ଗଭୀର ନଳକୂପ**

**ବରଗଡ଼ ଅଫିସ୍,୬।୨**



ଗଭୀର ନଳକୂପ ଖନନ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ ।

ବରଗଡ଼ ଜିଲାରେ ଅଣଜଳସେଚିତ ଜମିକୁ ଜଳସେଚନ କରିବା ଉଦ୍ଦେଶ୍ୟରେ ଥିବା ଗଭୀର ନଳକୂପ ଖନନ ଯୋଜନା ବାଟବଣା ହୋଇଛି। ଚାଷୀମାନେ ଅଗ୍ରୀମ ଦେୟ ସହିତ ଆବଶ୍ୟକ କାଗଜାତ୍ ଜମା ଦେବା ପରେ ମଧ୍ୟ କିଛି ସୁଫଳ ମିଳିପାରିନାହିଁ। ଜିଲାର ଭଟଲି ବ୍ଲକ ଅନ୍ତର୍ଗତ ହାଲୁପାଲି ଓ ହାତୀସର ଆଦି ଗ୍ରାମର ଚାଷୀମାନେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏଭଳି ଅଭିଯୋଗ କରିଛନ୍ତି। ଏହାସହ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ସ୍ମାରକପତ୍ର ପ୍ରଦାନ କରି ତୁରନ୍ତ ଗଭୀର ନଳକୂପ ଖନନ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଚାଷୀମାନେ ନିବେଦନ କରିଛନ୍ତି।

ହାତୀସର ଗ୍ରାମର ଚାଷୀମାନେ ଅଭିଯୋଗ କରିଛନ୍ତି, ୨୦୨୦ରୁ ସେମାନେ ଗଭୀର ନଳକୂପ ଖନନ ପାଇଁ ଆବେଦନ କରିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ଖନନ ପାଇଁ କିଛି ପ୍ରକ୍ରିୟା ସୁଦ୍ଧା ଆରମ୍ଭ ହୋଇନାହିଁ। ସେହିପରି ହାଲୁପାଲି ଗ୍ରାମର ଚାଷୀମାନେ ଅଭିଯୋଗ କରିଛନ୍ତି, ସେମାନେ ନିଜ ଅଣଜଳସେଚିତ ଜମିକୁ ପାଣି ମଡ଼ାଇ ଚାଷ କରିବାକୁ ଆଶା ବାନ୍ଧିଥିଲେ। ଏଥିପାଇଁ ଧାରକରଜ କରି ଟଙ୍କା ଆଣି ଉଠାଜଳସେଚନ ବିଭାଗ ପାଖରେ ଅଗ୍ରୀମ ଦେୟ ଜମା କରିଥିଲେ। ମାତ୍ର ୩ ବର୍ଷ ପରେ ସୁଦ୍ଧା ଗଭୀର ନଳକୂପ ଖନନ ହୋଇପାରି ନାହିଁ। ଫଳରେ ଜମିକୁ ପାଣି ମାଡ଼ିବା ତ ଦୂରର କଥା, ଅଗ୍ରୀମ ଜମା ପାଇଁ ଆଣିଥିବା ଟଙ୍କାର ସୁଧ ବଢ଼ିଚାଲିଥିବା ସେମାନେ ଅଭିଯୋଗ କରିଛନ୍ତି। ହାତୀସର ଗ୍ରାମର ମୋହନ ପ୍ରଧାନ, ନୀଳାଞ୍ଚଳ ପ୍ରଧାନ, ହାଲୁପାଲି ଗ୍ରାମର ଦେବରାଜ ପ୍ରଧାନଙ୍କ ସମେତ ଅନେକ ଚାଷୀ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ ଅଫିସକୁ ଆସିଥିଲେ।

## ଦମକିପାଲି ସ୍କୁଲ ସୁବର୍ଣ୍ଣ ଜୟନ୍ତୀ ସମାରୋହ

**ସୋହେଲା,୬।୨(ଡି.ଏନ.ଏ.)**

ସୋହେଲା ବ୍ଲକ କନଗାଁ ପଞ୍ଚାୟତ ଦମକିପାଲି ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଚନ୍ଦ୍ରଶେଖର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭଟଲି ବିଧାୟକ ସୁଶାନ୍ତ ସିଂ ମୁଖ୍ୟ ଅତିଥି, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ବ୍ଲକ ଅଧ୍ୟକ୍ଷା ବବି ପଧାନ, ସରପଞ୍ଚ ଅଞ୍ଜଳି ପଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁବ୍ରତ ବେହେରା, ସିଆର୍‌ସିସି କେଦାର ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ପୂର୍ବତନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଧାନ ଶିକ୍ଷକ ହେମଚନ୍ଦ୍ର ବେହେରା ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ କମିଟି ସଭାପତି ବେଣୁପାଣି ମେହେର, କୁଞ୍ଜବିହାରୀ ବରିହା, ଭୋଜରାଜ କାଲୋ, ଗୁରୁଦେବ ବରିହା ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ। ନରେଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ସୁବର୍ଣ୍ଣ ଜୟନ୍ତୀ ସମାରୋହରେ କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରାଯାଉଛି।

## ୫ଦଫା ଦାବି କଲା ସମ୍ବିଧାନ ସୁରକ୍ଷା ମଞ୍ଚ




ଜିଲାପାଳଙ୍କୁ ଫେରାଦ ହୋଇଥିବା ସମ୍ବିଧାନ ସୁରକ୍ଷା ମଞ୍ଚର ପ୍ରତିନିଧିବୃନ୍ଦ।

**ବରଗଡ଼ ଅଫିସ୍,୬।୨**

ବରଗଡ଼ ଜିଲା ସମ୍ବିଧାନ ସୁରକ୍ଷା ମଞ୍ଚ ୫ଦଫା ଦାବି ନେଇ ସୋମବାର ଜିଲାପାଳଙ୍କୁ ଫେରାଦ ହୋଇଛି। ଏ ନେଇ ମଞ୍ଚ ପକ୍ଷରୁ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ମୁଖ୍ୟତଃ ବସ୍‌ସେବା ସମସ୍ୟାର ତ୍ୱରିତ ସମାଧାନ ପାଇଁ ଦାବି ହୋଇଛି। ପ୍ରୟାଗରାଜକୁ ଚଳାଚଳ ପାଇଁ ବରଗଡ଼କୁ ପ୍ରାୟ ୩ କୋଟି ଟଙ୍କା ବ୍ୟୟରେ ୨ଟି ଅତ୍ୟାଧୁନିକ ବସ୍ ଅଣାଯାଇଥିଲା। ତାହା ସେଠାକୁ ଆଦୌ ଚଳାଚଳ ହେଲାନାହିଁ। ଉକ୍ତ ବସ୍ ଦୀର୍ଘଦିନ ଧରି ବରଗଡ଼ ସରକାରୀ ବସଷ୍ଟାଣ୍ଡରେ ପଡ଼ିରହିଥିଲା। ଏହି ଦୁଇଟି ବସ୍‌କୁ ଏବେ ଭୁବନେଶ୍ୱରରେ ବ୍ୟବହାର କରାଯାଉଥିବା ଅଭିଯୋଗ କରି ସମ୍ବିଧାନ ସୁରକ୍ଷା ମଞ୍ଚ ଅସନ୍ତୋଷ ପ୍ରକାଶ କରିଛି। ତୁରନ୍ତ ଏହି ବସ୍‌ଗୁଡ଼ିକୁ ବରଗଡ଼ ଅଣାଯାଇ ପ୍ରୟାଗରାଜକୁ ଚଳାଚଳ କରିବା ପାଇଁ ମଞ୍ଚ ଦାବି କରିଛି।

ସେହିପରି ବରଗଡ଼ ସହରର ପ୍ରମୁଖ ଛକ ଗୁଡ଼ିକରେ ଯାତ୍ରୀ ପ୍ରତୀକ୍ଷାଳୟ ନାହିଁ। ଏଥିପାଇଁ ସହରକୁ ଆସୁଥିବା ଯାତ୍ରୀଙ୍କ ସମେତ ଦିବ୍ୟାଙ୍ଗ, ବୃଦ୍ଧାବୃଦ୍ଧ, ରୋଗୀ ହଟହଟା ହେଉଛନ୍ତି। ଫଳରେ ସହରର ଗାନ୍ଧୀଛକ, ଭଟଲି ଛକ ଆଦି ସ୍ଥାନରେ ଯାତ୍ରୀ ପ୍ରତୀକ୍ଷାଳୟ ଏବଂ ଶୌଚାଳୟ ନିର୍ମାଣ କରିବାକୁ ଦାବି ହୋଇଛି। ବସଷ୍ଟାଣ୍ଡରେ ବସ୍‌ଭଡ଼ା ସମ୍ପର୍କିତ ସୂଚନା ଫଳକ ନ ଥିବାରୁ ଯାତ୍ରୀମାନେ ଠିକ୍ ଭାବେ ଅବଗତ ହୋଇ ପାରୁନାହାନ୍ତି। ଫଳରେ ବସଷ୍ଟାଣ୍ଡରେ ବସ୍ ଭଡ଼ା ସମ୍ପର୍କୀତ ସୂଚନା ଫଳକ ଲଗାଇବାକୁ ମଞ୍ଚ ପକ୍ଷରୁ ଦାବି ହୋଇଛି। ବସଭଡ଼ାରେ ଦିବ୍ୟାଙ୍ଗଙ୍କୁ ସେମାନଙ୍କ ଅଧିକାର ଯୋଗାଇ ଦେବା ପାଇଁ ମଧ୍ୟ ମଞ୍ଚ ଦାବି କରିଛି। ମଞ୍ଚର ସଭାପତି ପବିତ୍ର ଦେହେରୀ, ରମେଶ ମହାପାତ୍ର, ମେରିୟମ ବାର୍ଲା ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ବିଭାଜନସ୍ତରୀୟ ପାଣିପଞ୍ଚାୟତ ସମାବେଶ

**ବରପାଲି,୬।୨(ଡି.ଏନ.ଏ.)**

ବରଗଡ ଜିଲା ବରପାଲି କେନାଲ ବିଭାଜନ ପରିସରରେ ସୋମବାର ବିଭାଜନସ୍ତରୀୟ ପାଣିପଞ୍ଚାୟତ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବରପାଲି ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ହସ୍ତତନ୍ତ୍ର ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସମ୍ମାନିତ ଅତିଥି, ବୁର୍ଲା ମହାନଦୀ ଅବବାହିକା କେନାଲ ମଣ୍ଡଳ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସରୋଜ ମିଶ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗଦାନ କରିଥିଲେ। ବରପାଲି ତହସିଲଦାର ରୁକୁଣ ମେହେର ପାଣିପଞ୍ଚାୟତ କର୍ମକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ପାଣିର ସଦବ୍ୟବହାର ତଥା ଠିକ ପରିଚାଳନା ଉପରେ ଗୁରୁତ୍ୱ ଦେବା ପାଇଁ ବରଗଡ଼ ବିଧାୟକ ଆଚାର୍ଯ୍ୟ ଅନୁରୋଧ କରିଥିଲେ। ଆସନ୍ତା ଜୁନ, ଜୁଲାଇ ମାସ ମଧ୍ୟରେ ଗଙ୍ଗାଧର ମେହେର ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି ସେ ମନ୍ତବ୍ୟ ଦେଇଥିଲେ। ଡ଼ ସଂଘମିତ୍ରା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ସନାତନୀ ବ୍ରାହ୍ମଣ ସମାଜ ବୈଠକ

**ବରପାଲି,୬।୨(ଡି.ଏନ.ଏ.)**

ବରପାଲି ବ୍ଲକସ୍ତରୀୟ ସନାତନୀ ବ୍ରାହ୍ମଣ ସମାଜ ଆନୁକୂଲ୍ୟରେ ରବିବାର ଜଗନ୍ନାଥ ମନ୍ଦିରରେ ସାମୂହିକ ବ୍ରତୋପନୟନ ପାଇଁ ସଭାପତି କୃଷ୍ଣଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆବାହକ ଡାକ୍ତର କାଳିଚରଣ ଦାଶଙ୍କ ନେତୃତ୍ୱରେ ସମ୍ପାଦକ ଶରତ ଚନ୍ଦ୍ର ପାଣିଗ୍ରାହୀ ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିଲେ। ୭ ଜଣ ବଟୁଙ୍କ ବ୍ରତୋପନୟନ କରାଯିବ ଏବଂ ଏହା ଆସନ୍ତା ୯ ଓ ୧୦ ତାରିଖରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଗଲା। ବୈଠକରେ ଦୁଖିଶ୍ୟାମ ପଣ୍ଡା, ଲୋକନାଥ ତ୍ରିପାଠୀ, ବାଲକିଶୋର ଖାଡଙ୍ଗା, ହୃଷୀକେଶ ଦାଶ, ମେଘନାଦ ମିଶ୍ର, ସରୋଜ କୁମାର ଦାଶ, ବାଲକୃଷ୍ଣ ପୂଜାରୀ, ଧୀରେନ୍ଦ୍ର କୁମାର ପତି, ସତ୍ୟବାନ ଦାଶ, ଆନନ୍ଦ ଦାଶ, ରମାକାନ୍ତ ତ୍ରିପାଠୀ, ଜ୍ୟୋସ୍ନାମୟୀ ମିଶ୍ର, ସ୍ନିଗ୍ଧାରାଣୀ ଦେବତା, ଯାଜ୍ଞସେନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଜୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ବଲପୁରୀ ସାଏରୀ ଉନ୍ମୋଚନ



ସମ୍ବଲପୁରୀ ସାଏରୀ ଉନ୍ମୋଚନ କରାଯାଉଛି।

**ବରପାଲି,୬।୨(ଡି.ଏନ.ଏ.)**

ବରଗଡ ଜିଲା ବରପାଲି ବ୍ଲକ କଦଳୀପାଲି ଆମ୍ବେଦକର କ୍ଲବରେ ପୂର୍ବତନ ଜିଲା ଜନମଙ୍ଗଳ ଅଧିକାରୀ ଶିଳାଲ ଡାଣ୍ଡିଙ୍କ ସଭାପତିତ୍ୱରେ କବି ସୁରେନ୍ଦ୍ର ପଧାନଙ୍କ 'ସମ୍ବଲପୁରୀ ସାଏରୀ' ଉନ୍ମୋଚନ କରାଯାଇଛି। ଏଥିରେ ବରପାଲି ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁ ମୁଖ୍ୟଅତିଥି, ବିଜେଡି ଯୁବନେତା ହିମାଞ୍ଚଳ ପଧାନ, ପୀତବାସ ପଧାନ ସମ୍ମାନିତ ଅତିଥି, ସୁବୋଧ ସାହୁ ବକ୍ତା ଭାବେ ଯୋଗଦାନ କରି ସମ୍ବଲପୁରୀ ସାଏରୀ ଉନ୍ମୋଚନ ହୋଇଥିବାରୁ ଜନାଦୃତ ହେବ ବୋଲି ମତପ୍ରକାଶ କରିଥିଲେ। ସୁରେନ୍ଦ୍ର ପଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନାଟ୍ୟଶ୍ରୀ ହର୍ଷ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପାଇକମାଲରେ ଅଭିଯୋଗର ଶୁଣାଣି

**ପାଇକମାଲ,୬।୨(ଡି.ଏନ.ଏ.)**

ପାଇକମାଲ ପଞ୍ଚାୟତ ସମିତି ସଭାଗୃହରେ ବରଗଡ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଆଦିତ୍ୟ ଗୋଏଲ ଅଭିଯୋଗଗୁଡିକର ଶୁଣାଣି କରି ଶୀଘ୍ର ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବରଗଡ ଏସ୍‌ପି ପ୍ରହଲାଦ ସାହି ମିନା, ଏଡିଏମ କୃତ୍ତିବାସ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଆର୍‌ଡି ଏସ୍‌ଡିଓ କ୍ଷିରୋଦ ମେହେର, ସ୍ୱାସ୍ଥ୍ୟ ଅଧିକାରୀ ସୌର୍ଯ୍ୟରଞ୍ଜନ ଦାସ, ଜିଲା ଅବକାରୀ ଅଧିକାରୀ ଶୋଭନ ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ଜନଶୁଣାଣିରେ ମୋଟ୍ ୨୧୩ ଅଭିଯୋଗ ଆସିଥିବା ବେଳେ ୨୦୭ ବ୍ୟକ୍ତିଗତ ଓ ୬ଟି ସାମୂହିକ ଅଭିଯୋଗ ରହିଥିଲା।

## ଜିଲାସ୍ତରୀୟ କୃଷିମେଳା ଉଦ୍‌ଘାଟିତ

**ବରଗଡ଼ ଅଫିସ୍,୬।୨**



କୃଷିମେଳାରେ ମଞ୍ଚାସୀନ ଅତିଥିବୃନ୍ଦ ।

ବରଗଡ଼ ଜିଲା ପ୍ରଶାସନ ତରଫରୁ ସୋମବାର ସ୍ଥାନୀୟ କୃଷକ ବଜାର ପ୍ରାଙ୍ଗଣରେ ଜିଲାସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳା-୨୦୨୩ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟଅତିଥି, ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଇଫିକଲ ଅଧ୍ୟକ୍ଷ ପ୍ରଭାତ ଆଦିତ୍ୟ ମିଶ୍ର, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଜିଲାପାଳ ମୋନିଷା ବାନାର୍ଜୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।

ରାଜ୍ୟ ସରକାରଙ୍କ ଦ୍ୱାରା କୃଷି ଓ କୃଷକଙ୍କ ନିମିତ୍ତ ପ୍ରଚଳିତ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ସହିତ ରିହାତି ଦରରେ ମିଳୁଥିବା ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ଓ ବିକ୍ରି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ୫ ଦିନ ଧରି ଏହା ଚାଲିବ। ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା କୃଷକମାନେ ମେଳାରେ ଭାଗ ନେଇ ସେମାନେ ଆର୍ଥିକ ଭାବେ ଲାଭାନ୍ୱିତ ହେବା ପାଇଁ ଜିଲାପାଳ ବାନାର୍ଜୀ ପରାମର୍ଶ ଦେଇଥିଲେ। ସମନ୍ୱିତ ଚାଷରୁ ବିବିଧିକରଣ ଉପରେ ଗୁରୁତ୍ୱାରୋପ କରି ଜଳର ସଦୁପଯୋଗ ଦ୍ୱାରା ଚାଷୀମାନେ ଲାଭାନ୍ୱିତ ହୋଇପାରିବେ ବୋଲି ବିଧାୟକ ଆଚାର୍ଯ୍ୟ କହିଥିଲେ। ମିଲେଟ୍ ମିଶନ ଓ ଛୋଟ ଅର୍ଥକାରୀ ଫସଲ ଚାଷ କରି ଆର୍ଥିକ ମାନଦଣ୍ଡ ବଢ଼ାଇବା ପାଇଁ ବିଧାୟିକା ଛୁରିଆ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ବହୁ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ଧନ୍ୟବାଦ ଦେଇଥିଲେ।

## କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନର ବାର୍ଷିକୋତ୍ସବ

**ଜାମଟିକ୍ରା, ୬।୨(ଡି.ଏନ.ଏ.)**

ଅତାବିରା କଳା ଓ ସଂସ୍କୃତି ଭବନରେ ରବିବାର ବ୍ଲକ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୌରଭ ଗୁପ୍ତା ସଭାପତିତ୍ୱ କରିଥିଲେ। ସଭାରେ ନୂତନ କର୍ମକର୍ତ୍ତା ମନୋନିତ କରାଯାଇଥିଲା। ସଭାପତି ଭାବେ ସୌରଭ ଗୁପ୍ତା, ସମ୍ପାଦକ ଜଗନ୍ନାଥ ପଧାନ, କୋଷାଧ୍ୟକ୍ଷ ଅଜିତ ଦାସ ଏବଂ ଉପଦେଷ୍ଟା ମଣ୍ଡଳୀରେ ପ୍ରକାଶ ମିଶ୍ର, ଲଳିତ ବାଙ୍କାଙ୍କୁ ମନୋନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବରଗଡ ଜିଲା ସଂଘ ସଭାପତି, ସମ୍ପାଦକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଗଛ ବଞ୍ଚିଲେ ଆମେ ବଞ୍ଚିବା

**ଜଙ୍ଗଲ ନିଆଁ ନିରାକରଣ ସଚେତନତା ଶିବିର**

**ଭେଡେନ, ୬।୨(ଡି.ଏନ.ଏ.)**

ବରଗଡ ଜିଲା ବରମକେଲାଠାରେ ବରଗଡ ବନାଞ୍ଚଳ ତରଫରୁ ଜଙ୍ଗଲ ନିଆଁ ନିରାକରଣ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ସହରାଟିକ୍ରା ବନାଞ୍ଚଳ ଅଧିକାରୀ ଲୋକେଶ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବନ ସଂରକ୍ଷଣ ସମିତି ସଭାପତି ପ୍ରମୋଦ ହୋତା ମୁଖ୍ୟ ଅତିଥି, ଭେଡେନ ବ୍ଲକ ସରପଞ୍ଚ ସଂଘ ସଭାପତି ଅଶ୍ୱିନୀ ଦାଶ, ଭଟଲି ଫରେଷ୍ଟର ସୁଜିତ ଦାଶ, ବନ ସଂରକ୍ଷଣ ସମିତିର ଓକିଲ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରକୃତିବନ୍ଧୁ ରଘୁନାଥ ପଧାନ ଆମ୍ବଗଛର ଉପକରିତା ବିଷୟରେ ଉଲ୍ଲେଖ କରିଥିଲେ। ଭେଡେନ ଅଗ୍ନିଶମ ଅଧିକାରୀ ଆର. କେରକେଟା ଯୋଗଦେଇ ଜଙ୍ଗଲ ନିଆଁ ନିରାକରଣ, ଲିଭାଇବା ଉପାୟମାନ ସଂକ୍ଷେପରେ ବୁଝାଇବା ସହ ଗଛ ବଞ୍ଚିଲେ ଆମେ ବଞ୍ଚିବା ବୋଲି ମତବ୍ୟକ୍ତ କରିଥିଲେ। ଶିବିରରେ ନବନିଯୁକ୍ତ ବନ ରକ୍ଷୀ ଏବଂ ବିଭିନ୍ନ ଗ୍ରାମର ବନ ସଂରକ୍ଷଣ ସମିତି ସଦସ୍ୟ ଉପସ୍ଥିତ ଥିଲେ।



ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

## ବ୍ୟାଡ୍‌ମିଣ୍ଟନ: ସରସରା ଚାମ୍ପିୟନ

**ପାଇକମାଲ, ୬।୨(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଲ ପ୍ରାଣୀଧନ ଚିକିତ୍ସାଳୟ ପରିସରରେ ନୃସିଂହନାଥ କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ବରଗଡ ସରସରା ଓ ବଲାଙ୍ଗୀର ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ଏଥିରେ ସରସରା ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟରେ ମୋଟ ୪୨ଟି ଦଳ ଭାଗ ନେଇଥିଲେ। ସୁଶାନ୍ତ ପାଣିଗ୍ରାହୀ, ଗୋପାଳ ଅଗ୍ରୱାଲ, ନିତେଶ ଅଗ୍ରୱାଲ ଖେଳ ପରିଚାଳନା କରିଥିଲେ। ସୁମିତ ଅଗ୍ରୱାଲ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସାମାଜିକ କର୍ମୀ ମୁଜାଫର ହୁସେନ ମୁଖ୍ୟ ଅତିଥି, ଆକାଶ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜୟୀ ସରସରା ଦଳର ପ୍ରୀତିଶ ଓ ସୁଶାନ୍ତଙ୍କୁ ଟ୍ରଫି ସହ ପୁରସ୍କାର ପ୍ରଦାନ ଲରିଥିଲେ। ଉପବିଜୟୀ ବଲାଙ୍ଗୀରର ଟୁଲୁ ଓ ସୌମେଶଙ୍କୁ ଟ୍ରଫି ସହ ପୁରସ୍କୃତ କରାଯାଇଥିଲା। ଆୟୁଷ ଅଗ୍ରୱାଲ, ଜେକି ସରାଫ, କୁନ୍ଦନ ପ୍ରଧାନ, ଶିବମ ଅଗ୍ରୱାଲ, କାହ୍ନା ଅଗ୍ରୱାଲ ସହଯୋଗ କରିଥିଲେ। କବି ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନଙ୍କ ଗହଣରେ ଉପସ୍ଥିତ କୃତୀ ଖେଳାଳିବୃନ୍ଦ।

**ଗ୍ରାମଦେବୀ ଜମି ସମସ୍ୟା: ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ**

ପଡିଆବାହାଲ (ଡି.ଏନ.ଏ.): ଯୁଯୁମୁରା ବ୍ଲକ ପଞ୍ଚାୟତ ଲିଟିମୁଣ୍ଡା ଗ୍ରାମର ଗ୍ରାମଦେବୀଙ୍କ ଜମି ସମସ୍ୟା ନେଇ ସୋମବାର ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନେ ଦର୍ଶାଇଥିଲେ, ପ୍ରାୟ ତିରିଶ ବର୍ଷ ତଳେ ସ୍ୱର୍ଗବାସ କରିଥିବା ତତ୍କାଳୀନ ପୂଜକ ଗୋଲବଦନ ଭୋଇଙ୍କ ନାମରେ ଗ୍ରାମଦେବୀଙ୍କ ଜମି ରହିଛି। ମାତ୍ର ଏବେ ଅନ୍ୟ ପୂଜକ ଦେବୀଙ୍କ ନିତ୍ୟ ସେବାପୂଜା କରୁଛନ୍ତି। ଜମି ପୂର୍ବ ପୂଜକ ନାମରେ ଥିବାରୁ ଅନେକ ଅସୁବିଧା ସୃଷ୍ଟି ହେଉଛି। ଦେବୀଙ୍କ ଜମି ସବୁ ମାର୍ଫତ ପୂଜକ କିମ୍ବା ଗ୍ରାମବାସୀଙ୍କ ନାମରେ କରିବାକୁ ଗ୍ରାମବାସୀ ଜିଲାପାଳଙ୍କୁ ନିବେଦନ କରିଥିଲେ।

## ସଂକ୍ଷେପରେ

### ଟ୍ରାକ୍ଟର ଧକ୍କାରେ ଯୁବକଙ୍କ ମୃତ୍ୟୁ

କୁଚିଣ୍ଡା,୬।୨(ଡି.ଏନ.ଏ.): କୁଚିଣ୍ଡା ସହରର କଂସେଇଡେରା ଛକ ନିକଟରେ ସୋମବାର ଏକ ଟ୍ରାକ୍ଟର ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇ କୁଚିଣ୍ଡା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପ୍ରଗଣା ଦମଦମ ନଗରର ସୈକତ ଡାଲି(୨୨) ଓ ଆହତ ବ୍ୟକ୍ତି ଶିବୁ ଡାଲି (୩୫) ବୋଲି ଜଣାଯାଇଛି। ଉଭୟେ ଖଣ୍ଡୋକଟା ଧନୁଯାତ୍ରାରେ ଲାଗିଥିବା ମୀନାବଜାର ଷ୍ଟାଫ ଓ ଧନୁଯାତ୍ରା ସାରି ଫେରିବା ପାଇଁ ଟ୍ରେନ ଟିକେଟ ବୁକିଂ ନିମନ୍ତେ ଏକ ବାଇକ୍ (ନଂ.ଓଡି୦୪ଡିଏ୩୦୫)ରେ କୁଚିଣ୍ଡା ଆସୁଥିଲେ। ଏହି ସମୟରେ କଂସେଇଡେରା ଛକ ନିକଟରେ ଏକ ଟ୍ରାକ୍ଟର (ନଂଓଡି୧୫ଭି୯୦୬୫) ସହ ମୁହାଁମୁହିଁ ଧକ୍କା ହେବା ଫଳରେ ଉଭୟଙ୍କୁ କୁଚିଣ୍ଡା ମେଡିକାଲକୁ ନିଆଯାଇଥିଲା। ମାତ୍ର ଡାକ୍ତର ସୈକତଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ କୁଚିଣ୍ଡା ଥାନାରେ କେସ ନଂ୩୩/୨୩ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଥିବା ବେଳେ ଟ୍ରାକ୍ଟରକୁ ଜବତ କରି ତଦନ୍ତ ଚଳାଇଛି।

### ବ୍ରଜରାଜନଗର ବିଜେଡି ପକ୍ଷରୁ ଶୋକସଭା

ବ୍ରଜରାଜନଗର,୬।୨(ଡି.ଏନ.ଏ.): ସ୍ୱାସ୍ଥ୍ୟମନ୍ତ୍ରୀ ନବି ଦାସଙ୍କ ଅକାଳ ବିୟୋଗରେ ସ୍ଥାନୀୟ ବିଜେଡି କାର୍ଯ୍ୟାଳୟଠାରେ ଦଳ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟିକା ଅଳକା ମହାନ୍ତି, ବ୍ରଜରାଜନଗର ନଗରପାଳ ଯାଜ୍ଞସେନୀ ଓରାମ, ଜିଲା ସମ୍ପାଦକ ବିଶ୍ୱନାଥ ନାୟକ, ପୂର୍ବତନ ନଗରପାଳ ନନ୍ଦକିଶୋର ଅଗ୍ରୱାଲ, ବିଜୟ ପାଣିଙ୍କ ସମେତ ବେଲପାହାଡ ଓ ଲଖନପୁର ଅଞ୍ଚଳର ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ। ନେତୃମଣ୍ଡଳୀ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ତାଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ନଗର ସଭାପତି ରାଧାକାନ୍ତ ପ୍ରଧାନ ପରିଚାଳନା କରିଥିଲେ।

### ପଞ୍ଚାୟତ ପ୍ରତିନିଧିଙ୍କ ଦ୍ୱିତୀୟ ପର୍ଯ୍ୟାୟ ତାଲିମ

କୁଚିଣ୍ଡା,୬।୨(ଡି.ଏନ.ଏ.): କୁଚିଣ୍ଡା ବ୍ଲକ ତେଲି ତିଲେଇମାଲ, ଟାଙ୍ଗସର, କୁ.ଜମନକିରା, ସଲେଭାଡ଼ି ଓ କୁସୁମୀ ପଞ୍ଚାୟତର ନାଏବ ସରପଞ୍ଚ ଓ ୱାର୍ଡମେମ୍ବରଙ୍କ ତ୍ରିଦିବସୀୟ ତାଲିମ ଶିବିର କୁଚିଣ୍ଡା ଆଦିବାସୀ ଭବନଠାରେ ସୋମବାର ଉଦ୍‌ଘାଟିତ ହୋଇଛି। ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗ ସହାୟତାରେ ଓଡ଼ିଶା ଇନ୍‌ଷ୍ଟିଚ୍ୟୁଟ ଅଫ ରୁରାଲ ଡେଭଲପମେଣ୍ଟ ସେଣ୍ଟର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ଜିଲା ପରିଷଦ ସଭ୍ୟା ଦିବ୍ୟରାଜ କିଷାନ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ରଶ୍ମିକାନ୍ତ ସାମଲ ସ୍ୱାଗତ ଭାଷଣ ଓ ଶେଷରେ ସାମାଜିକ କର୍ମୀ ସରୋଜ ମେହେର ଧନ୍ୟବାଦ ଦେଇଥିଲେ। ଏଥିରେ ପରିମଳ ପଣ୍ଡା ଓ ଲମ୍ବୋଦର କୁମୁରା ପଲ୍ଲୀ ସଭା, ଗ୍ରାମ ସଭା ମାଧମରେ ୱାର୍ଡ ସଭ୍ୟାସଭ୍ୟଙ୍କୁ ଜନହିତକର କାର୍ଯ୍ୟ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ।

# ସୁରକ୍ଷାକର୍ମୀଙ୍କୁ ପୁଣି ମାଡ଼ ଅଭିଯୋଗ

**ଡ୍ରାଇଭର ମୁହଁରେ କମ୍ପାନୀର ଚୋରି ଷଡ଼ଯନ୍ତ୍ର**

ସମ୍ବଲପୁର,୬।୨(ବ୍ୟୁରୋ)

ସମ୍ବଲପୁର ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥ ନିର୍ମାଣକାରୀ ସଂସ୍ଥା ଏଆଇପିଏଲ୍ ପୂର୍ବରୁ ବାଉନ୍‌ସର ଲଗାଇ ଡ୍ରାଇଭରମାନଙ୍କୁ ମାଡ ମାରିଥିବା ଅଭିଯୋଗକ୍ରମେ ଯୁଯୁମୁରା ଥାନାରେ ମାମଲା ରୁଜୁ ହୋଇଥିଲା। ଏବେ ଘରୋଇ ସୁରକ୍ଷାକର୍ମୀଙ୍କୁ ପୁଣି ବାଉନ୍‌ସର ଲଗାଇ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ସୁରକ୍ଷାକର୍ମୀ ହିମାଂଶୁ ଶେଖର ସାହୁ, ସୁନିଲ କୁମାର ସାହୁଙ୍କୁ ମାଡ଼ ମରାଯାଇଥିବା ବେଳେ ତାଙ୍କ ସହକର୍ମିମାନେ ଥାନାରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ କ୍ରମେ ଗତ ୪ ତାରିଖରେ ନକ୍ସାପାଲି ନିକଟରେ ରାତିରେ ଡ୍ୟୁଟିରେ ଥିଲେ। ସେ ସମୟରେ ଦୁଇଜଣଙ୍କ ଭିତରୁ ଜଣେ ଶୋଇ ପଡିଥିଲେ। ସେ ସମୟରେ କମ୍ପାନୀର ବାଉନ୍‌ସର ଓ କର୍ମଚାରୀ ଯାଇ ଶୋଇଥିବା ସମୟର ଫଟୋ ଉତ୍ତୋଳନ କରିଥିଲେ। ପରଦିନ ସକାଳେ ଗଡଗଡବାହାଲସ୍ଥିତ କ୍ୟାମ୍ପରେ ଚୋରି କରୁଥିବା ଅଭିଯୋଗ ଆଣି ମାଡ଼ ମାରିଥିଲେ। ଘଟଣାସ୍ଥଳକୁ ନେଇ ମଧ ସେମାନେ ମାଡ଼ ମାରିଥିଲେ। ଜୀବନ ବିପଦରେ ରହିଛି ବୋଲି ସେମାନେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ଶୁଣିବା ପରେ ତାଙ୍କ ସୁପରଭାଇଜରଙ୍କୁ ଡାକିବାକୁ କହିଥିଲେ। ହେଲେ ଖବର ଲେଖାହେବା ପର୍ଯ୍ୟନ୍ତ କମ୍ପାନୀ ପକ୍ଷରୁ ଅଭିଯୋଗ ହୋଇ ନାହିଁ ଓ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରିଥିବା ସୁପରଭାଇଜର ନ ଆସିବାରୁ ମାମଲା ରୁଜୁ ହୋଇ ନାହିଁ ବୋଲି ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ କହିଛନ୍ତି। ଅନ୍ୟପଟେ ଚୋରି ଅଭିଯୋଗ କରି ପ୍ରମାଣିତ କରିବା ପାଇଁ କମ୍ପାନୀର କର୍ମଚାରୀମାନେ କରିଥିବା ଷଡଯନ୍ତ୍ର ଉପରେ ବୟାନ ଦେଇଛନ୍ତି କମ୍ପାନୀର ଜଣେ ଡ୍ରାଇଭର। ସେ କହିଛନ୍ତି, କୌଣସି ସାମଗ୍ରୀ ଚୋରି ହୋଇନାହିଁ। ଚୋରି ମାମଲାରେ ଫସାଇବାକୁ ଘଟଣାସ୍ଥଳ ନକ୍ସାପାଲିକୁ ନିଆଯାଇଥିଲା। ଉଭୟଙ୍କୁ ଗୁଡିରୁ ଓହ୍ଲାଇଦେଇ ରାସ୍ତାକଡରେ ଥିବା ବସ୍ତା ଉଠାଇବାକୁ ବାଉନ୍‌ସର ଓ କର୍ମଚାରୀମାନେ କହିଥିଲେ। ସେମାନେ ବସ୍ତା ଉଠାଇବା ସମୟରେ ମୋବାଇଲରେ ଫଟୋ ଉଠାଇଥିଲେ। ଏହି ଘଟଣା ମଧ୍ୟାହ୍ନ ପ୍ରାୟ ୧୨ଟାରେ ହୋଇଥିଲା । ସୁରକ୍ଷା କର୍ମୀମନେ ଚୋରି କରି ନାହାନ୍ତି ବୋଲି ସେ କହିଥିଲେ। ଘଟଣା ସମ୍ପର୍କରେ କମ୍ପାନୀ ଅଧିକାରୀ ଗୌରବ ଦାସ କହିଛନ୍ତି, ଚୋରି ଅଭିଯୋଗକୁ ନେଇ ସେମାନଙ୍କୁ ଅଟକ ରଖାଯାଇଥିଲା। ହେଲେ କୌଣସି ମାରପିଟ କରାଯାଇ ନ ଥିବା ସେ କହିଥିଲେ।


ଯୁଯୁମୁରା ଥାନା ଆଗରେ ସୁରକ୍ଷା କର୍ମୀମାନେ ।

# ଏସ୍‌ବିଆଇ ମୁଖ୍ୟାଳୟ ସମ୍ମୁଖରେ ଜିଲା କଂଗ୍ରେସର ଧାରଣା

ସମ୍ବଲପୁର,୬।୨(ବ୍ୟୁରୋ)

କେନ୍ଦ୍ର ସରକାର ଏବଂ ଆଦାନୀ ଗ୍ରୁପ୍ ବିରୋଧରେ ସୋମବାର ଜିଲା କଂଗ୍ରେସ ପକ୍ଷରୁ ଏସ୍‌ବିଆଇ ମୁଖ୍ୟାଳୟ ସମ୍ମୁଖରେ ଧାରଣ ଦିଆଯାଇଥିଲା । ଜିଲା ସଭାପତି ତଥା ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଭାରତୀୟ ବ୍ୟାଙ୍କଗୁଡିକରୁ ପାଖାପାଖି ୮୦ହଜାର କୋଟି ଟଙ୍କା ଆଦାନୀ ଗ୍ରୁପ୍ ଉପରେ ବକେୟା ରହିଛି ବୋଲି ଦର୍ଶାଇବା ସହ ଆଦାନୀ ଗ୍ରୁପ୍‌ରେ ନିବେଶ ନିମନ୍ତେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ଏଲ୍‌ଆଇସିଙ୍କୁ ବାଧ କରାଯାଇଛି। ଏହି ଘଟଣାରେ ସୁପ୍ରିମକୋର୍ଟ ବିଚାରପତି କିମ୍ବା ଯୁଗ୍ମ ସଂସଦୀୟ କମିଟି ଦ୍ୱାରା ହିଣ୍ଡେନବର୍ଗ ରିସର୍ଚ୍ଚ ରିପୋର୍ଟରେ ନିରପେକ୍ଷ ତଦନ୍ତକୁ ବାଧ୍ୟତାମୂଳକ କରିବା ପାଇଁ କଂଗ୍ରେସ କର୍ମୀମାନେ ଦାବି କରିଥିଲେ। ସେହିପରି କେତେକ ନିର୍ଦ୍ଦିଷ୍ଟ ପୁଞ୍ଜିପତିଙ୍କୁ ଲାଭବାନ କରିବାକୁ କେନ୍ଦ୍ର ସରକାର ଅପରାଧିକ ନୀତି ଆପଣାଇଥିବା ଅଭିଯୋଗ କରିଥିଲେ। ଏହାକୁ ନେଇ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ନେତୃବୃନ୍ଦ ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୁତପା ମିତ୍ର, ବିଜୟଲକ୍ଷ୍ମୀ ବେହେରା, ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ନିରଞ୍ଜନ ତିପାଠୀ, ମହମ୍ମଦ ମୁକ୍ତାର, ଆକବର ଚୌଧୁରୀ, ବୁଧୁରାମ ମୁଣ୍ଡା, ସଞ୍ଜୀବ ଗର୍ଡିଆ, କବିତା ପଟ୍ଟନାୟକ, ମଣୀମାଳା ଦାସ, ଇପ୍‌ସିତା ତିପାଠୀ ପ୍ରମୁଖ ସାମିଲ ଥିଲେ।


ଧାରଣାରେ ସାମିଲ ହୋଇଥିବା ଦଳୀୟ ନେତୃବୃନ୍ଦ।

# ୬୧ ଅଭିଯୋଗ ଶୁଣାଣି କଲେ ଜିଲାପାଳ

ସମ୍ବଲପୁର,୬।୨(ବ୍ୟୁରୋ)

ଯୁଯୁମୁରା ବ୍ଲକ ଅଫିସ ପରିସରରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନନ୍ୟା ଦାସ, ଏସ୍‌ପି ବାତୁଲା ଗଙ୍ଗାଧର ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ୪୮ ବ୍ୟକ୍ତିଗତ ଓ ୧୩ ସାମୂହିକ ମୋଟ ୬୧ ଅଭିଯୋଗ ହୋଇଥିଲା। ବିଶେଷକରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭତ୍ତା, ରାସ୍ତା ନିର୍ମାଣ ଆଦି ସମସ୍ୟା ନେଇ ଅଭିଯୋଗ ରହିଥିଲା। ଜିଲାପାଳ ଦାସ ଅଭିଯୋଗ ଗୁଡିକର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ନିର୍ବାହୀ ଅଧିକାରୀ ଦିଲୀପ କୁମାର ବଳ, ବିଡିଓ ନୀଳାମ୍ବର ମହାନନ୍ଦ, ଜିଲାପରିଷଦ ଉପସଭାପତି ମାଧବ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ଥିଲେ। ପରେ ଜିଲାପାଳ ଲିପିଣ୍ଡାସ୍ଥିତ ଆଶା ସୁଧାର ଗୃହ ପରିଦର୍ଶନ କରି ଅନ୍ତେବାସୀଙ୍କ ସହ ଆଲୋଚନା କରିଥିଲେ। ସେହିପରି ନୂଆଁବରଙ୍ଗାମାଲ ଗ୍ରାମରେ ନିର୍ମାଣାଧୀନ ୫-ଟି ସ୍କୁଲ ପରିଦର୍ଶନ କରି କାମ ଶୀଘ୍ର ସାରିବାକୁ ତାଗିଦ କରିଥିଲେ। ଏହି ଅବସରରେ ମହିଳାମାନଙ୍କୁ ୬୦ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା।



ଜିଲାପାଳ ଅଭିଯୋଗ ଶୁଣୁଛନ୍ତି ।

# ବିଶ୍ୱ ଆର୍ଦ୍ରଭୂମି ଦିବସରେ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୬।୨(ବ୍ୟୁରୋ)

ଯୁବପିଢୀକୁ ସଚେତନ କରିବାକୁ ନେଇ ବିଶ୍ୱ ଆର୍ଦ୍ରଭୂମି ଦିବସ ଅବସରରେ ୟୁଥ୍ ଫର୍ ୱାଟର ଇଣ୍ଡିଆ ଓ ଚିତ୍ରକଳା ଅନୁଷ୍ଠାନ, କଳା ଏକାଡେମୀ ଧନୁପାଲି ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ୱେଟଲାଣ୍ଡ ଇଣ୍ଟରନ୍ୟାଶନାଲ ସାଉଥ୍ ଏସିଆ, ଫାଉଣ୍ଡେଶନ ଅଫ୍ ଇକୋଲୋଜିକାଲ୍ ସିକ୍ୟୁରିଟି, ୟୁନାଇଟେଡ ନେଶନ ଏନ୍‌ଭାରମେଣ୍ଟ ପ୍ରୋଗ୍ରାମ, ଜେସିଆଇ ସମ୍ବଲପୁର, ୱାଇଲ୍ଡ ଲାଇଫ୍ ଡିଭିଜନ ସମ୍ବଲପୁର, ଯୁବ ଉଦୟନ, ମହାନଦୀ ରିଭର ୱାଟର କିପର୍ ସହଯୋଗିତାରେ ଏକ ଚିତ୍ରକଳା କର୍ମଶାଳା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ୟୁଥ୍ ଫର୍ ୱାଟର ଇଣ୍ଡିଆର ସହ ପ୍ରତିଷ୍ଠାତା ରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ଶ୍ରଦ୍ଧା ସୁମନ ସାହୁ, ରୋଷନି ପଣ୍ଡିତ, ପୂଜାରାଣୀ ମାଝି, ରାକେଶ ପୃଷ୍ଟି, ବିଚିତ୍ର ସ୍ୱରୁପା, ପ୍ରଜ୍ଞା ଭାରତୀ ପଣ୍ଡା, ଅନୁସ୍ମିତା ପାଣିଗ୍ରାହୀ, ଅନ୍ୱିତା ସାହୁ, ଅନୁରାଗ ବାରିକ, ଶୋଭନ ପଟେଲକୁ ପୁରସ୍କୃତ କରଯାଇଥିଲା। ଅଧକ୍ଷ ସଞ୍ଜୟ ସାହୁ, କଳା ଶିକ୍ଷକ ପ୍ରଶାନ୍ତ ମାଝି, ପବିତ୍ର ବେରିହା, ସୁମନ ପାଲ, ସୁବ୍ରତ ବେହେରା, ନମ୍ରତା ନାୟକ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

# ପାଲଟିକିରାରେ ଖୋଲିବ ମଡେଲ ଡିଜିଟାଲ ମାର୍କେଟ

ପଡିଆବାହାଲ, ୬।୨(ଡି.ଏନ.ଏ.)

ଯୁଯୁମୁରା ବ୍ଲକ ସନାତନପାଲି ପାଲଟିକିରାଠାରେ ଚାଷୀଙ୍କ ସୁବିଧା ପାଇଁ ମଡେଲ ଡିଜିଟାଲ ମାର୍କେଟ ଖୋଲିବ। ଏଥିଲାଗି ସୋମବାର ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ, ଉପଜିଲାପାଳ, ଯୁଯୁମୁରା ବିଡ଼ିଓ, ତହସିଲଦାର, ଆର୍‌ଏମ୍‌ସି ସେକ୍ରେଟାରୀ, ଓରମାସ ସିଇଓ ପ୍ରମୁଖ ଅଧିକାରୀ ସବୁଜ ସନାତନପାଲି କୃଷକ ଉତ୍ପାଦକ କମ୍ପାନୀ ସଦସ୍ୟ ଓ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ପରେ ସେମାନେ ଏହାର ସର୍ବେକ୍ଷଣ କରି ଫେରିଛନ୍ତି। ଏଠାରେ ମାର୍କେଟ ସହ ବ୍ୟାଙ୍କିଂ, ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଆଲୋଚନା ହୋଇଥିଲା। ଏହା ହେଲେ ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀର ଚାଷୀ ସମେତ ଆଖପାଖ ୩୫ ଗ୍ରାମର ପ୍ରାୟ ୧୪ଶହ ଚାଷୀ ଉପକୃତ ହେବେ। ଅଧିକାରୀମାନଙ୍କ ସହ ସ୍ଥାନୀୟ ସେକ୍ରେଟାରୀ ଦିପେନ, କମ୍ପାନୀ ଏମ୍‌ଡି ମନବୋଧ ବାରିକ, ଡାଇରେକ୍ଟର ବିରୁପାକ୍ଷ ପଧାନ, ଶ୍ୟାମଲାଲ ସାହୁ, ଶଙ୍ଖଜିନୀ ପଧାନ ଉପସ୍ଥିତ ଥିଲେ।

# କଂସ ବଧ ସହ ଖଣ୍ଡୋକଟା ଧନୁଯାତ୍ରା ଉଦ୍‌ଯାପିତ


କଂସ ବଧର ଦୃଶ୍ୟ।

କୁଚିଣ୍ଡା,୬।୨(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଖଣ୍ଡୋକଟାଠାରେ ୫ଦିନ ଧରି ଚାଲିଥିବା ୩୦ତମ ଧନୁଯାତ୍ରା ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଗୋପପୁରରୁ କୃଷ୍ଣ ବଳରାମଙ୍କୁ ରଥରେ ବସାଇ ଅକ୍ରୁରଙ୍କ ମଥୁରା ଆଗମନ, ବାଟରେ କୁବଜା ଉଦ୍ଧାରଣ ହୋଇଥିଲା। କୃଷ୍ଣ ବଳରାମଙ୍କ ଦ୍ୱାରା ସୁବଳୟା ହସ୍ତି, ଅଷ୍ଟଯକ୍ଷଙ୍କ ନିଧନ ଓ ଶେଷରେ କୃଷ୍ଣଙ୍କ ହାତରେ କଂସ ବଦ୍ଧ ଆଦି ନାଟ୍ୟାଭିନୟ ହୋଇଥିଲା। ଉଦ୍‌ଯାପନୀ ଉତ୍ସବର ରାଜକୀୟ ଅତିଥି ଭାବେ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ ଯୋଗଦେଇ ମହୋତ୍ସବର ପ୍ରଶଂସା କରି ଏହାଦ୍ୱାରା ଅଞ୍ଚଳରେ ଏକ ସାଂସ୍କୃତିକ ପରିବେଶ ସୃଷ୍ଟି ହେଉଥିବା କହିଥିଲେ। କଂସ ବଦ୍ଧ ଦେଖିବାକୁ ରାତି ପର୍ଯ୍ୟନ୍ତ ପ୍ରବଳ ଜନସମାଗମ ହୋଇଥିଲା। ଶାନ୍ତି ଶୃଙ୍ଖଳାର ସହ ଉତ୍ସବ ପାଳନରେ ସହଯୋଗ କରିଥିବାରୁ ଅଞ୍ଚଳବାସୀଙ୍କୁ ଧନୁଯାତ୍ରା କମିଟି ସଭାପତି ତଥା ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପଟେଲ କୃତଜ୍ଞତା ଜଣାଇଛନ୍ତି।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ନାକଟିଦେଉଳ,୬।୨(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର କ୍ଲଷ୍ଟର ଅନ୍ତର୍ଗତ ମଣ୍ଡୁଆମ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ମହାନ୍ତିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବଞ୍ଜାଗୋଲା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଏବିଇଓ ତ୍ରିନାଥ ଧଳ ସଭାପତିତ୍ୱ କରିଥିଲେ। ବିଇଓ ବିଜୟ କୁମାର ପାତ୍ର ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରାଧାପକ ଡ଼. ଦୀପେନ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଓ ଓପିଏସ୍ ଶିକ୍ଷକ ସଂଘର ବ୍ଲକ ସଭାପତି ଅଶ୍ୱିନୀ କୁମାର କର, ସମ୍ପାଦକ ସଞ୍ଜୟ କୁମାର ପ୍ରଧାନ, ଏନ୍‌ପିଏସ୍ ଶିକ୍ଷକ ସଂଘର ଜିଲା ସଭାପତି ପ୍ରମୋଦ କୁମାର ପ୍ରଧାନ, ବ୍ଲକ ସଭାପତି ଗୁରୁଚରଣ ବିଶ୍ୱାଳ, ସମ୍ପାଦକ ମହେଶ୍ୱର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷୟିତ୍ରୀ ମହାନ୍ତିଙ୍କ କର୍ମମୟ ଜୀବନୀ ଉପରେ ଆଲୋକପାତ କରିବା ସହ ତାଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ହୁଇଲ୍ ଚେୟାର ପ୍ରଦାନ

ସମ୍ବଲପୁର,୬।୨(ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ବୁର୍ଲାସ୍ଥିତ କୁଷ୍ଠାଶ୍ରମରେ ହୁଇଲ ଚେୟାର ପ୍ରଦାନ କରାଯାଇଛି । କୁଷ୍ଠାଶ୍ରମର ଚାରିଜଣ ବ୍ୟକ୍ତି ଚାଲିବାକୁ ଅସମର୍ଥ ଥିଲେ। ଏହାକୁ ଦୃଷ୍ଟିରେ ରଖି ମହିଳା ମଣ୍ଡଳ ସଭାନେତ୍ରୀ ପଦ୍ମଜା ସିଂଙ୍କ ନେତୃତ୍ୱରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପସଭାନେତ୍ରୀ ଅଲପନା ରାଓ, ସରିତା ପଟେଲ, ରଶ୍ମି ବେହୁରା ପ୍ରମୁଖ ଉପସ୍ଥିତ ଥିଲେ।

# ଯୁଯୁମୁରା ହାଇସ୍କୁଲର ବାର୍ଷିକ ଉତ୍ସବ

ସମ୍ବଲପୁର,୬।୨(ବ୍ୟୁରୋ)

ଯୁଯୁମୁରା ହାଇସ୍କୁଲର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଗିରିଧାରୀ ହୋତା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅଧାପକ ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ମୁଖ୍ୟବକ୍ତା ଓ ଅତିରିକ୍ତ ଜିଲା ଶିକ୍ଷାଅଧିକାରୀ ମୁରଲୀଧର ବେହେରା, ବନମାଳି ମିଶ୍ର, ରାଜେନ୍ଦ୍ର ପଣ୍ଡା, ଦିବ୍ୟକିଶୋର ପ୍ରଧାନ, ସୁଧୀର କୁମାର ହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ କୁଳଧର ପ୍ରଧାନ ସ୍ୱାଗତ ଭାଷଣ ଓ ଶିକ୍ଷକ ଜିତେନ୍ଦ୍ର କୁମାର ମେଣ୍ଡୋଲି ବିବରଣୀ ପଠନ କରିଥିଲେ। ମାଟ୍ରିକ ପରୀକ୍ଷାରେ ବିଜ୍ଞାନ ବିଷୟରେ ସର୍ବାଧିକ ମାର୍କ ରଖିଥିବା ସ୍ୱାଗତିକା ସାହୁଙ୍କୁ ସତ୍ୟବ୍ରତ ପତି ସମ୍ମାନ ଦିଆଯାଇଥିଲା। ଛାତ୍ର ନବିନ ବାଗ, ଓମ୍ ପ୍ରକାଶ ବାରିକ, ଦିଲିପ କାଣ୍ଡୋଲୋନା, ପ୍ରିସକିଲା କାଣ୍ଡୋଲାନା, ପ୍ରଦୀପ ଲୁଗୁନ, ନିକିତା ମିର୍ଦ୍ଧାଙ୍କୁ ମଧ ପୁରସ୍କୃତ କରାଯାଇଥିଲା। ମନୋଜ ପ୍ରଧାନ ଓ ଦିପିକା ମହାନ୍ତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକାଶ କୁମାର ହୋତା, ପ୍ରମୋଦ ପ୍ରଧାନ, ଉପାଶନା ତନସେନା, ସୁଶାନ୍ତ କୁମାର ସାହୁ, ଦୟମନ୍ତି ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଉତ୍ସବରେ ଅତିଥି ଓ ଛାତ୍ରୀଛାତ୍ର ।

# ସଂସ୍କୃତି ଯେତିକି ବିକଶିତ ଅଞ୍ଚଳ ସେତିକି ସମୃଦ୍ଧ

**ରେଙ୍ଗାଲି ମହୋତ୍ସବ ଉଦ୍‌ଯାପିତ**

ରେଢ଼ାଖୋଲ,୬।୨(ଡି.ଏନ.ଏ.)

ଯେଉଁ ଅଞ୍ଚଳର ଲୋକକଳା ଓ ସଂସ୍କୃତି ଯେତିକି ବିକଶିତ ସେହି ଅଞ୍ଚଳ ସେତିକି ସମୃଦ୍ଧ। ରେଢାଖୋଲ ବ୍ଲକ ଜେ. ରେଙ୍ଗାଲିସ୍ଥିତ ରାଜାଚୌରୀ ପଡିଆରେ ସ୍ଥାନୀୟ ନେହେରୁ ଯୁବକସଙ୍ଘ ଆନୁକୂଲ୍ୟରେ ପ୍ରଥମ ରେଙ୍ଗାଲି ମହୋତ୍ସବରେ ଅତିଥିମାନେ ଏହା କହିଥିଲେ। ଆୟୋଜକ ଅନୁଷ୍ଠାନ ସମ୍ପାଦକ ତରୁଣ ନାଏକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ରେଢାଖୋଲ ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ ମୁଖ୍ୟଅତିଥି ଓ ବ୍ଲକ ଉପାଧକ୍ଷା ଚିନ୍ମୟୀ ତ୍ରୀପାଠୀ, ସ୍ଥାନୀୟ ସରପଞ୍ଚ ସୈରେନ୍ଦ୍ରୀ ଭୋଇ, ଓଡ଼ିଶା ଜିବୀକା ମିଶନର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା ଡ. ପୁଷ୍ପଶ୍ରୀ ନାୟକ, ଶିକ୍ଷାବିତ ଭୀମସେନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ଶାଶ୍ୱତ ତ୍ରିପାଠୀ, ପୂର୍ବତନ ସେନା ଅଧିକାରୀ ଅନନ୍ତ କୁମାର ପ୍ରଧାନ, ଡ. ପ୍ରଗତୀ ବିଶ୍ୱାଳ ଓ ଶହୀଦ ଶୁକଦେବଙ୍କ ମାତା ମନ୍ଦଦରୀ ପ୍ରଧାନ, ଯୁଯୁମୁରାର ଦୁଇ ଜାତୀୟସ୍ତରୀୟ ତୀରନ୍ଦାଜୀ ଅନ୍ୱେଶା ଦେହୁରି ଓ ଅର୍ଣ୍ଣବ ଦେହୁରିଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କଣ୍ଠଶିଳ୍ପୀ ଶାଶ୍ୱତ ତ୍ରିପାଠୀଙ୍କ ସମଲେଇ ଭଜନରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ପରେ ସୁବର୍ଣ୍ଣପୁର ରୁମକୁ ଝୁମାନା ଅନୁଷ୍ଠାନର ଡାଲଖାଇ, ରସରକେଲି ନୃତ୍ୟ, ସମ୍ବଲପୁର ବିଦ୍ୟାଶ୍ରୀ କଳାକେନ୍ଦ୍ରର ଭାଇଜିଉନ୍ତିଆ, ବଲାଙ୍ଗୀର ତୁଷରାର ଦୁଇଭାଇଙ୍କ ଘୁବକୁଡୁ ନୃତ୍ୟ, ସମ୍ବଲପୁର ଜିଲା ସଂସ୍କୃତି ବିଭାଗ ପ୍ରଦତ୍ତ ଉତ୍କଳ ଟ୍ରାଇବାଲ ଫୋକ ଡ୍ୟାନ୍ସ ଏବଂ ଆର୍ଟ ସେଣ୍ଟରର ପଞ୍ଚରସି ନୃତ୍ୟ, ସ୍ଥାନୀୟ କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶତାବ୍ଦି ସୁନିଧି ଜେନା (ଅମିନି) ସଂଯୋଜନା କରିଥିଲେ। ମହୋତ୍ସବରେ ଅଞ୍ଚଳର ବହୁ ଦର୍ଶକଙ୍କ ସମାଗମ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ସମ୍ବଲପୁର ଜିଲା ପରିଷଦ ଅଧକ୍ଷା କୁମୁଦିନୀ ନାଏକ, ଜିଲା ପରିଷଦ ଉପାଧକ୍ଷ ମାଧବ ମିର୍ଦ୍ଧା, ରେଢାଖୋଲ ଜୋନ-୧ ଜିଲା ପରିଷଦ ସଭ୍ୟା ଶ୍ରାବଣୀ ଭୋଇ, ମେଘପାଲ ସରପଞ୍ଚ ମମତା ପ୍ରଧାନ, ବଡମାଲ ସରପଞ୍ଚ ତୁଙ୍ଗଭଦ୍ରା ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ଖବରଦାତା ପୀତାମ୍ବର ସାହୁ, ରମାକାନ୍ତ ମହାନନ୍ଦ, ଅନୀଲ ପୃଷ୍ଟି ପ୍ରମୁଖଙ୍କୁ ସମ୍ମାନୀତ କରାଯାଇଥିଲା।


ମହୋତ୍ସବରେ ମଞ୍ଚାସୀନ ଅତିଥି।


କଳାକାରଙ୍କ ସମ୍ବଲପୁରୀ ନୃତ୍ୟ ପରିବେଷଣ।

## ଏଫ୍‌ଡି ଉପରେ ବନ୍ଧନ ବ୍ୟାଙ୍କର ସୁଧ ବୃଦ୍ଧି

**ନୂଆଦିଲ୍ଲୀ:** ବନ୍ଧନ ବ୍ୟାଙ୍କ ପକ୍ଷରୁ ଫିକ୍ସଡ୍ ଡିପୋଜିଟ୍ (ମିଆଦି ଜମା) ବା ଏଫ୍‌ଡି ଉପରେ ସୁଧରେ ୦.୫୦% ବୃଦ୍ଧି ଘୋଷଣା କରାଯାଇଛି। ଏପରିକି ଦୁଇ କୋଟି ଟଙ୍କା ପର୍ଯ୍ୟନ୍ତ ଖୁଚୁରା ଜମା ଉପରେ ଏହି ସଂଶୋଧିତ ସୁଧ ହାର ଲାଗୁ ହେବ ଏବଂ ୨୦୨୩ ଫେବୃୟାରୀ ୬ ପରଠାରୁ ତାହା କାର୍ଯ୍ୟକାରୀ ହେବ। ଏହି ଅଫର ସୀମିତ ସମୟ ପାଇଁ। ସୁଧରେ ଏହି ଊର୍ଦ୍ଧ୍ୱମୁଖୀ ବୃଦ୍ଧି ସହ ବ୍ୟାଙ୍କ ଶିଳ୍ପରେ ବନ୍ଧନ ବ୍ୟାଙ୍କ ପକ୍ଷରୁ ଅନ୍ୟତମ ସର୍ବାଧିକ ସୁଧ ହାର ପ୍ରଦାନ କରାଯାଉଛି। ବ୍ୟାଙ୍କ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ବାର୍ଷିକ ୮.୫% ଏବଂ ଅନ୍ୟମାନଙ୍କୁ ୮% ସୁଧ ପ୍ରଦାନ କରାଯିବ।

# ପଣ୍ୟ ବୋଝେଇରୁ ୨୦,୬୩୫ କୋଟିର ଆୟ

- ପଣ୍ୟ ବୋଝେଇରେ ପୂର୍ବତଟ ରେଳପଥର ରେକର୍ଡ
- ୩୧୦ ଦିନରେ ୨୦୦ନିୟୁତ ଟନ୍‌ରୁ ଅଧିକ ପଣ୍ୟ ବୋଝେଇ



**ଭୁବନେଶ୍ୱର,୬।୨**

ଭାରତୀୟ ରେଲୱେର ଏକ ପ୍ରମୁଖ ଜୋନ ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷ (୨୦୨୨-୨୩)ର ଶେଷ ପୂର୍ବରୁ ରେଳ ମନ୍ତ୍ରଣାଳୟର ଲକ୍ଷ୍ୟ ଧାର୍ଯ୍ୟ ପୂରଣ ସହ ପଣ୍ୟ ବୋଝେଇରେ ଏକ ନୂତନ ରେକର୍ଡ ହାସଲ କରିଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏପରିକି ୩୧୦ ଦିନ ମଧ୍ୟରେ ପୂର୍ବତଟ ରେଳପଥ ୨୦୦.୪୩ ନିୟୁତ ଟନ୍ ପଣ୍ୟ ବୋଝେଇ କରି ଏହି ସଫଳତା ହାସଲ କରିଛି। ବିଶେଷ କରି ଉକ୍ତ ଆକଳନ ହାସଲ କରିବାକୁ ପୂର୍ବତଟ ରେଳପଥ ୨୦୨୧-୨୨ ଆର୍ଥିକ ବର୍ଷରେ ୩୨୦ଦିନ ସମୟ ଲାଗିଥିବାବେଳେ ୨୦୨୦-୨୧ ରେ ୩୬୦ ଦିନ ଏବଂ ୨୦୧୯-୨୦ ଆର୍ଥିକ ବର୍ଷରେ ୩୬୬ ଦିନ ସମୟ ନେଇଥିଲା। ସେହିଭଳି ଏହି ସମୟ ମଧ୍ୟରେ ପଣ୍ୟ ବୋଝେଇରୁ ଆୟ ବାବଦରେ ପୂର୍ବତଟ ରେଳପଥ ପ୍ରାୟ ୨୦,୬୩୫ କୋଟି ଟଙ୍କା ଆୟ କରିଛି, ଯାହା ଗତ ଆର୍ଥିକ ବର୍ଷର ୧୯,୨୦୪ କୋଟି ଟଙ୍କା ତୁଳନାରେ ୭.୫% ବୃଦ୍ଧି ଘଟିଛି। ଅପରପକ୍ଷରେ ପଣ୍ୟ ବୋଝେଇ ଏବଂ ଟ୍ରେନ୍ ଚଳାଚଳ କ୍ଷେତ୍ରରେ ଅନେକ ପ୍ରତିବନ୍ଧକ ଏବଂ ପ୍ରତିକୂଳ ପ୍ରଭାବ ସତ୍ତ୍ୱେ ପୂର୍ବତଟ ରେଳପଥ ଉକ୍ତ ମାଇଲଖୁଣ୍ଟ ହାସଲ କରିଛି, ରେଳ ମନ୍ତ୍ରଣାଳୟର ଅଭିନବ ପଦକ୍ଷେପ ଏବଂ ପ୍ରମୁଖ ହସ୍ତକ୍ଷେପ ଉପରେ ଧ୍ୟାନ ଦେଇ ୨୦୦ ନିୟୁତ ଟନ୍ ପଣ୍ୟ ବୋଝେଇକୁ ଅତିକ୍ରମ ହାସଲ କରାଯାଇଛି। ଯାହା ଏହାକୁ ଫାଷ୍ଟ-ଟ୍ରାକରେ ପହଞ୍ଚାଇବାରେ ସାହାଯ୍ୟ କରିଛି, ଏହି ସମୟ ମଧ୍ୟରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ୧୨୯.୯୩ ନିୟୁତ ଟନ୍ ପଣ୍ୟ ପରିବହନ କରିଥିବା ବେଳେ ୱାଲଟିୟର ରେଳ ମଣ୍ଡଳ ୫୭.୦୩ ନିୟୁତ ଟନ୍ ଏବଂ ସମ୍ବଲପୁର ରେଳମଣ୍ଡଳ ୧୩.୪୭ ନିୟୁତ ଟନ୍ ମାଲ ପରିବହନ କରିଛି। ଏ ସମ୍ପର୍କରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା କହିଛନ୍ତି ଏହି ସଫଳତା ପାଇଁ ଏହାର ତିନିଟି ରେଳ ମଣ୍ଡଳ ଓ ପରିଶ୍ରମୀ ତଥା ଉତ୍ସର୍ଗୀକୃତ କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ଶ୍ରେୟ ଦେଇଛନ୍ତି। ଏହା ସହିତ ସେ ରେଳପଥର ସହଭାଗୀ କୋଲିୟାରୀ, ବନ୍ଦର, ଇସ୍ପାତ କାରଖାନା, ସିମେଣ୍ଟ, ଆଲୁମିନା ପ୍ଲାଣ୍ଟ, ପେଟ୍ରୋଲିୟମ କମ୍ପାନୀ ଏବଂ ଖାଦ୍ୟ ନିଗମ ସମେତ ସମସ୍ତ ହିତାଧିକାରୀଙ୍କ ଉଦ୍ୟମ ଏବଂ ସହଯୋଗ ଯୋଗୁ ଉକ୍ତ ସଫଳତା ମିଳିପାରିଛି ବୋଲି ଶର୍ମା ମତପ୍ରକାଶ କରିଛନ୍ତି।

## ଏମ୍‌ଆଇଏମ୍ ପକ୍ଷରୁ କ୍ୱାଣ୍ଟ ଫଣ୍ଡ୍‌ର ଶୁଭାରମ୍ଭ

**ନୂଆଦିଲ୍ଲୀ,୬।୨**

ପୋର୍ଟଫୋଲିଓ ମ୍ୟାନେଜ୍‌ମେଣ୍ଟ କମ୍ପାନୀ ମାର୍ସେଲସ୍ ଇନ୍‌ଭେଷ୍ଟମେଣ୍ଟ ମ୍ୟାନେଜର୍ସ (ଏମ୍‌ଆଇଏମ୍) ପ୍ରା.ଲିଃ ପକ୍ଷରୁ ଏକ ସ୍ୱତନ୍ତ୍ର କ୍ୱାଣ୍ଟ-ଆଧାରିତ ଫଣ୍ଡ୍ ମାର୍ସେଲସ୍ ମେରିଟରକ୍ୟୁ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଉତ୍ପାଦ ଲାର୍ଜ, ମିଡ୍ ଓ ସ୍ମଲ୍ କ୍ୟାପ ସେଗ୍‌ମେଣ୍ଟ୍‌ରେ ୩୫ରୁ ୪୫ଟି ଷ୍ଟକ୍ ଥିବା ଏକ ବିବିଧ ପୋର୍ଟଫୋଲିଓ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ନିଫ୍ଟି ୫୦୦ ଟିଆର୍‌ଆଇ ବିରୋଧରେ ଏହି ଫଣ୍ଡ୍ ବେଞ୍ଚମାର୍କ ହେବ। ଏ ସମ୍ପର୍କରେ ଏମଆଇଏମର (ସିଓଆଇ) ଚିଫ ଇନ୍‌ଭେଷ୍ଟମେଣ୍ଟ ଅଫିସର ସୌରଭ ମୁଖାର୍ଜୀ କହିଛନ୍ତି, ଅନେକ ଖୁଚୁରା ନିବେଶକମାନେ ବହୁଦିନରୁ ଇଚ୍ଛା କରି ଆସୁଥିଲେ ଯେ ମାର୍ସେଲସ୍ ବଜାରକୁ ଏଭଳି ଏକ ଉତ୍ପାଦ ଆଣୁ ଯାହା ଏକ କ୍ଷୁଦ୍ର ଆକାରର ନିବେଶ ଆବଶ୍ୟକ କରୁଥିବ।

## ସୋନାଲିକାର ୨୬% ଘରୋଇ ଅଭିବୃଦ୍ଧି ହାସଲ

**ନୂଆଦିଲ୍ଲୀ,୬।୨**



ଦେଶର ପ୍ରମୁଖ ଟ୍ରାକ୍ଟର ରପ୍ତାନି ବ୍ରାଣ୍ଡ୍ ସୋନାଲିକା ଟ୍ରାକ୍ଟର୍ସ ଚଳିତ ବର୍ଷ ଜାନୁୟାରୀରେ ମୋଟ ୯,୭୪୧ଟି ଟ୍ରାକ୍ଟର ବିକ୍ରି କରିଥିବା ଜଣାପଡିଛି। ଏପରିକି କମ୍ପାନୀର ବିକ୍ରି ପରିମାଣ ଜାନୁୟାରୀରେ ପ୍ରାୟ ୨୬% ଅଭିବୃଦ୍ଧିର ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବିଶେଷକରି କମ୍ପାନୀର ଅଫିସିଆଲ ୱେବ୍‌ସାଇଟ୍‌ରେ ମଧ୍ୟ ବ୍ରାଣ୍ଡ୍‌ର ସମସ୍ତ ଟ୍ରାକ୍ଟର ମୂଲ୍ୟକୁ ଉନ୍ମୋଚନ କରିବାର ଏକ ଅତୁଳନୀୟ ପଦକ୍ଷେପ ଗ୍ରହଣ କରିଛି। ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ସୋନାଲିକା ଟ୍ରାକ୍ଟର୍ସରେ ଆମେ କୃଷକଙ୍କ ସମୃଦ୍ଧି ଓ ଆୟ ବୃଦ୍ଧି ପାଇଁ ନିରନ୍ତର ଉଦ୍ଭାବନ ଜାରି ରଖିଛୁ। ଏପରିକି ଆମର ସ୍ୱତନ୍ତ୍ର ଆଭିମୁଖ୍ୟ ଆମ ଡିଏନ୍‌ଏରେ ଗଭୀର ଭାବେ ଅନ୍ତର୍ନିହିତ ରହିଛି, ବିଶେଷକରି ଅଭିନବ ଉତ୍ପାଦ ଲଞ୍ଚ କରିବା ସହ ଆମେ ୱେବ୍‌ସାଇଟ୍‌ରେ ମଧ୍ୟ ଟ୍ରାକ୍ଟର ମୂଲ୍ୟ ଉନ୍ମୋଚନ କରିବା ଭଳି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛୁ, ଯାହା କୃଷି ସମୁଦାୟ ମଧ୍ୟରେ ଏକ ପ୍ରକାରର ବିପ୍ଳବ ସୃଷ୍ଟି କରିଛି। ଏଭଳି ପଦକ୍ଷେପ ଦ୍ୱାରା ଆମର ବର୍ଦ୍ଧିତ ଉତ୍ପାଦ ପୋର୍ଟଫୋଲିଓରେ ଟ୍ରାକ୍ଟର କ୍ରୟ ପ୍ରକ୍ରିୟାରେ ସ୍ୱଚ୍ଛତା ସୁନିଶ୍ଚିତ ହୋଇପାରୁଛି, ଫଳରେ ଚାଷୀଙ୍କ ଏକ ବଡ ସମସ୍ୟାର ସମାଧାନ ହୋଇପାରିଛି। ଏହା ଆମକୁ ୨୦୨୩ ଜାନୁୟାରୀରେ ଶିଳ୍ପ ଅଭିବୃଦ୍ଧିକୁ ପଛରେ ପକାଇ ୯୭୪୧ଟି ଟ୍ରାକ୍ଟର ବିକ୍ରି ସହ ୨୬% ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ କରିଛି।

## ଆକ୍ସିସ୍ ବ୍ୟାଙ୍କର 'ଉନ୍ନତ ରିୱାର୍ଡ ରିଡେମ୍ପଶନ୍' କାର୍ଯ୍ୟକ୍ରମ

**ନୂଆଦିଲ୍ଲୀ,୬।୨**

ଆକ୍ସିସ୍ ବ୍ୟାଙ୍କ୍ ପକ୍ଷରୁ ଏକ ଅଭିନବ ବ୍ୟବସାୟିକ ଯୋଜନା 'ଉନ୍ନତ ରିୱାର୍ଡ ରିଡେମ୍ପଶନ୍'କାର୍ଯ୍ୟକ୍ରମର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବିଭିନ୍ନ ଶିଳ୍ପ କ୍ଷେତ୍ରର ଏୟାରଲାଇନ୍ସ ଓ ହୋଟେଲ୍ ଲୟାଲ୍‌ଟି ପ୍ରୋଗ୍ରାମ ସହଯୋଗିତାରେ ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ଆକ୍ସିସ୍ ବ୍ୟାଙ୍କ୍ ଡେବିଟ୍ କାର୍ଡ ଏବଂ କ୍ରେଡିଟ୍ କାର୍ଡ ଗ୍ରାହକମାନଙ୍କୁ ସେମାନେ ହାସଲ କରିଥିବା ଏଜ୍ ରିୱାର୍ଡ-ମାଇଲ୍‌କୁ ସିଙ୍ଗାପୁର ଏୟାରଲାଇନ୍ସ (କ୍ରିସ୍‌ଫ୍ଲାୟର), ମାରିଅଟ ଇଣ୍ଟରନ୍ୟାଶନାଲ୍ (ମାରିଅଟ ବନଭଏ), ଆଇଟିସି ହୋଟେଲ୍ (କ୍ଲବ୍ ଆଇଟିସି), ତର୍କିସ ଏୟାରଲାଇନ୍ସ (ମାଇଲ୍‌ସ ଆଣ୍ଡ ସ୍ମାଇଲ୍‌ସ), କତାର ଏୟାରୱେଜ୍ (ପ୍ରିଭିଲେଜ୍ କ୍ଲବ୍), ୟୁନାଇଟେଡ୍ ଏୟାରଲାଇନ୍ସ (ମାଇଲେଜ୍‌ପ୍ଲସ) ଭଳି ୧୩ ସହଯୋଗୀଙ୍କୁ ନିରବଚ୍ଛିନ୍ନ ଭାବେ ସ୍ଥାନାନ୍ତର କରିପାରିବେ। ସେହିଭଳି ବ୍ୟାଙ୍କ୍‌ର ଏଭଳି ଏକ ସେବା ଗ୍ରାହକମାନଙ୍କୁ ଚୟନ କରିବା ଲାଗି ବ୍ୟାପକ ରିୱାର୍ଡର ବିକଳ୍ପ ସହ ନିଜ ଯାତାୟାତ ଯୋଜନାରେ ତାହାକୁ ସାମିଲ କରିବାର ଶକ୍ତି ପ୍ରଦାନ କରୁଛି। ବ୍ୟାଙ୍କିଙ୍ଗ ଶିଳ୍ପରେ ସର୍ବବୃହତ ରିୱାର୍ଡ ସ୍ଥାନାନ୍ତର ସେବା ସହ ଉକ୍ତ କାର୍ଯ୍ୟକ୍ରମକୁ ସମ୍ପ୍ରସାରଣ କରିବାକୁ ବ୍ୟାଙ୍କ୍ ଲକ୍ଷ୍ୟ ରଖିଛି। ସେହିପରି ଆକ୍ସିସ୍ ବ୍ୟାଙ୍କ୍ କ୍ରେଡିଟ୍ କାର୍ଡର ସମ୍ଭ୍ରାନ୍ତ ବର୍ଗର ଗ୍ରାହକମାନଙ୍କ ଲାଗି ଉକ୍ତ କାର୍ଯ୍ୟକ୍ରମ ବେଶ୍ ଉପଯୋଗୀ ହେବ। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ସଭାପତି ଓ ମୁଖ୍ୟ-କାର୍ଡସ ଆଣ୍ଡ ପେମେଣ୍ଟସ ସଞ୍ଜୀବ ମୋଘେ କହିଛନ୍ତି, ଗ୍ରାହକମାନଙ୍କୁ ପ୍ରଦାନ କରାଯାଉଥିବା ମୂଲ୍ୟ ଉପସ୍ଥାପନାକୁ ସୁଦୃଢ଼ କରିବା ଏବଂ ସୁବିଧାରେ ପ୍ରିମିୟମ୍ ଲାଭ ପ୍ରଦାନ କରିବା ପାଇଁ ଆମେ ନିରନ୍ତର ଭାବେ ନବସୃଜନ ନେତୃତ୍ୱାଧୀନ ମଡେଲ୍ ଉପରେ କାର୍ଯ୍ୟ କରୁଛୁ।

## ଖିମ୍‌ଜୀର ଭାଲେଣ୍ଟାଇନ୍ କଲେକ୍ସନ 'ଲଭ୍‌ଷ୍ଟ୍ରକ୍-୨୦୨୩'

**ଭୁବନେଶ୍ୱର,୬।୨**




ରାଜ୍ୟର ସର୍ବପୁରାତନ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ସ୍ୱତନ୍ତ୍ର ଭାଲେଣ୍ଟାଇନ୍ କଲେକ୍ସନ 'ଲଭ୍‌ଷ୍ଟ୍ରକ୍ ୨୦୨୩'ର ଉନ୍ମୋଚନ କରାଯାଇଛି। ବିଶେଷ କରି ଚଳିତ ବର୍ଷ ଫେବୃୟାରୀ ୧୪ ପର୍ଯ୍ୟନ୍ତ ଏହି କଲେକ୍ସନ ଖିମ୍‌ଜୀର ସମସ୍ତ ଷ୍ଟୋରରେ ଉପଲବ୍ଧ ରହିବ। ସେହିଭଳି 'ଲଭ୍‌ଷ୍ଟ୍ରକ୍ ୨୦୨୩' ଅବସରରେ ୧୨,୬୦୦ ଟଙ୍କାରୁ ଆରମ୍ଭ କରି ଗ୍ରାହକମାନେ ହୀରା ଅଳଙ୍କାରର ପେଣ୍ଡେଣ୍ଟ, ମୁଦି ଏବଂ ବ୍ରେସ୍‌ଲେଟ୍‌ର ବ୍ୟାପକ ସମ୍ଭାର ପାଇପାରିବେ। ଏହା ସହିତ ଖିମ୍‌ଜୀ ଷ୍ଟୋରକୁ ଆସୁଥିବା ଦମ୍ପତିମାନଙ୍କ ପାଇଁ ମଧ୍ୟ ଏକ 'ସେଲ୍ଫି ପ୍ରତିଯୋଗିତା'ର ଆୟୋଜନ କରାଯାଇଛି। ଉକ୍ତ ପ୍ରତିଯୋଗିତାର ନିୟମ ଅନୁଯାୟୀ ପ୍ରତିଯୋଗୀମାନେ ଖିମଜୀ ଷ୍ଟୋର ପରିସରରେ ସ୍ୱତନ୍ତ୍ର ଭାବେ ଡିଜାଇନ୍ ହୋଇଥିବା 'ସେଲ୍ଫି ସ୍ପଟ୍'ରେ ଏକ ସେଲ୍ଫି ନେଇ ତାହାକୁ ନିଜର ଫେସ୍‌ବୁକ୍ କିମ୍ବା ଇନ୍‌ଷ୍ଟାଗ୍ରାମ ଟାଇମଲାଇନ୍‌ରେ ପୋଷ୍ଟ କରି ଖିମ୍‌ଜୀର ଅଫିସିଆଲ୍ ପେଜ୍‌କୁ ଟ୍ୟାଗ୍ କରିବେ। ଏପରିକି ଉକ୍ତ ପ୍ରତିଯୋଗିତାର ସର୍ବୋତ୍ତମ ଫଟୋକୁ ଖିମ୍‌ଜୀ ଜୁଏଲର୍ସ ଅଫିସଆଲ୍ ଆକାଉଣ୍ଟରେ ଅପ୍‌ଲୋଡ୍ କରାଯିବ।

ଏ ସମ୍ପର୍କରେ ଖିମଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଭାଲେଣ୍ଟାଇନ୍ ଡେ ହେଉଛି ପ୍ରେମର ଉତ୍ସବ। ଆମର ପ୍ରିୟ ଗ୍ରାହକମାନଙ୍କ ଭାବନାକୁ ବୁଝି ଆମେ ଏହି ସ୍ୱତନ୍ତ୍ର ସଂଗ୍ରହଗୁଡ଼ିକୁ ନେଇ ଆସିଛୁ। ପ୍ରେମ ଏବଂ ଉତ୍ସାହ ସହିତ ନିର୍ମିତ 'ଲଭ୍‌ଷ୍ଟ୍ରକ୍ ୨୦୨୩'ର ସଂଗ୍ରହ ଆମ ପ୍ରିୟଜନଙ୍କ ପାଇଁ ପ୍ରେମର ଅଭିବ୍ୟକ୍ତିକୁ ଦର୍ଶାଇବ ବୋଲି ସେ ମତପ୍ରକାଶ କରିଛନ୍ତି।

## ଜାନୁୟାରୀରେ ୧୮,୨୬,୬୬୯ ୟୁନିଟ ଗାଡ଼ି ବିକ୍ରି

**ନୂଆଦିଲ୍ଲୀ,୬।୨**

ଚଳିତ ବର୍ଷ ଜାନୁୟାରୀ ମାସରେ ଦେଶର ଅଟୋମୋବାଇଲ ସେଲ (ଯାନ ବିକ୍ରି) ପୂର୍ବ ବର୍ଷର ସମାନ ଅବଧିର ବିକ୍ରି ଅପେକ୍ଷା ପ୍ରାୟ ୧୪% (୧୩.୫୬) ବୃଦ୍ଧି ପାଇଥିବା ଜଣାପଡିଛି। ଏପରିକି ୨୦୨୩ ଜାନୁୟାରୀରେ ଦେଶର ମୋଟ ୧୮,୨୬,୬୬୯ ୟୁନିଟ ଗାଡ଼ି ବିକ୍ରି ହୋଇଥିବା ବେଳେ ୨୦୨୨ ଜାନୁୟାରୀରେ ଏହାର ପରିମାଣ ୧୬,୦୮,୫୦୫ ୟୁନିଟ କରାଯାଇଥିବା ଫେଡେରେସନ ଅଫ୍ ଅଟୋମୋବାଇଲ୍ ଡିଲର୍ସ ଆସୋସିଏସନ୍ (ଫାଡା) ପକ୍ଷରୁ କୁହାଯାଇଛି। ଏପରିକି ସୋମବାର ଫାଡା ପକ୍ଷରୁ ୨୦୨୩ ଜାନୁୟାରୀ ମାସର ଗାଡ଼ି ବିକ୍ରି ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଛି। ସେହିଭଳି ୨୦୨୩ ଜାନୁୟାରୀରେ ୨ ଚକିଆ ଗାଡ଼ି ୧୦%, ୩ ଚକିଆ ଗାଡ଼ି ୫୯%, ଯାତ୍ରୀବାହୀ ଗାଡ଼ି ୨୨%, ଟ୍ରାକ୍ଟର ୮% ଏବଂ ବାଣିଜ୍ୟକ ଗାଡ଼ି ୧୬ % ବିକ୍ରି ହୋଇଥିବା ଫାଡା ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ଫାଡାର ସଭାପତି ମନିଷ ରାଜ ସିଂଘାଣିଆ କହିଛନ୍ତି, ଦେଶରେ ଯାତ୍ରୀବାହୀ ଗାଡ଼ି ବୁକିଂ ଅର୍ଡ଼ର ଦିନକୁ ଦିନ ବୃଦ୍ଧି ପାଉଛି। ହେଲେ ଦେଶରେ ୨ ଚକିଆ ଗାଡ଼ି ବିକ୍ରି ପ୍ରଦର୍ଶନ ଭଲ ରହୁଛି, ବିଶେଷ କରି ଗ୍ରାମାଞ୍ଚଳରେ ଗାଡ଼ି ବିକ୍ରିରେ ଭଲ ପ୍ରଦର୍ଶନ କରିନାହିଁ। ତେବେ ୩ ଚକିଆ ଗାଡ଼ି ବିକ୍ରି ଦେଶରେ ପୂର୍ବବର୍ଷ ତୁଳନାରେ ୬୦% ବୃଦ୍ଧି ପାଇଛି। ଏପରିକି ଯାତ୍ରୀବାହୀ ଗାଡ଼ି ପୂର୍ବବର୍ଷ ତୁଳନାରେ ୨୨% ବୃଦ୍ଧି ହୋଇଛି। ସେହିଭଳି ୨୦୨୧ ଜାନୁୟାରୀରୁ ୧୦ % ଏବଂ ୨୦୨୦ ଜାନୁୟାରୀ ଠାରୁ ୮% ଗାଡ଼ି ବିକ୍ରିରେ ବୃଦ୍ଧି ଘଟିଛି। ଏତଦ୍‌ବ୍ୟତୀତ ବଜାରରେ ବିଳାସପୂର୍ଣ୍ଣ ଗାଡ଼ି ମାନଙ୍କ ମଧ୍ୟରେ ମାରୁତି ସୁଜୁକି ଗାଡ଼ି ଦେଶରେ ବିକ୍ରି କରିବାରେ ଭଲ ପ୍ରଦର୍ଶନ ଜାରି ରଖିଛି। ଏହା ପରେ ହୁଣ୍ଡାଇ ମୋଟର ଏବଂ ଟାଟା ମୋଟର୍ସର ଗାଡ଼ି ବିକ୍ରି ଉତ୍ସାହଜନକ ରହିଥିଲା ବୋଲି ସେ ମତପ୍ରକାଶ କରିଛନ୍ତି।

## ଫୁର୍‌ସତ୍

## ଇ-ବର୍ଜ୍ୟବସ୍ତୁରେ ଷ୍ଟାଚ୍ୟୁ

**ଲକ୍ଷ୍ନୌ**

ବର୍ତ୍ତମାନ ସମୟରେ ଆବର୍ଜନାକୁ ବ୍ୟବହାର କରି ବିଭିନ୍ନ କଳାକୃତି ମାନ ତିଆରି କରାଯାଉଛି। ତେବେ ଜୟପୁରର ମୁକେଶ କୁମାର ଜୱାଲା ନାମକ ଯୁବକ ବ୍ୟାଙ୍କରେ ବ୍ୟବହୃତ ଇ-ବର୍ଜ୍ୟବସ୍ତୁ ଜିନିଷକୁ ଏକାଠି କରି ଏକ ଷ୍ଟାଚ୍ୟୁ ତିଆରି କରିଛନ୍ତି। ଏହାର ଉଚ୍ଚତା ୧୦ ଫୁଟ ରହିଛି। ଷ୍ଟାଚ୍ୟୁର ନାମ ହେଉଛି 'ମାତ୍ରକ', ଯାହାର ଅର୍ଥ ଜଣେ ମହିଳା ବା ସୃଷ୍ଟିକର୍ତ୍ତା। ଷ୍ଟାଚ୍ୟୁଟିରେ ଜଣେ ମହିଳା ଚକା ପକାଇ ବସିବା ସହ ହାତ ଯୋଡ଼ିଥିବା ନଜରକୁ ଆସିଛି। ତାଙ୍କ ମୁହଁ ଏସ୍‌ବିଆଇର ଲୋଗୋ ସଦୃଶ ହୋଇଛି। ଆର୍ଟିଷ୍ଟ ମୁକେଶ ଏହି ଷ୍ଟାଚ୍ୟୁକୁ ତିଆରି କରିବା ପାଇଁ କମ୍ପ୍ୟୁଟରର ବିଭିନ୍ନ ସରଞ୍ଜାମ ଯଥା ୨୫୦ ଡେକ୍ସଟପ୍, ୨୦୦ ମଦର ବୋର୍ଡ, ଡେବିଟ୍ ଓ କ୍ରେଡିଟ୍ କାର୍ଡ, ମାଉସ୍, ଡିଭିଡି ରାଇଟର୍ ସହ ବ୍ୟାଙ୍କରେ ବ୍ୟବହୃତ ଇ-ବର୍ଜ୍ୟବସ୍ତୁ ବ୍ୟବହାର କରିଛନ୍ତି। ଏହାକୁ ତିଆରି କରିବା ପାଇଁ ତାଙ୍କ ଟିମ୍‌କୁ ଏକ ମାସ ସମୟ ଲାଗିଥିଲା।



## ନିମନ୍ତ୍ରଣ ରଖିଲେ



ସୋନୁ ସୁଦ୍

**ମୁମ୍ବାଇ:** ବଲିଉଡ୍ ଅଭିନେତା ସୋନୁ ସୁଦ୍ ତାଙ୍କ କାର୍ଯ୍ୟକଳାପ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥା'ନ୍ତି। ନିକଟରେ ସେ ଜୟପୁରରେ ଏକ ଠେଲାଗାଡ଼ିରୁ ପାଓଭାଜି ଖାଇ ଖୁସି ବାଣ୍ଟିଛନ୍ତି। ୨୦୨୧ ଜାନୁୟାରୀରେ ବଳରାମ ସିଂ ନାମକ ଜଣେ ବ୍ୟକ୍ତି ସୋନୁଙ୍କ ନାମରେ ଏକ ଠେଲାଗାଡ଼ିରେ ଜଳଖିଆ ଦୋକାନ ଖୋଲିଥିଲେ। ତାଙ୍କର ସେହି ଦୋକାନର ଫଟୋ ଉଠାଇ ବିକାଶ ଗୁପ୍ତା ନାମକ ଜଣେ ବ୍ୟକ୍ତି ସୋନୁଙ୍କୁ ଟ୍ୟାଗ କରି ଟୁଇଟରରେ ପୋଷ୍ଟ କରିଥିଲେ। ଆଉ ଲେଖିଥିଲେ, ସାର୍! ଖାଦ୍ୟ ଖାଇବାକୁ ଜୟପୁର କେବେ ଆସୁଛନ୍ତି? ସେହି ଟୁଇଟର ଜବାବରେ ସୋନୁ ଲେଖିଥିଲେ, 'ଦିନେ ନିଶ୍ଚୟ ଆସିବି, ହେଲେ ପାଓଭାଜିରେ ମଖନ ଟିକେ ଅଧିକ ପକାଇବ।' ଗତ ଶନିବାର ବଳରାମଙ୍କ ପାଖକୁ ଏକ ଫୋନ୍‌କଲ୍ ଆସିଥିଲା ଯେ ସୋନୁ ତାଙ୍କ ଦୋକାନକୁ ଆସୁଛନ୍ତି। ହେଲେ ବଳରାମ ପ୍ରଥମେ ବିଶ୍ୱାସ କରି ନ ଥିଲେ। ପରେ ପରେ ସୋନୁ ତାଙ୍କ ନିମନ୍ତ୍ରଣ ରଖି ଆସି ଦୋକାନରେ ପହଞ୍ଚିଥିଲେ।

## ବୋବାଉ ନ ଥିବା ବେଙ୍ଗ

**ଡୋଡୋମା**



ନିକଟରେ ଆଫ୍ରିକାର ୟୁନିଭର୍ସିଟି ଅଫ୍ ସିନ୍‌ସିନାଟି, ଓହିଓର ଗବେଷକ ବେଙ୍ଗର ଏକ ନୂଆ ପ୍ରଜାତି ଠାବ କରିଛନ୍ତି। ତାଞ୍ଜାନିଆର ୟୁକାଗୁରୁ ପର୍ବତରୁ ଠାବ କରାଯାଇଥିବା ଏହି ମେରୁଦଣ୍ଡ ଥିବା ପ୍ରଜାତିର ବେଙ୍ଗ ବିଶ୍ୱରେ ବହୁତ କମ୍ ମାତ୍ରାରେ ଦେଖିବାକୁ ମିଳିଥା'ନ୍ତି। ଏହି ପ୍ରଜାତିର ବେଙ୍ଗ ଜନସଂଖ୍ୟା ବହୁତ ଛୋଟ। ତେବେ ପୁରୁଷ ବେଙ୍ଗମାନେ ଅନ୍ୟ ବେଙ୍ଗଙ୍କ ଭଳି ଶବ୍ଦ କରିପାରନ୍ତି ନାହିଁ। ସେମାନେ କଥାବାର୍ତ୍ତା ପାଇଁ ଏକ ବ୍ରେଲି ଭଳି କିଛି ପ୍ରଣାଳୀ ଆପଣାଉଥିବା ଗବେଷକମାନେ ଅନୁମାନ କରି କହିଛନ୍ତି। ଏହି ପ୍ରଜାତିର ବେଙ୍ଗଙ୍କ ସଂଖ୍ୟା କମ୍ ଥିବାବେଳେ ଏମାନେ ବିଲୁପ୍ତ ପ୍ରାୟ ଗୋଷ୍ଠିରେ ଅନ୍ତର୍ଭୁକ୍ତ। ସେମାନେ ସାଧାରଣତଃ ସବୁଜ, ସୁନାରଙ୍ଗ, ମାଟିଆ ରଙ୍ଗର ହୋଇଥା'ନ୍ତି। ଏମାନଙ୍କ ମୁଣ୍ଡ ଅପେକ୍ଷା ଆଖି ଛୋଟ ହୋଇଥାଏ।

## ସାଣ୍ଡୱିଚ ଚୋରି କରି ଚାକିରି ଗଲା

**ଲଣ୍ଡନ:** ଅଫିସ କ୍ୟାଣ୍ଟିନରୁ ସାଣ୍ଡୱିଚ ଚୋରି କରିବା ପଡ଼ିଲା ମହଙ୍ଗା। ଏଭଳି ଏକ ଆଶ୍ଚର୍ଯ୍ୟଜନକ ଘଟଣା କେନରି ୱାର୍ଫରେ ଥିବା ସିଟିବ୍ୟାଙ୍କ ୟୁରୋପୀୟ ମୁଖ୍ୟାଳୟରେ ଘଟିଛି। ସୂଚନାନୁଯାୟୀ, ଲଣ୍ଡନରେ ଥିବା ଏକ ଅଫିସ କ୍ୟାଣ୍ଟିନରୁ ସାଣ୍ଡୱିଚ ଚୋରି କରିଥିବାରୁ ହାଇ ପ୍ରୋଫାଇଲ ଭାରତୀୟ ବ୍ୟାଙ୍କର ପାରସ ଶାହାଙ୍କୁ ଚାକିରିରୁ ବରଖାସ୍ତ କରିଦିଆଯାଇଛି। ପାରସଙ୍କ ବାର୍ଷିକ ଦରମା ପ୍ରାୟ ୯.୨ କୋଟି ଟଙ୍କା ଥିଲା। ବ୍ୟାଙ୍କର ଏଭଳି କାର୍ଯ୍ୟାନୁଷ୍ଠାନ ପରେ ଏହା ଶାହାଙ୍କ ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇଥିବା କିଛି ଲୋକେ କହୁଥିବା ବେଳେ ଆଉ କେତେକ ବ୍ୟାଙ୍କ ପରିଚାଳନାର କଠୋର ମନୋଭାବକୁ ପ୍ରଶଂସା କରିଛନ୍ତି। ଶାହା ୨୦୧୦ରେ ବାଥ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ଡିଗ୍ରୀ ହାସଲ କରିଥିଲେ। ଏହା ପରେ ସେ ଏଚଏସ୍‌ବିସିର ଫିକ୍ସଡ ଇନ୍‌କମ ଟ୍ରେଡିଂ ବିଭାଗରେ ଥିଲେ। ପରେ ୨୦୧୭ରେ ସିଟିବ୍ୟାଙ୍କ ଗ୍ରୁପରେ ସେ ଯୋଗ ଦେଇଥିଲେ। ସୂଚନା ଅନୁଯାୟୀ, ପାରସ ଶାହାଙ୍କ ବିରୋଧରେ ଏହା ପ୍ରଥମ ମାମଲା ନୁହେଁ। ଏହାପୂର୍ବରୁ ମଧ୍ୟ ତାଙ୍କ ନାଁରେ ଚୋରି ଅଭିଯୋଗ ହୋଇଛି।

### ପାଉଥିଲେ ୯.୨ କୋଟି ଦରମା



## ରାସ୍ତା ମଝିରେ ଦେହରେ ବନ୍ଧୁକ ଝୁଲାଇ ଡ୍ୟାନ୍ସ



**ଲକ୍ଷ୍ନୌ**

ନିକଟରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ କିଛି ଯୁବକ ନିଶାସକ୍ତ ଅବସ୍ଥାରେ ରାସ୍ତା ମଝିରେ ବନ୍ଧୁକ କାନ୍ଧରେ ଝୁଲାଇ ଡ୍ୟାନ୍ସ କରୁଥିବା ନଜରକୁ ଆସିଛି। ଏଥିପାଇଁ ପୋଲିସ ସେମାନଙ୍କ ନାମରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଶନିବାର ଉତ୍ତର ପ୍ରଦେଶ ଅନ୍ତର୍ଗତ ଗାଜିଆବାଦର ଇନ୍ଦିରାପୁରମ୍ ପୋଲିସ ଷ୍ଟେଶନ ଅଞ୍ଚଳରେ କିଛି ଯୁବକ ଏପରି କାଣ୍ଡ କରିଛନ୍ତି। କାର୍‌ରେ ଉଚ୍ଚ ଶବ୍ଦଯୁକ୍ତ ଗୀତ ଲଗାଇବା ସହ ନିଶା ସେବନ କରି କାନ୍ଧରେ ବନ୍ଧୁକ ଝୁଲାଇଥିଲେ। ଅନ୍ୟ ଏକ ଭିଡିଓରେ ସେମାନେ ଗାଡ଼ି ଚଲାଉଥିବା ସହ ଶୂନ୍ୟରେ ଗୁଳିଚାଳନା କରିଥିବା ଦେଖିବାକୁ ମିଳିଛି। ପୋଲିସ ସେହି କାର୍ ନମ୍ବରକୁ ଯାଞ୍ଚ କରି କାରର ମାଲିକଙ୍କ ନାମରେ ମାମଲା ରୁଜୁ କରିଛି। ଏହା ପୂର୍ବରୁ ଗତ ଡିସେମ୍ବରରେ ସେହି ରାସ୍ତାରେ ଏପରି ଏକ ଘଟଣାରେ କିଛି ଯୁବକଙ୍କୁ ପୋଲିସ ଗିରଫ କରିଥିଲା।

# ସୋମାଲିକାଙ୍କ ବୟାନ ରେକର୍ଡ

**ବିଧାୟକ ବିଜୟଶଙ୍କରଙ୍କ ପ୍ରେମ ସମ୍ପର୍କ, ବିବାହ ପ୍ରତିଶ୍ରୁତି ମାମଲା**

■ ୬ ଘଣ୍ଟା ପଚରାଉଚରା, ଡାକ୍ତରୀମାଇନା

**ଜଗତ୍‌ସିଂହପୁର ଅଫିସ, ୬।୨:**

ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସଙ୍କ ପ୍ରେମ ସମ୍ପର୍କ ଓ ବିବାହ ମାମଲା ଦିନକୁ ଦିନ ଭିନ୍ନ ମୋଡ଼ ନେବାରେ ଲାଗିଛି। ବିଧାୟକ ଦାସଙ୍କ ବିରୋଧରେ ତାଙ୍କ ପ୍ରେମିକା ତଥା ସ୍ଥାନୀୟ ଦେଉଳୀଗ୍ରାମେଶ୍ୱର ଗ୍ରାମର ସଂଗ୍ରାମ କିଶୋର ଦାଶଙ୍କ ଝିଅ ସୋମାଲିକା ଦାଶ (୨୯) ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ଜଗତ୍‌ସିଂହପୁର ଥାନାରେ ପୁନଃ ଅଭିଯୋଗ କଲାପରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ପୋଲିସ ସୋମବାର ସୋମାଲିକାଙ୍କୁ ଜଗତ୍‌ସିଂହପୁର ଥାନାକୁ ଡକାଇ ପ୍ରାୟ ୬ ଘଣ୍ଟା କାଳ ପଚରାଉଚରା କରିଛି। ଜଗତ୍‌ସିଂହପୁର ଏସ୍‌ଡିପିଓ ରମେଶ ଚନ୍ଦ୍ର ସିଂହ, ଜଗତ୍‌ସିଂହପୁର ଥାନା ଆଇଆଇସି ଶୁଭ୍ରାଂଶୁ ପରିଡ଼ା ଓ ତଦନ୍ତକାରୀ ଅଧିକାରୀ ବବିତା ଦଳେଇ ପ୍ରମୁଖ ସୋମାଲିକାଙ୍କଠାରୁ ବିଧାୟକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଏବଂ ବିବାହ ପ୍ରତିଶ୍ରୁତି ଆଦି ଉପରେ ତଥ୍ୟ ଓ ପ୍ରମାଣ ଯୋଗାଡ଼ ପାଇଁ ଉଦ୍ୟମ କରିଛନ୍ତି। ଏହାପରେ ପୋଲିସ ସୋମାଲିକାଙ୍କୁ ଡାକ୍ତରୀମାଇନା ପାଇଁ ଜିଲା ମୁଖ୍ୟ


ବିଜୟଶଙ୍କର ଦାସ


ସୋମାଲିକା ଦାଶ

ଚିକିତ୍ସାଳୟକୁ ନେଇଛି। ସେଠାରେ ତାଙ୍କ ଡିଏନ୍‌ଏ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଥିବା କୁହାଯାଉଛି। ଏଥିସହ ରକ୍ତ ଓ ଅନ୍ୟାନ୍ୟ ନମୁନା ସଂଗ୍ରହ କରାଯାଇଛି । ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଳୟ ସୁପରିଣ୍ଟେଣ୍ଡେଣ୍ଟ ନିମାଇଁ ଚରଣ ନାୟକଙ୍କୁ ପଚାରିବାରୁ ପୋଲିସ ରିକ୍ୟୁଜିଶନ ଆଧାରରେ ସୋମାଲିକାଙ୍କ ବିଭିନ୍ନ ପରୀକ୍ଷା ହେଉଛି ବୋଲି କହିଥିଲେ। ସ୍ତ୍ରୀ ଓ ପ୍ରସୂତି ବିଭାଗର ଡ. ପୁଷ୍କର କୁମାର ବେହେରା ଓ ଡ. ମଧୁସ୍ମିତା ସାହୁ ଏହି ଦାୟିତ୍ୱରେ ଅଛନ୍ତି। ଏସ୍‌ଡିପିଓ ସିଂହ କହିଛନ୍ତି, ଧାରା ୧୬୧ ଅନୁଯାୟୀ, ସୋମାଲିକାଙ୍କ ବୟାନ ରେକର୍ଡ ସହ ଡାକ୍ତରୀ ମାଇନା କରାଯାଇଛି। ଏସ୍‌ପି ରାହୁଲ ପିଆର୍ କହିଛନ୍ତି, ଏବେ ତଦନ୍ତର ପ୍ରାଥମିକ ଅବସ୍ଥା। ତଦନ୍ତ ଆଗକୁ ଅଧିକ ହେବ। ତେଣୁ ଏବେ କିଛି କହିବା ସମ୍ଭବ ନୁହେଁ। ସୋମାଲିକା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ପୋଲିସ ତାଙ୍କୁ ଯାହା କିଛି ପଚାରିଛି, ସେ ତା'ର ଉତ୍ତର ଦେଇଛନ୍ତି । ଏସବୁ ରେକର୍ଡ କରାଯାଇଛି । ପରେ ସେ ଅଧିକ ସୂଚନା ଦେବେ ବୋଲି କହିଛନ୍ତି। ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଧାୟକ ଦାସଙ୍କ ସହ ସୋମାଲିକାଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ସୋମାଲିକା ନିଜେ ଏହାକୁ ଭାଇରାଲ କରି ଚର୍ଚ୍ଚାକୁ ଆସିଥିଲେ। ପରେ ସେମାନଙ୍କ ବିବାହ ନିଷ୍ପତ୍ତି ହୋଇଥିଲା। ୧୭।୫।୨୦୨୨ରେ ଜଗତ୍‌ସିଂହପୁର ସ୍ୱତନ୍ତ୍ର ବିବାହ ଅଧିକାରୀ (ଡିଏସ୍‌ଆର୍)ଙ୍କ କୋର୍ଟରେ ଉଭୟ ବିବାହ ପାଇଁ ଆବେଦନ କରିଥିଲେ। ଆବେଦନର ୩୦ ଦିନ ଭିତରେ କାହାରି କିଛି ଆପତ୍ତି ଅଭିଯୋଗ ନ ଥିଲେ ୩୧ ଦିନରୁ ୯୦ ଦିନ ମଧ୍ୟରେ ଯେ କୌଣସି ସମୟରେ ଉଭୟ ବିବାହ କରିପାରିବେ ବୋଲି କୁହାଯାଇଥିଲା। କିନ୍ତୁ ଆବେଦନର ୩୧ ଦିନ ସୋମାଲିକା ତାଙ୍କ ସମ୍ପର୍କୀୟମାନଙ୍କ ସହ ଡିଏସ୍‌ଆର୍‌ଙ୍କ କାର୍ଯ୍ୟାଳୟରେ ବିବାହ ପାଇଁ ପହଞ୍ଚିଥିଲେ। ସକାଳୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବିଧାୟକ ବିଜୟଶଙ୍କରଙ୍କୁ ଅପେକ୍ଷା କରି ନିରାଶ ହେଲା ପରେ ସେ ଫେରି ଯାଇଥିଲେ। ରାଗରେ ସେ ବିଧାୟକଙ୍କ ଚରିତ୍ରକୁ ନେଇ କଟୁ ସମାଲୋଚନା କରିଥିଲେ। ପୂର୍ବରୁ ସେ ବିଜୟଶଙ୍କରଙ୍କ ନାଁରେ ଜଗତ୍‌ସିଂହପୁର ଥାନା ଓ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିବାରୁ ପୁଣି ମାମଲା ଚାଲୁ କରିବାକୁ ସେତେବେଳେ ଚେତାବନୀ ଦେଇଥିଲେ। କିନ୍ତୁ ମା'ଙ୍କ ଦେହ ଖରାପ କାରଣରୁ ପରବର୍ତ୍ତୀ ସମୟରେ ବିବାହ କରିବେ ବୋଲି ବିଜୟଶଙ୍କର ପ୍ରତିଶ୍ରୁତି ଦେଇ ଦୀର୍ଘ ଦିନ ପର୍ଯ୍ୟନ୍ତ କୌଣସି ଆଗ୍ରହ ପ୍ରକାଶ କରି ନାହାନ୍ତି। ଏନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ପର୍ଯ୍ୟାୟକ୍ରମେ ବଢ଼ି ଚାଲିଥିଲା। ଏହି ଘଟଣାରେ ପୋଲିସ ନୀରବତା ଅବଲମ୍ବନ କରିବାରୁ ସୋମାଲିକା ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ।

## ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ

**ବଘିଆପଡ଼ା, ୬।୨(ଡି.ଏନ୍.ଏ.):** ବୌଦ୍ଧ ଥାନା ବଘିଆପଡ଼ା ଫାଣ୍ଡି ଅନ୍ତର୍ଗତ ଗୌଡଦେଇସ୍ଥିତ ପଲିଟେକ୍‌ନିକ୍ କଲେଜ ପଛ ପାଖ ଜଙ୍ଗଲର ଏକ ଗଛରୁ ସୋମବାର ପୋଲିସ ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତ ଯୁବକ ଜାମୁପାଲି ଗ୍ରାମର ଅଜିତ ଭୋଇ ହୋଇଥିବାବେଳେ ଯୁବତୀଙ୍କ ପରିଚୟ ମିଳିପାରିନାହିଁ।

ମିଳିଥିବା ସୂଚନା ମୁତାବକ ଜାମୁପାଲି ଗ୍ରାମର ଅଜିତ ବିବାହିତ ହୋଇଥିବାବେଳେ ତାଙ୍କର ଗୋଟିଏ ପୁଅ ଓ ଝିଅ ଅଛନ୍ତି। ତେବେ ସେ କାମ କରିବାକୁ ତାମିଲନାଡୁ ରାଜ୍ୟକୁ ଯାଇଥିବାବେଳେ ସେଠାରେ ଜଣେ ଓଡ଼ିଆ ଯୁବତୀଙ୍କୁ ପ୍ରେମ କରି ଗତକିଛି ଦିନ ତଳେ ଘରକୁ ଆଣିଥିଲେ। ଏହାକୁ ଅଜିତଙ୍କ ଘରଲୋକ ଓ ସ୍ତ୍ରୀ ସହଜରେ ଗ୍ରହଣ କରି ନ ଥିଲେ। ସ୍ତ୍ରୀ ତାଙ୍କୁ ଛାଡି ବାପ ଘରକୁ ଚାଲିଯାଇଥିଲେ। ଅଜିତ ଯୁବତୀଙ୍କ ସହ ଘରେ ରହିଆସୁଥିଲେ। କିନ୍ତୁ ସୋମବାର ସକାଳେ ଉଭୟଙ୍କ ମୃତଦେହ ଗଛରେ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏନେଇ ବୌଦ୍ଧ ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ଗଣେଶ


@ ସୁବାସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



ଶ୍ରୁତି ଭୁବନେଶ୍ୱର ପକ୍ଷରୁ ସୋମବାର ସୂଚନା ଭବନରେ ଆୟୋଜିତ ୧୮ତମ ଓଡ଼ିଶୀ ସଙ୍ଗୀତ ଓ ଲଘୁ ସଙ୍ଗୀତ ସମାରୋହରେ ଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି। (ଫୋଟ: ମନୋରଞ୍ଜନ)

# ଏବର୍ଷ ଜଙ୍ଗଲରେ ଅଧିକ ନିଆଁ ଲାଗିବା ଆଶଙ୍କା

**ସତର୍କ କଲେ, ସଚେତନତାକୁ ଗୁରୁତ୍ୱ ଦେଲେ ପିସିସିଏଫ୍**

**ଭୁବନେଶ୍ୱର, ୬।୨(ବ୍ୟୁରୋ)**

ବଢୁଥିବା ତାପମାତ୍ରା ଓ ଦୀର୍ଘଦିନ ହେବ ବର୍ଷା ହୋଇ ନ ଥିବାରୁ ରାଜ୍ୟରେ ଅଧିକ ନିଆଁ ଲାଗିବାର ଆଶଙ୍କା ରହିଥିବା ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ କହିଛନ୍ତି। ସେ କହିଛନ୍ତି, ୨୦୨୧ରେ ଜଙ୍ଗଲରେ ନିଆଁ ଲାଗିବା ଘଟଣା ସବୁଠାରୁ ଅଧିକ ଚିହ୍ନଟ ହୋଇଥିଲା। ୨୦୨୨ରେ ଏହି ଘଟଣା ପ୍ରାୟ ଅଧା କମିଥିଲା। ଏବର୍ଷ ଜାନୁୟାରୀ ଚତୁର୍ଥ ସପ୍ତାହରୁ ଜଙ୍ଗଲରେ ନିଆଁ ଲାଗିବା ଆରମ୍ଭ ହୋଇଗଲାଣି। ଗଛ ପତ୍ର ଝଡ଼ା ଦେଇଥିବା ବେଳେ ତାପମାତ୍ରା ବଢ଼ିବାରେ ଲାଗିଛି। ଦୀର୍ଘଦିନ ହେଲା ବର୍ଷା ନ ଥିବାରୁ ଜଙ୍ଗଲ ନିଆଁ ଅଧିକ ବ୍ୟାପିବା ଆଶଙ୍କା କରାଯାଉଛି। ଯଦି ନିକଟ ଭବିଷ୍ୟତରେ ବର୍ଷା ନ ହୁଏ, ତେବେ ଜଙ୍ଗଲ ନିଆଁ ଅଧିକ ଲାଗିବ ବୋଲି ପିସିସିଏଫ୍ ସତର୍କ କରାଇଛନ୍ତି। ସେ କହିଛନ୍ତି, ଜଙ୍ଗଲରେ ନିଆଁ ନ ଲାଗିବା ପାଇଁ ବନ ବିଭାଗ ଅନେକ ପଦକ୍ଷେପ ନିଏ। କିନ୍ତୁ ମନୁଷ୍ୟକୃତ ନିଆଁ ଯୋଗୁ ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ବିଶେଷ କ୍ଷତି ହୋଇଥାଏ। ଅନେକ ଲୋକ ବିଡ଼ି ଓ ସିଗାରେଟ ଖାଇବା ପରେ ନ ଲିଭାଇ ଜଙ୍ଗଲରେ ପକାଇ ଦିଅନ୍ତି। ଅନେକ ଦୁର୍ବୃତ୍ତ ପଶୁ ଶିକାର ନିମନ୍ତେ ଜଙ୍ଗଲରେ ନିଆଁ ଲଗାଇ ଦିଅନ୍ତି। ଜଙ୍ଗଲରେ ନିଆଁ ଲାଗିବା ଜଣାପଡ଼ିବା ପରେ ବୈଷୟିକ ଜ୍ଞାନକୌଶଳର ସାହାଯ୍ୟ ନିଆଯାଉଛି। ସାଟେଲାଇଟ୍ ଫଟୋ ଆଧାରରେ ଜଙ୍ଗଲ ନିଆଁକୁ ଲିଭାଇବାକୁ ପ୍ରୟାସ କରାଯାଉଛି। ସୂଚନା ମିଳିବା ପରେ ଜଙ୍ଗଲ ନିଆଁ ଲିଭାଇବାରେ ବିଭାଗ ୯୦ ପ୍ରତିଶତ ସଫଳ ହେଉଛି। ଏବେ ଦିନକୁ ୧୦୦ରୁ ଅଧିକ ଜାଗାରେ ନିଆଁ ଲାଗିବା ଖବର ଆସୁଛି। ତେବେ ଜଙ୍ଗଲ ନିଆଁ କାବୁ କରିବାକୁ ପ୍ରତି ଜିଲାରେ ଜିଲାପାଳଙ୍କ ନେତୃତ୍ୱରେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ବିଭାଗୀୟ କର୍ମଚାରୀ ସ୍କ୍ୱାଡ୍ ପ୍ରସ୍ତୁତ ଅଛନ୍ତି। ଜଙ୍ଗଲ ଭିତରେ ଥିବା ଗାଁଗୁଡ଼ିକରେ ନିଆଁ ନ ଲଗାଇବା ପାଇଁ ଓ ନିଆଁ ଦେଖିଲେ ତୁରନ୍ତ ସୂଚନା ଦେବାକୁ ସଚେତନତା କରାଯାଉଛି। ବାଲିଗୁଡ଼ା, ଫୁଲବାଣୀ, ବୌଦ୍ଧ, ସୁନ୍ଦରଗଡ଼, ଶିମିଳିପାଳ ଜଙ୍ଗଲରେ ସବୁଠାରୁ ଗୁରୁତର ନିଆଁ ଲାଗିଥାଏ। ତେବେ ବନ ବିଭାଗ ନିଆଁକୁ ଆୟତ୍ତ କରିବା ପାଇଁ ସଜାଗ ରହିଛି। ଅନ୍ୟପଟେ ଲୋକଙ୍କୁ ସଚେତନତା କରିବା ନିମନ୍ତେ ଏସ୍‌ଏଚ୍‌ଜିକୁ ପଥପ୍ରାନ୍ତ ନାଟକ କରିବାକୁ ଦାୟିତ୍ୱ ଦିଆଯାଇଛି ବୋଲି ପିସିସିଏଫ୍ କହିଛନ୍ତି।

## କିଟ୍ ପଲିଟେକ୍‌ନିକ୍‌କୁ ଏନ୍‌ବିଏ ମାନ୍ୟତା

**ଭୁବନେଶ୍ୱର, ୬।୨(ବ୍ୟୁରୋ):** ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଅଧୀନ ନ୍ୟାଶନାଲ ବୋର୍ଡ ଅଫ୍ ଆକ୍ରିଡିଟେଶନ୍(ଏନ୍‌ବିଏ) ମାନ୍ୟତାପ୍ରାପ୍ତ ପଲିଟେକ୍‌ନିକ ମଧ୍ୟରେ କିଟ୍ ପଲିଟେକ୍‌ନିକ୍ ସ୍ଥାନ ପାଇଛି। ଏନ୍‌ବିଏ ପକ୍ଷରୁ କିଟ୍ ପଲିଟେକ୍‌ନିକର ୩ଟି ଡିପ୍ଲୋମା ଇଞ୍ଜିନିୟରିଂ ପାଠ୍ୟକ୍ରମକୁ ଏହି ମାନ୍ୟତା ପ୍ରଦାନ କରାଯାଇଛି। ଅନୁଷ୍ଠାନର କାର୍ଯ୍ୟକ୍ରମ, ସଂରଚନା ଓ ସଫଳତା ଆଦିକୁ ଏନ୍‌ବିଏ ସ୍ୱୀକୃତି ମିଳିଛି। ଏନ୍‌ବିଏର ୬ଜଣିଆ ବିଶେଷଜ୍ଞ ଦଳ ୨୦୨୨ ନଭେମ୍ବରରେ କିଟ୍ ପଲିଟେକ୍‌ନିକ ପରିଦର୍ଶନ କରି ବିଭିନ୍ନ ମାନଦଣ୍ଡ ଆଧାରରେ ଆକଳନ ଓ ପର୍ଯ୍ୟାଲୋଚନା କରିଥିଲେ। ବିଶେଷକରି ଗୁଣାତ୍ମକ ଶିକ୍ଷାଦାନ, ଅଧ୍ୟାପକଙ୍କ ଅବଦାନ, ଜ୍ଞାନ ଓ ଦକ୍ଷତାରେ ଛାତ୍ରର ଅଗ୍ରଗତି, ଭିତ୍ତିଭୂମି ଓ ପ୍ରଶାସନିକ କାର୍ଯ୍ୟକଳାପ ଆଦି ମାନଦଣ୍ଡ ଆଧାରରେ ଏହି ମାନ୍ୟତା ପ୍ରଦାନ କରାଯାଇଛି। କିଟ୍ ପଲିଟେକ୍‌ନିକର ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରିବା ସହ ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପକ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କିଟ୍ ରୌପ୍ୟ ଜୟନ୍ତୀ ବର୍ଷ ପାଳନ ଅବସରରେ ଏଭଳି ସଫଳତା ନିଶ୍ଚିତ ଭାବେ ଛାତ୍ରୀଛାତ୍ରଙ୍କୁ ଆହୁରି ପ୍ରେରଣା ଯୋଗାଇବ ବୋଲି ସାମନ୍ତ କହିଛନ୍ତି।

# 'ବ୍ୟାପକ ହେବ କୋଡିଂ ଶିକ୍ଷା'



କାର୍ଯ୍ୟକ୍ରମରେ 'ମୋ ସ୍କୁଲ୍ ଅଭିଯାନ' ଅଧକ୍ଷା ସୁସ୍ମିତା ବାଗ୍‌ଚୀ ଓ ଅନ୍ୟମାନେ।

**ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ**

**ଭୁବନେଶ୍ୱର, ୬।୨(ବ୍ୟୁରୋ):**

ରାଜ୍ୟ ସରକାରଙ୍କ 'ମୋ ସ୍କୁଲ୍ ଅଭିଯାନ' ପକ୍ଷରୁ ଏକ ୩ ଦିନିଆ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ସ୍ଥାନୀୟ ଏକ ହୋଟେଲରେ ଉଦ୍‌ଘାଟିତ ହୋଇଯାଇଛି। 'ମୋ ସ୍କୁଲ୍ ଅଭିଯାନ' ଅଧକ୍ଷା ସୁସ୍ମିତା ବାଗ୍‌ଚୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ସ୍କୁଲ୍‌ସ୍ତରରେ କୋଡିଂ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୋ ସ୍କୁଲ୍ ଅଭିଯାନ ଏହାର 'ଷ୍ଟୁଡେଣ୍ଟ ଆସ୍ପିରେଶନାଲ କାର୍ଯ୍ୟକ୍ରମ' ମାଧ୍ୟମରେ ରାଜ୍ୟର ଉଚ୍ଚ ବିଦ୍ୟାଳୟଗୁଡ଼ିକରେ କୋଡିଂ ଶିକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଉଛି। ଏଥିପାଇଁ ଏକାଧିକ ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥା ସହଭାଗିତାରେ 'ମୋ ସ୍କୁଲ୍' କାର୍ଯ୍ୟ କରୁଛି ବୋଲି ବାଗ୍‌ଚୀ କହିଥିଲେ। ଆଗାମୀ ଭବିଷ୍ୟତରେ କୋଡିଂର ଆବଶ୍ୟକତା ଓ ଗୁରୁତ୍ୱକୁ ଉପଲବ୍ଧ କରି 'ମୋ ସ୍କୁଲ୍ ଅଭିଯାନ' କୋଡିଂ ଶିକ୍ଷାକୁ ଆହୁରି ବ୍ୟାପକ କରିବାକୁ ଲକ୍ଷ୍ୟ ରଖିଛି। ଏହା ମାଧ୍ୟମରେ ଯେପରି ଛାତ୍ରୀଛାତ୍ରଙ୍କ ଗଣନା ଶୈଳୀ ଓ ସୃଜନଶୀଳତା ବୃଦ୍ଧି ହେବ, ତା'ଉପରେ ମଧ୍ୟ 'ମୋ ସ୍କୁଲ୍' ଗୁରୁତ୍ୱ ଦେଉଥିବା ସୁସ୍ମିତା କହିଥିଲେ। ୩ଦିନ ଧରି ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୩୦ ଜିଲାରୁ ବିଜ୍ଞାନ ଶିକ୍ଷକମାନେ ପ୍ରଶିକ୍ଷଣ ନେଉଛନ୍ତି। ପ୍ରଥମ ଦିନରେ ୫୦ଟି ଉଚ୍ଚ ବିଦ୍ୟାଳୟରୁ ୬୨ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଆଡ୍‌ଭାନ୍ସ କୋଡିଂ ଉପରେ ପ୍ରଶିକ୍ଷଣ ନେଇଥିଲେ। ଆଗାମୀ ଦିନରେ ସ୍କୁଲ୍‌ସ୍ତରରେ ସ୍ୱତନ୍ତ୍ର ପ୍ରଶିକ୍ଷକଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷିତ କରାଯିବ। କାର୍ଯ୍ୟକ୍ରମରେ 'ମୋ ସ୍କୁଲ୍ ଅଭିଯାନ' ମୁଖ୍ୟ ପରିଚାଳନା ଅଧିକାରୀ ଅମରଜିତ ଜେନାଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। 'କ୍ୱେଷ୍ଟ ଆଲିଆନ୍ସ' ସହ ମିଶି ଏହି କାର୍ଯ୍ୟକ୍ରମର ଆୟୋଜନ କରୁଛି 'ମୋ ସ୍କୁଲ୍ ଅଭିଯାନ'।

# ସିବିଆଇ ତଦନ୍ତ ପାଇଁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

**କଟକ ଅଫିସ,୬।୨:**

